


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-271 • MONDAY • 30 MARCH 2026 • PAGE-12 • ₹ 7.00 | PANIKOILI | • ବର୍ଷ-୪୩ • ସଂଖ୍ୟା-୨୭୧ • ସୋମବାର • ୩୦ ମାର୍ଚ୍ଚ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦

# ବିଜୁଙ୍କୁ ବିଜେପି ସାଂସଦଙ୍କ ଅପମାନ

## ରାଜ୍ୟରେ ତୀବ୍ର ପ୍ରତିକ୍ରିୟା; ବିଜେଡିର ପ୍ରତିବାଦ

■ ଭୁବନେଶ୍ୱର, ୨୯।୩ (ସମିସ): ଯେଉଁ ବିଜୁ ପଟ୍ଟନାୟକଙ୍କ ପରଲୋକରେ ତିନି ଦେଶର ପତାକା ଅବନମିତ ହୋଇଥିଲା, ଯେଉଁ ବିଜୁ ପଟ୍ଟନାୟକଙ୍କୁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ଭୁରିଭୁରି ପ୍ରଶଂସା କରିଛନ୍ତି; ସେହି ବିଜୁ ପଟ୍ଟନାୟକଙ୍କ ପ୍ରତି ଅତ୍ୟନ୍ତ ନିମ୍ନରୁଚିର ମନ୍ତବ୍ୟ ଦେଇଛନ୍ତି ଜଣେ ବିଜେପି ସାଂସଦ ନିଶିକାନ୍ତ ଦୁବେ। ବିଭିନ୍ନ ଠକେଇ ଓ ଜାଲିଆତି ମାମଲାରେ ଅଭିଯୁକ୍ତ ସାଂସଦ ନିଶିକାନ୍ତ ଦୁବେ ଓଡ଼ିଆ ଅସ୍ମିତାର ଚଳମାନ ପ୍ରତୀକ କୁହାଯାଉଥିବା ପ୍ରବାଦପୁରୁଷ ବିଜୁବାବୁଙ୍କ ବିରୋଧରେ ସିଆଇଏ ଏଜେଣ୍ଟ ପରି ଘୃଣ୍ୟ ଟିପ୍ପଣୀ ଦେଇଛନ୍ତି। ଯାହାକୁ ନେଇ ସାରା ରାଜ୍ୟରେ ପ୍ରକାଶ ପାଇଛି ତୀବ୍ର ପ୍ରତିକ୍ରିୟା। ନିଶିକାନ୍ତ ଏପରି ମନ୍ତବ୍ୟକୁ ବିଜେଡି ପ୍ରତିବାଦ କରିଛି। ଦଳର ୭ ରାଜ୍ୟସଭା ସାଂସଦ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି। ବିଜେଡି ସାଂସଦ ମାନସ ମଙ୍ଗରାଜ ସାମାଜିକ ଗଣମାଧ୍ୟମରେ ଭର୍ତ୍ସନା କରିବା ସହ ଇତିହାସକୁ ବିକୃତ କରିବାକୁ ନିଶିକାନ୍ତ ଦୁବେଙ୍କ ଏପରି ଉଦ୍ୟମକୁ ଓଡ଼ିଶାବାସୀ କଦାପି କ୍ଷମା କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ନିଶିକାନ୍ତ ଦୁବେ ଅଧ୍ୟକ୍ଷ ଥିବା



ସଂସଦର ସ୍ଥାୟୀ କମିଟିରୁ ସାଂସଦ ସସ୍ମିତ ପାତ୍ର ଇସ୍ତଫା ଦେଇଛନ୍ତି।

ଝାଡ଼ଖଣ୍ଡର ବିଜେପି ସାଂସଦ ନିଶିକାନ୍ତ ଦୁବେ ୧୯୬୨ ଚୀନ ସହ ଯୁଦ୍ଧ ଓ ଚାରିବାଟିଆ ବିମାନଘାଟିରେ ଆମେରିକୀୟ ସେନାଙ୍କ ଉପସ୍ଥିତିକୁ ନେଇ ଶ୍ରୀ ଦୁବେଙ୍କର ବିଜୁବାବୁଙ୍କ ପ୍ରତି ପ୍ରଦାନ କରିଥିବା ଅସମ୍ମାନସୂଚକ ମନ୍ତବ୍ୟ ଏବେ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଛି। ବିଜେପିର ଶୀର୍ଷ ନେତୃତ୍ୱଙ୍କ ନିକଟତମ ବୋଲି ଦାବି କରୁଥିବା, ନୀତି ନୈତିକତା ବିବର୍ଜିତ ଓ

### ନିଶିକାନ୍ତଙ୍କ ମନ୍ତବ୍ୟକୁ ବିଜେଡି ସାଂସଦମାନଙ୍କ ତୀବ୍ର ନିନ୍ଦା

### ସାମାଜିକ ଗଣମାଧ୍ୟମରେ ଭର୍ତ୍ସନା କଲେ ମାନସ

### ସ୍ଥାୟୀ କମିଟିରୁ ଇସ୍ତଫା ଦେଲେ ବିଜେଡି ସାଂସଦ

### ସାଂସଦଙ୍କ କ୍ଷମାପ୍ରାର୍ଥନା ଦାବି କଲା ସିପିଏମ୍

ବିଭିନ୍ନ ଠକେଇ ମାମଲାରେ ଅଭିଯୁକ୍ତ ନିଶିକାନ୍ତ ଦୁବେଙ୍କର ବିଜୁ ବାବୁଙ୍କ ପରି ପ୍ରବାଦ ପୁରୁଷ, ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଟିପ୍ପଣୀ ଦେବାର ସାମାନ୍ୟତମ ନୈତିକତା ନାହିଁ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ବିଜୁବାବୁଙ୍କ ପ୍ରତି ଅପମାନସୂଚକ ମନ୍ତବ୍ୟ ପ୍ରଦାନ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ ନିଶିକାନ୍ତ ଦୁବେଙ୍କ ଦ୍ୱାରା କରାଯାଇଥିବା ଅତ୍ୟନ୍ତ ଅପମାନଜନକ ଏବଂ ଦାୟିତ୍ୱହୀନ ମନ୍ତବ୍ୟକୁ ତୀବ୍ର ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଇତିହାସକୁ ବିକୃତ କରିବା ଉଦ୍ଦେଶ୍ୟରେ କରାଯାଇଥିବା ଏପରି ଭିତ୍ତିହୀନ ଏବଂ ଅର୍ଦ୍ଧସତ୍ୟ ଉକ୍ତି ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶାର ଗର୍ବ ବିଜୁ ପଟ୍ଟନାୟକଙ୍କ ପ୍ରତି ଅପମାନ । ଏହା କେବଳ ବିଜୁ ବାବୁଙ୍କ ଲିଗାସୀ ଉପରେ ଆକ୍ରମଣ ନୁହେଁ, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ଭାବନା ଉପରେ ଆକ୍ରମଣ। ଏପରି ନିମ୍ନ ସ୍ତରର ରାଜନୀତି ଦେଶ ପ୍ରତି ତାଙ୍କର ବିଶାଳ ଯୋଗଦାନ ଉପରେ ପ୍ରଭାବ ପକାଇପାରିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ସାଂସଦ ଦେବାଶିଷ ସାମନ୍ତରାୟ, ମୁନ୍ନା ଖାଁ, ନିରଞ୍ଜନ ବିଶି, ସୁଲତା ଦେ, ସୁଭାଶିଷ ଖୁଣ୍ଟିଆ ପ୍ରମୁଖ କଠୋର ଶବ୍ଦରେ ନିଶିକାନ୍ତଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କର ମତିଭ୍ରମ ଘଟିଥିବା କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସାଂସଦ ସୁଭାଶିଷ ଖୁଣ୍ଟିଆ କହିଛନ୍ତି ଯେ ଏପରି ଭିତ୍ତିହୀନ, ଅସଂଗତ ଏବଂ ଐତିହାସିକ ସତ୍ୟତାରୁ ବଞ୍ଚିତ ଦାବିଗୁଡ଼ିକ ଜଣେ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଏବଂ ଓଡ଼ିଶାର ଅମର ପ୍ରତୀକ ତଥା ଦେଶର ଗର୍ବ ଓ ବୀରତ୍ୱର ପ୍ରତି ଗମ୍ଭୀର ଅପମାନ ।ଏହା କେବଳ ବିଜୁ ବାବୁଙ୍କ ବିରାଟ ▶ପୃଷ୍ଠା-୭

## ରାସ୍ତାକୁ ଓହ୍ଲାଇଲେ ୮୦ ଲକ୍ଷ ଆମେରିକୀୟ

# ଟ୍ରମ୍ପଙ୍କ ବିରୋଧରେ ସମାବେଶ




■ ୱାସିଂଟନ/ସେଣ୍ଟପଲ୍, ୨୯।୩ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଏବଂ ଇରାନ ସହ ଯୁଦ୍ଧ ବିରୋଧରେ ସାରା ବିଶ୍ୱରେ ବିରୋଧର ନିଆଁ ଜଳୁଛି। ଖାସ୍ କରି ଟ୍ରମ୍ପଙ୍କ ଦୂରଦୃଷ୍ଟିହୀନ ନୀତି ଓ ଇରାନ ଯୁଦ୍ଧ ବିରୋଧରେ ଲକ୍ଷଲକ୍ଷ ଲୋକ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏହି ବିକ୍ଷୋଭକୁ 'ନୋ କିଙ୍ଗସ' ବୋଲି ନାମିତ କରାଯାଇଛି। ଏହି ଆନ୍ଦୋଳନରେ ବ୍ୟାପକ ସହଭାଗିତା ଦେଖିବାକୁ ମିଳିଛି। ଆୟୋଜକଙ୍କ ଅନୁଯାୟୀ, ଶନିବାର ଅନୁଷ୍ଠିତ ଏହି ପ୍ରତିବାଦରେ ପ୍ରାୟ ୯ ମିଲିୟନ ଅର୍ଥାତ ୯୦ ଲକ୍ଷ ଲୋକ ଏହି ବିକ୍ଷୋଭରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଥିଲା। ତେବେ ଏହି ରାଲିରେ ୮୦ ଲକ୍ଷ ଲୋକ ସାମିଲ ହୋଇ ଟ୍ରମ୍ପଙ୍କ ଇସ୍ତଫା ଦାବି କରିଛନ୍ତି। ଆମେରିକାର ସମସ୍ତ ୫୦ଟି ରାଜ୍ୟରେ ପ୍ରାୟ ୩,୧୦୦ରୁ ଅଧିକ କାର୍ଯ୍ୟକ୍ରମ ପଞ୍ଜିକୃତ ହୋଇଛି। ସେଣ୍ଟ ପଲ୍‌ସ୍ଥିତ ମିନେସୋଟା କ୍ୟାପିଟାଲ ଗ୍ରାଉଣ୍ଡରେ କ୍ୟାପିଟାଲ ଗ୍ରାଉଣ୍ଡରେ ବିରାଟ ଜନ ସମାଗମ ହୋଇଥାଏ। ବିଶିଷ୍ଟ ଗାୟକ ବ୍ରୁସ୍ ସ୍ପ୍ରିଙ୍ଗଷ୍ଟାଇନ୍ ଏଠାରେ ସଙ୍ଗୀତ ପରିବେଷଣ କରି ଲୋକଙ୍କୁ ଉତ୍ସାହିତ କରିଥିଲେ। ସେ ଟ୍ରମ୍ପ ପ୍ରଶାସନର କଠୋର ଆଭିମୁଖ୍ୟକୁ ସମାଲୋଚନା କରିଥିଲେ। ଲୋକମାନେ ମୁଖ୍ୟତଃ ଇରାନ ସହ ଯୁଦ୍ଧ, କଠୋର ଆଗମନ ଅର୍ଥାତ ଇମିଗ୍ରେସନ ନୀତି ଏବଂ ଟ୍ରାନ୍ସଜେଣ୍ଡର ଅଧିକାର କ୍ଷୁର୍ଣ୍ଣ ହେବା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। କେବଳ ଆମେରିକା ନୁହେଁ, ବରଂ ଲଣ୍ଡନ, ପ୍ୟାରିସ ଓ ରୋମ ଭଳି ସହରରେ ମଧ୍ୟ ହଜାର ହଜାର ଲୋକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ତେବେ ଟ୍ରମ୍ପ ପ୍ରଶାସନ ଏହି ବିକ୍ଷୋଭକୁ ସାମାଲୋଚନା କରି କହିଛି ଯେ ଏହା ▶ପୃଷ୍ଠା-୭

# ବିଜେପି ନେତାଙ୍କୁ 'ସାତ ଖୁନ୍ ମାଫ୍'

## ରାସ୍ତାରେ ଗୁଳି ଫୁଟାଇ ନିଧଡ଼କ ବୁଲୁଛନ୍ତି ଟିଟିଲାଗଡ଼ ବିଜେପି ବିଧାୟକ

■ ଭୁବନେଶ୍ୱର, ୨୯।୩ (ସମିସ): ରାମ ନବମୀରେ ଟିଟିଲାଗଡ଼ ବିଜେପି ବିଧାୟକ ନବୀନ ଜୈନ ସର୍ବସାଧାରଣରେ ଫାଙ୍କା ଗୁଳିଚାଳନା ଘଟଣା ଏବେ ରାଜ୍ୟ ପ୍ରସଙ୍ଗ ହୋଇନାହିଁ। ଏହା ଜାତୀୟ ପ୍ରସଙ୍ଗ ହୋଇଛି, ବିଶିଷ୍ଟ ବ୍ୟକ୍ତି ବିଶେଷ ନବୀନ ଜୈନଙ୍କ ଗୁଳି ଚାଳନା ଭିଡିଓ ପୋଷ୍ଟ କରି ଓଡ଼ିଶାର ଆଇନ ଶୃଙ୍ଖଳା ସମ୍ପର୍କରେ ପ୍ରଶ୍ନ ଉଠାଉଛନ୍ତି। ପୂର୍ବରୁ ୟୁପି ବିହାର ଆଦିରେ ଏଭଳି ଘଟଣା ଘଟୁଥିବା ବେଳେ ଓଡ଼ିଶାରେ ଏଭଳି ଘଟଣା ଘଟିବା ସମସ୍ତଙ୍କୁ ଚକିତ କରିଛି। ଏହି ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପ୍ରଶାସନ ଏଯାଏଁ ଚୁପ୍ ବସିଛି। ଅନ୍ୟପକ୍ଷରେ ନର୍ଲା ବିଧାୟିକାଙ୍କ ସ୍ୱାମୀଙ୍କ ବିରୋଧରେ ଏକ ଧମକ ଅଭିଯୋଗ ମାମଲାରେ କଳାହାଣ୍ଡି ପୁଲିସ ବିଧାୟିକା ମନୋରମା ମହାନ୍ତିଙ୍କ ରାଜଧାନୀସ୍ଥିତ ସରକାରୀ ବାସଭବନରେ ପଶି ତାଙ୍କ ଛୋଟ ଝିଅ ଓ ଘରୋଇ ପରିଚାରିକାଙ୍କୁ ଧମକଚମକ ଦେଇଛି। ରାଜ୍ୟରେ ଆଇନ ଓ କାନୁନ ବ୍ୟବସ୍ଥାରେ ଏ ପ୍ରକାର ଦ୍ୱୈତ ବିଚାରବୋଧ ସିଧାସଳଖ ବିରୋଧୀଙ୍କ ପ୍ରତି ରାଜନୈତିକ ଅସୂୟାକୁ ସୂଚାଉଥିବା ଅଭିଯୋଗ ହୋଇଛି।

କେବଳ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ନୁହନ୍ତି, ଅନେକ ବିଜେପି ନେତା ବିଭିନ୍ନ ସମୟରେ ଆଇନକୁ ହାତକୁ ନେଇଥିବା ଅଭିଯୋଗ ହୋଇଛି। ରାଜଧାନୀରେ ବିଏମ୍‌ସି ଅତିରିକ୍ତ କମିଶନରଙ୍କ ତାଙ୍କ କାର୍ଯ୍ୟାଳୟରୁ ଭିଡ଼ି ରାସ୍ତାରେ ମାଡ଼ ହୋଇଛି। ▶ପୃଷ୍ଠା-୭

### ରାଜନଗର ବିଡିଓଙ୍କୁ ଆକ୍ରମଣ ପରେ ଏସିଏଫ୍‌ଙ୍କୁ ବିଜେପି ନେତାଙ୍କ ଧମକ

### ବିଜେପି ନେତାଙ୍କ ଭାଇଙ୍କ ବିରୋଧରେ ବି ହେଲାନାହିଁ କାର୍ଯ୍ୟାନୁଷ୍ଠାନ

### ଏଏସ୍‌ଓ ମାଡ଼ ଘଟଣାରେ ଏଯାଏ ହାତବାନ୍ଧି ବସିଛନ୍ତି ରାଜ୍ୟ ସରକାର

### ଧମକ ଅଭିଯୋଗରେ ଏପଟେ ନର୍ଲା ବିଧାୟିକାଙ୍କ ଘରେ ପଶିଲା ପୁଲିସ

### ନିଜ ଦଳର ମନ୍ତ୍ରୀ ଓ ବିଧାୟକଙ୍କୁ ବାନ୍ଧିବାକୁ ବି ପଛାଇ ନ ଥିଲେ ନବୀନ

## ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ଥରହର-ହାହାକାର

## ଆକ୍ରମଣ, ପ୍ରତି ଆକ୍ରମଣରେ ଥରୁଛି ଇରାନ, ଇସ୍ରାଏଲ, ଉପସାଗରୀୟ ଦେଶ



■ ତେହରାନ/ତେଲ ଆଭିଭ, ୨୯।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ବିସ୍ଫୋରକ ସ୍ଥିତିରେ ପହଞ୍ଚି ଯାଇଛି। ବିଭିନ୍ନ କ୍ଷେତ୍ରରେ ସାମରିକ, ରାଜନୈତିକ ଏବଂ ଅର୍ଥନୈତିକ ଚାପ ସତ୍ତ୍ୱେ ଏହା ଆହୁରି ଭୟଙ୍କର ହେବାରେ ଲାଗିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ କରାଳ ରୂପ ଧାରଣ କରି ମଧ୍ୟପ୍ରାଚ୍ୟକୁ ସମ୍ପୂର୍ଣ୍ଣ ଗିଳି ଦେଇଛି। ଏହାର ପ୍ରଭାବରେ ବିଶ୍ୱରେ ଶକ୍ତି ସଙ୍କଟ ଗମ୍ଭୀର ହେବାରେ ଲାଗିଛି। ଆକ୍ରମଣ ଏବଂ ପ୍ରତି ଆକ୍ରମଣ ମଧ୍ୟରେ ▶ପୃଷ୍ଠା-୭

### ଇରାନର ପ୍ରମୁଖ ବାଲିଷ୍ଟିକ ମିସାଇଲ ୟୁନିଟରେ ଇସ୍ରାଏଲର ଆକ୍ରମଣ

### ୟୁଏଇ, କୁଏତ, ସାଉଦି ଆରବ, ଇସ୍ରାଏଲରେ ଇରାନର କ୍ଷେପଣାସ୍ତ୍ର ମାଡ଼

### ଆଲୋଚନା ଆଳରେ ସେନା ଅଭିଯାନ ପାଇଁ ଆମେରିକାର ପ୍ରସ୍ତୁତି

### ଆମେରିକା ସେନାକୁ ଜଳାଇ ଦେବୁ: ଇରାନ

## ଭୟଙ୍କର ଇନ୍ଧନ ସଙ୍କଟ

# ପାକିସ୍ତାନରେ ସପ୍ତାହକୁ ଦୁଇ ଦିନ ଲକ୍‌ଡାଉନ୍

■ଇସଲାମାବାଦ୍, ୨୯ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁଁ ପାକିସ୍ତାନରେ ତୈଳ ସଙ୍କଟ ଚରମ ସୀମାରେ ପହଞ୍ଚିଛି। ଏହି ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଶାହବାଜ ସିରିଫ୍ ରବିବାର ସାରା ଦେଶରେ ସପ୍ତାହକୁ ଦୁଇଦିନ ଶନିବାର ଓ ରବିବାର ସମ୍ପୂର୍ଣ୍ଣ ଲକ୍‌ଡାଉନ ଲାଗୁ କରିବାକୁ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଆସନ୍ତା ଏପ୍ରିଲ ୪ ଓ ୫ରୁ କାର୍ଯ୍ୟକାରୀ ହେବ। ପ୍ରତିଶନିବାର ରାତି ୧୨.୦୧ରୁ ରବିବାର ୧୧.୫୯ ପର୍ଯ୍ୟନ୍ତ ▶ପୃଷ୍ଠା-୭

# ନର୍ଲା ବିଜେଡି ବିଧାୟିକାଙ୍କ କ୍ୱାର୍ଟର୍ସରେ ପଶିଲା ପୁଲିସ



■ ଭୁବନେଶ୍ୱର, ୨୯।୩ (ସମିସ): ରାଜଧାନୀରେ ନର୍ଲା ବିଜେଡି ବିଧାୟିକା ମନୋରମା ମହାନ୍ତିଙ୍କ ସରକାରୀ ବାସଭବନରେ ଧସେଇ ପଶିଛି କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୁଲିସ। ବିଧାୟିକାଙ୍କ ଅନୁପସ୍ଥିତିରେ ଓ ଘରେ କୌଣସି ପୁରୁଷ ବ୍ୟକ୍ତି ନ ଥିବା ସମୟରେ ସବୁ ଆଇନକାନୁନକୁ ଭାଙ୍ଗି ପୁଲିସ ବଳପୂର୍ବକ ତାଙ୍କ ଘରେ ପ୍ରବେଶ କରିଛି। ଏପରିକି ବିଧାୟିକାଙ୍କ ପରିଚାରିକା ପୋଷାକ ବଦଳାଉଥିବା ଘର ଭିତରେ ମଧ୍ୟ ଜବରଦସ୍ତ ପ୍ରବେଶ କରିଛି। ଏହି ସମୟରେ ବିଧାୟିକାଙ୍କ ଝିଅ ଓ ପରିଚାରିକା ଏକାକୀ ଥିଲେ ମଧ୍ୟ ପୁଲିସ ଏହାକୁ ଭ୍ରୂକ୍ଷେପ କରିନାହିଁ। କାହା ନିର୍ଦ୍ଦେଶରେ ପୁଲିସ ସବୁ ଆଇନକାନୁନ ଭାଙ୍ଗି ଚାଲିଛି ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଚଢାଉ ବେଳେ ଖବର ପାଇଁ ଭୁବନେଶ୍ୱର ମେୟର ସୁଲୋଚନା ଦାସ ତାଙ୍କ କ୍ୱାର୍ଟର୍ସରେ ପହଁଞ୍ଚିବା ସହ ବିଜେଡିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ, ଯୁବ ସଭାପତି ଚିନ୍ମୟ ସାହୁ ଏବଂ ଛାତ୍ର ସଭାପତି ଇପ୍ସିତା ସାହୁ ଘଟଣାସ୍ଥଳରେ ପହଞ୍ଚି ପୁଲିସ କାର୍ଯ୍ୟାନୁଷ୍ଠାନକୁ ତୀବ୍ର ବିରୋଧ କରିଛନ୍ତି।

### ଘଟଣାସ୍ଥଳରେ ପହଞ୍ଚି ବିରୋଧ କଲେ ବହୁ ବିଜେଡି ନେତା

ଗତ ମାର୍ଚ୍ଚ ୧୬ ତାରିଖରେ ରାଜ୍ୟସଭା ନିର୍ବାଚନର ଠିକ୍ ଗୋଟିଏ ଦିନ ପୂର୍ବରୁ ଅର୍ଥାତ ମାର୍ଚ୍ଚ ୧୫ ତାରିଖରେ କେସିଙ୍ଗା ଥାନାରେ ବିଧାୟିକାଙ୍କ ସ୍ୱାମୀ ତଥା ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ▶ପୃଷ୍ଠା-୭






ସକାଳ
www.sakalaepaper.com

## ପେରୁ ମରୁଭୂମିରୁ ମିଳିଲା ୩,୮୦୦ ବର୍ଷ ପୁରୁଣା ରହସ୍ୟମୟ ସହର

### ଏକ ସଂସ୍କୃତିମୟ, ଶାନ୍ତିପ୍ରିୟ ସଭ୍ୟତା ଉନ୍ମୋଚନ



ଲିମା/ପେରୁ,୨୯ ।୩(ଏଜେନ୍ସି): ଲାଟିନ ଆମେରିକୀୟ ଦେଶ ପେରୁର ଶୁଷ୍କ ପାହାଡ଼ିଆ ତଥା ମରୁଭୂମି ଅଞ୍ଚଳରେ ପ୍ରତ୍ନତତ୍ତ୍ୱବିତମାନେ ଏକ ପ୍ରାଚୀନ ସହର 'ପେନିକୋ'ର ସନ୍ଧାନ ପାଇଛନ୍ତି। ଏହା ଆମେରିକା ମହାଦେଶର ପ୍ରାଚୀନ ସଭ୍ୟତା ବିଷୟରେ ଚିନ୍ତାଧାର ବଦଳାଇ ଦେଇଛି। ପେରୁର ରାଜଧାନୀ ଲିମାଠାରୁ କିଛି ଘଣ୍ଟାର ଦୂରରେ ଥିବା ସୁପେ ଭ୍ୟାଲି ମରୁଭୂମିରେ ଏହି ସହର ଅବସ୍ଥିତ। ପ୍ରାୟ ୩,୮୦୦ ବର୍ଷ ପୁରୁଣା ଏହି ସହରଟି ପ୍ରସିଦ୍ଧ ୫,୦୦୦ ବର୍ଷ ପୁରୁଣା କାରାଲ ସଭ୍ୟତା ସହିତ ଜଡ଼ିତ ବୋଲି ଅନୁମାନ କରାଯାଉଛି। ପ୍ରତ୍ନତତ୍ତ୍ୱବିତ୍ ରୁଥ୍ ଶାଡ଼ିଙ୍କ ନେତୃତ୍ୱରେ ଏଠାରେ ପ୍ରାୟ ୧୮ଟି ସଂରଚନା ମିଳିଛି, ଯେଉଁଥିରେ ମନ୍ଦିର, ଅବାସିକ ଗୃହ ଓ ଖୋଲା ପ୍ରାଙ୍ଗଣ ରହିଛି। ଏହାର ନିର୍ମାଣ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ କରାଯାଇଥିଲା। ଏହି ରହସ୍ୟମୟ ସହରର ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏଠାରେ କୌଣସି ସୁରକ୍ଷା ପ୍ରାଚୀର କିମ୍ବା ଯୁଦ୍ଧ ଓ ଅସ୍ତ୍ରଶସ୍ତ୍ରର ଚିହ୍ନ ମିଳିନାହିଁ। ଯେତେବେଳେ ୪,୦୦୦ ବର୍ଷ ପୂର୍ବେ ଭୟଙ୍କର ମରୁଡ଼ି ପଡ଼ିଥିଲା, ସେତେବେଳେ ଏହି ସଭ୍ୟତାର ଲୋକମାନେ ପରସ୍ପର ସହ ଲଢ଼ିବା ପରିବର୍ତ୍ତେ ପରିସ୍ଥିତି ସହ ଖାପଖୁଆଇ ଚଳିବା ଏବଂ ବାଣିଜ୍ୟ ବ୍ୟବସାୟ ଜାରି ରଖାଇବାକୁ ଶ୍ରେୟସ୍କର ମନେ କରିଥିଲେ। ଖନନ ସମୟରେ ମାଟିର ମୂର୍ତ୍ତି, ହାଡ଼ରେ ତିଆରି ଅଳଙ୍କାର ଓ ସୁନ୍ଦର କେଶବିନ୍ୟାସ ଥିବା ଜଣେ ମହିଳାଙ୍କ ମୁଣ୍ଡର ମୂର୍ତ୍ତି ମିଳିଛି। ଏଥିରୁ ସେମାନଙ୍କର ଉନ୍ନତ ସାଂସ୍କୃତିକ ରୁଚି ବିଷୟରେ ଜଣାପଡୁଛି। ସାଧାରଣତଃ ସମ୍ପଦର ଅଭାବ ହେଲେ ପ୍ରାଚୀନ ସଭ୍ୟତାଗୁଡ଼ିକ ମଧ୍ୟରେ ଯୁଦ୍ଧ ହୋଇଥାଏ, କିନ୍ତୁ ପେନିକୋ ଏହାର ସମ୍ପୂର୍ଣ୍ଣ ଓଲଟା। ଏହା ଦର୍ଶାଉଛି ଯେ, କଠିନ ପରିସ୍ଥିତିରେ ମଧ୍ୟ ବିନା ହିଂସାରେ ଏକ ସଂଗଠିତ ସମାଜ ଗଢ଼ିବା ସମ୍ଭବ ଥିଲା।

## ଇଣ୍ଡିଗୋ ବିମାନରେ ଆତଙ୍କ | ଜରୁରୀକାଳୀନ ଦ୍ୱାର ଖୋଲିବାକୁ ଚେଷ୍ଟା କଲେ ଯାତ୍ରୀ

### କହିଲେ 'ଭୂତ ଗ୍ରାସିଥିଲା'



ବାରାଣସୀ,୨୯ ।୩(ଏଜେନ୍ସି): ଶନିବାର ବେଙ୍ଗାଲୁରୁରୁ ବରାଣାସୀ ଯାଉଥିବା ଇଣ୍ଡିଗୋ ବିମାନରେ (ଇଣ୍ଡିଗୋ ୬-୧୮୫) ଜଣେ ଯାତ୍ରୀଙ୍କ ଅଜବ କାର୍ଯ୍ୟ ଯୋଗୁଁ ଅନ୍ୟଯାତ୍ରୀମାନେ ଭୟଭୀତ ହେବା ସହ ଆତଙ୍କିତ ହୋଇପଡ଼ିଥିଲେ। ଅବତରଣର ମାତ୍ର କିଛି ମିନିଟ୍ ପୂର୍ବରୁ ଜଣେ ବ୍ୟକ୍ତି ବିମାନର ଜରୁରୀକାଳୀନ ଦ୍ୱାର (ଇମର୍ଜେନ୍ସି ଏକଜିଟ୍) ଖୋଲିବାକୁ ଚେଷ୍ଟା କରିଥିଲେ। ବିମାନଟି ବେଙ୍ଗାଲୁରୁରୁ ଉଡ଼ାଣ ଭରିବାର ମାତ୍ର ୧୫ ମିନିଟ ପରେ ମହମ୍ମଦ ଅଦନାନ ନାମକ ଜଣେ ଯାତ୍ରୀ ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସେତେବେଳେ କ୍ରୁ ସଦସ୍ୟମାନେ ତାଙ୍କୁ ସତର୍କ କରାଇ ଦେଇଥିଲେ। ଏହାପରେ ରାତି ପ୍ରାୟ ୧୦.୨୦ ସମୟରେ, ଯେତେବେଳେ ବିମାନଟି ଅବତରଣ ପାଇଁ ମାତ୍ର ୫୦୦ ଫୁଟ ଉଚ୍ଚରେ ଥିଲା, ଅଦନାନ ପୁଣି ଜରୁରୀକାଳୀନ ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସ୍ଥିତି ବିପଜ୍ଜନକ ଦେଖି ପାଇଲଟ ତୁରନ୍ତ ଅବତରଣ ପ୍ରକ୍ରିୟା ବନ୍ଦ କରି ବିମାନକୁ ପୁଣି ଉପରକୁ ନେଇ ଯାଇଥିଲେ ଏବଂ ପ୍ରାୟ ୧୫ ମିନିଟ ପରେ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। ବିମାନ ଅବତରଣ ପରେ ସିଆଇଏସଏଫ୍ ଏବଂ ପୁଲିସ ଅଦନାନଙ୍କୁ ଗିରଫ କରିଥିଲା। ପଚରାଉଚରା ସମୟରେ ସେ ଦେଇଥିବା ବୟାନ ସମସ୍ତଙ୍କୁ ଚକିତ କରିଥିଲା। ସେ ପ୍ରଥମେ କହିଥିଲେ ଯେ ତାଙ୍କୁ ଭୂତ ଲାଗିଥିଲା ଅର୍ଥାତ ତାଙ୍କ ଉପର ଭୂତ ସବାର ଥିଲା। ସେଥିପାଇଁ ସେ ଏମିତି କଲେ। ପୁଣି ପରେ ସେ କହିଥିଲେ ଯେ ସେ ଗୋଆରୁ ଛୁଟି କାଟି ଫେରୁଥିଲେ ଏବଂ ସେ ଜାଣି ନଥିଲେ ଯେ ଏହି ହ୍ୟାଣ୍ଡଲଟି ଜରୁରୀକାଳୀନ ଦ୍ୱାରର। ଉତ୍ତର ପ୍ରଦେଶର ମାଉ ଜିଲ୍ଲାରେ ଅଦନନାଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ସୌଭାଗ୍ୟବଶତଃ, ଏହି ଘଟଣାରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି।

# ଆମେରିକାର ଆଖି ତାଡ଼ିଦେଲା ଇରାନ୍

### କ୍ଷେପଣାସ୍ତ୍ର ମାଡ଼ରେ ଇଣ୍ଟରସେପ୍ଟର୍ ଇ-୩ ସେଣ୍ଟ୍ରି ବିମାନ ଧ୍ୱଂସ

### ଡୋନାଲ୍ଡ ଟ୍ରମ୍ପ ନାକେଦମ୍



ତେହରାନ, ୨୯।୩ (ଏଜେନ୍ସି): ଆମେରିକା-ଇସ୍ରାଏଲ ଏବଂ ଇରାନ ଯୁଦ୍ଧ ଥମିବାର ନା ଧରୁନି। ଖାଲି ପ୍ରସ୍ତାବରେ ଅସ୍ତ୍ରବିରତି ଅଟକି ରହିଥିବାବେଳେ ବଡ଼ ଯୁଦ୍ଧ ପାଇଁ ତିନି ଦେଶ ପ୍ରସ୍ତୁତି କରୁଛନ୍ତି। ଏହି ସଂଘର୍ଷରେ ଆମରିକାକୁ ଇରାନ ନାକେଦମ କରିଦେଲାଣି। ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ମଧ୍ୟପ୍ରାଚ୍ୟରେ ଥିବା ଆମେରିକା ଭିତ୍ତିଭୂମିକୁ ଇରାନ ଧ୍ୱଂସ କରିଦେଲାଣି। ସ୍ଥଳ ଅଭିଯାନ ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟପ୍ରାଚ୍ୟକୁ ସେନା ପଠାଇଥିବାବେଳେ ଆମେରିକାକୁ ଇରାନ ବଡ଼ ଝଟ୍କା ଦେଇଛି। ଉପସାଗରୀୟ ଦେଶରେ ଥିବା ଆମେରିକାର ଅଣ୍ଟା ଭାଙ୍ଗି ଦେଇଛି। ସାଉଦି ଆରବର ପ୍ରିନ୍ସ ସୁଲ୍‌ତାନ ଏୟାରବେସରେ କ୍ଷେପଣାସ୍ତ୍ର ମାଡ଼ କରି ଆମେରିକାର ପ୍ରଭୁତ୍ୱକୁ ହ୍ରାସ କରିଦେଇଛି। ଉପସାଗରୀୟ କ୍ଷେତ୍ରରେ ଆମରିକାର ଆଖି ପାଲଟି ଥିବା ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ ବିମାନକୁ ଧ୍ୱଂସ କରିଦେଇଛି। ଇରାନ କ୍ଷେପଣାସ୍ତ୍ର ମାଡରେ ଏକ ବୋଇଁ ଇ-୩ ସେଣ୍ଟ୍ରି ବିମାନ ଦୁଇ ଫାଳ ହୋଇଯାଇଛି। ଏହା ଏକ ଏୟାରବୋର୍ଣ୍ଣ ୱାର୍ଣ୍ଣିଂ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଏଡବ୍ଲ୍ୟୁଏସିଏସ) ବିମାନ ଥିଲା। ଏହା ଯୁଦ୍ଧ ସ୍ଥିତି ଉପରେ କଡ଼ା ନଜର ରଖିଥିଲା। ଏହି ବିମାନ ମାଧ୍ୟମରେ ଶତାଧିକ କିମି ଦୂରରୁ ଆସୁଥିବା ବିମାନ ଏବଂ କ୍ଷେପଣାସ୍ତ୍ର ଉପରେ ନଜର ରଖାଯାଉଥିଲା। ଏହା ସେନାକୁ ରିୟଲ-ଟାଇମ ସୂଚନା ଦେଉଥିଲା। ମାତ୍ର ଆମେରିକାର ଏହି ଆଖିକୁ ଧ୍ୱଂସ କରି ଇରାନ ଯୁଦ୍ଧରେ ଦୁଇ ପାଦ ଆଗକୁ ଚାଲି ଯାଇଛି। ଏହି ଆକ୍ରମଣ ଶୁକ୍ରବାର ହୋଇଥିଲା। ଏଥିରେ ୧୨ ଆମେରିକୀୟ ସୈନିକ ମଧ୍ୟ ଆହତ ହୋଇଥିଲେ। ଅନେକ ଇନ୍ଧନ ବିମାନ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି।

ରିପୋର୍ଟ ଅନୁଯାୟୀ, ଆକ୍ରମଣ ପୂର୍ବରୁ ଆମେରିକା ପାଖରେ ୧୬ଟି ଅପରେସନାଲ ଇ-୩ ସେଣ୍ଟ୍ରି ବିମାନ ଥିଲା। ଏହି ବିମାନର କୌଣସି ବିକଳ୍ପ ମଧ୍ୟ ନାହିଁ। ଏହି ବିମାନ ପ୍ରସ୍ତୁତ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ ହୁଏ। ଗୋଟିଏ ଇ-୩ ସେଣ୍ଟ୍ରି ବିମାନର ମୂଲ୍ୟ ପ୍ରାୟ ୬୬୩୯ କୋଟି ଟଙ୍କା ହେବ। ଅନ୍ୟପଟେ ଦକ୍ଷିଣ ଇସ୍ରାଏଲର ହୋବାବ ଶିଳ୍ପାଞ୍ଚଳରେ ଥିବା ରାସାୟନିକ କାରଖାନା ଉପରେ ଆଜି ଇରାନ ଆକ୍ରମଣ କରିଛି। ଏହା ଦ୍ୱାରା କାରଖାନାରେ ନିଆଁ ଲାଗିଯାଇଛି। ଏଥିପାଇଁ ରାସାୟନିକ ନିର୍ଗତ ହେବାର ଭୟ ରହିଛି। ଏହାକୁ ଦେଖି ଲୋକଙ୍କୁ ଘରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

- ଇସ୍ରାଏଲ ରାସାୟନିକ କାରଖାନାରେ ଇରାନ ଆକ୍ରମଣ
- ଅସ୍ତ୍ରବିରତି ପଛରେ ଆମେରିକାର ସ୍ଥଳ ଅଭିଯାନ

ଏହାରି ମଧ୍ୟରେ ସ୍ଥଳ ଅଭିଯାନ ପାଇଁ ପ୍ରସ୍ତୁତି କରୁଥିବା ଆମେରିକାକୁ ଇରାନ ସଂସଦର ବାଚସ୍ପତି ମହମ୍ମଦ ବଘେର ଗାଲିବଫ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ ଆମେରିକା ବାହାରେ ଆଲୋଚନା କଥା କହୁଛି, କିନ୍ତୁ ଭିତରେ ସ୍ଥଳଭାଗରେ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛି। ଏହି ଦେଶ ଯାହା ଯୁଦ୍ଧରେ ହାସଲ କରିପାରି ନାହିଁ, ସେଗୁଡ଼ିକୁ ଏବେ ଆଲୋଚନା ମାଧ୍ୟମରେ ହାସଲ କରିବାକୁ ଚେଷ୍ଟା କରୁଛି। ଆମେରିକାର ମୁକାବିଲା ପାଇଁ ଇରାନର ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଆମେରିକୀୟ ସୈନିକମାନଙ୍କୁ ଅପେକ୍ଷା କରି ବସିଛି। ସେହିପରି ଆମେରିକା ସେନା ସାର୍କର ଭୋଜନ ହେବାକୁ ଆସୁଛନ୍ତି ବୋଲି ଇରାନ ସେନା ପକ୍ଷରୁ କୁହାଯାଇଛି।

ଉତ୍ତେଜନା ମଧ୍ୟରେ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସୁଛି। ଇରାନ ଅନେକ ଉପସାଗରୀୟ ଦେଶ ଏବଂ ଆମେରିକୀୟ ବାହିନୀକୁ ନିଶାଣ କରି କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରୁଛି। ଇସ୍ରାଏଲରେ କ୍ଷୟକ୍ଷତି କମ ହେଉଥିବାରୁ ଇରାନ ରଣନୀତି ବଦଳାଇ ଦେଇଛି। ଇରାନଠାରୁ ଇସ୍ରାଏଲର ଦୂରତା, ବୈଷୟିକ ଜ୍ଞାନକୌଶଳର ଅଗ୍ରଗତି ଏବଂ ଅତିରିକ୍ତ ସୁରକ୍ଷା କାରଣରୁ ତାହାର ପ୍ରତିରକ୍ଷା ଅଧିକ ମଜବୁତ ଦେଖାଯାଉଛି। ସେଥିପାଇଁ ଇରାନ ଏବେ ମଧ୍ୟପ୍ରାଚ୍ୟର ଅନ୍ୟ ଅଞ୍ଚଳଗୁଡ଼ିକରେ ଆକ୍ରମଣ ବୃଦ୍ଧି କରୁଛି।

### ଇରାନ ଉପରେ ସ୍ଥଳସେନା ଆକ୍ରମଣ ପାଇଁ ଆମେରିକାର ପ୍ରସ୍ତୁତି

## ହର୍ମୁଜ ପ୍ରଣାଳୀ, ଖାର୍ଗ ଦ୍ୱୀପକୁ ଦଖଲ କରିବାକୁ ଯୋଜନା

**ଗତ ଦୁଇ ଦଶନ୍ଧିରେ ଆମେରିକାର ସବୁଠାରୁ ବଡ଼ ସାମରିକ ପ୍ରସ୍ତୁତି**

ନୂଆଦିଲ୍ଲୀ/ୱାସିଂଟନ,୨୯ ।୩(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବେ ଆହୁରି ଭୟଙ୍କର ରୂପ ନେଇ ପଞ୍ଚମ ସପ୍ତାହରେ ପହଞ୍ଚିଥିବା ବେଳେ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ଇରାନ ବିରୋଧରେ ସ୍ଥଳଭାଗରେ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବଡ଼ ଧରଣର ପ୍ରସ୍ତୁତି ଚଳାଇଛି। ଆମେରିକାର ଜଣାଶୁଣା ଖବର କାଗଜ ୱାଶିଂଟନ ପୋଷ୍ଟ ଅନୁଯାୟୀ, ଆମେରିକା ସେନା ଇରାରନ ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପ ଏବଂ ହର୍ମୁଜ ପ୍ରଣାଳୀ ନିକଟସ୍ଥ ଉପକୂଳବର୍ତ୍ତୀ ଅଞ୍ଚଳରେ ଚଢ଼ାଉ କରିବାକୁ ଯୋଜନା କରୁଛି। ଖାର୍ଗ ଦ୍ୱୀପରେ ଇରାନର ସବୁଠାରୁ ବଡ଼ ଟର୍ମିନାଲ ରହିଛି, ଯେଉଁଠାରେ ପ୍ରାୟ ୯୦ ପ୍ରତିଶତ ଅଶୋଧିତ ତୈଳ ରପ୍ତାନୀ ହୋଇଥାଏ। ଏହାକୁ ଦଖଲ କରି ଆମେରିକା ଇରାନ ଉପରେ ଚାପ ପକାଇବାକୁ ଲକ୍ଷ୍ୟ ରଖିଛି। ଗତ ମାସରୁ ଇରାନ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥକୁ ବନ୍ଦ କରିଦେଇଛି। ଏଠାରେ ଥିବା ଇରାନର ଅସ୍ତ୍ରଶସ୍ତ୍ର ନଷ୍ଟ କରିବା ପାଇଁ ଆମେରିକା ନିଜର ସ୍ପେଶାଲ ଫୋର୍ସ ବ୍ୟବହାର କରିପାରେ। ପ୍ରାୟ ୩,୫୦୦ ଜଣ ମାରିନ୍ସ ସୈନ୍ୟ ଏବଂ ଯୁଦ୍ଧ ଜାହାଜ 'ୟୁଏସ୍‌ଏସ୍ ତ୍ରିପୋଲି' ମଧ୍ୟପ୍ରାଚ୍ୟରେ ପହଞ୍ଚି ସାରିଛନ୍ତି। ଏହା ଗତ ୨୦ ବର୍ଷ ମଧ୍ୟରେ ଏହି ଅଞ୍ଚଳରେ ଆମେରିକାର ସବୁଠାରୁ ବଡ଼ ସାମରିକ ଜାମାବେଟ ସାବ୍ୟସ୍ତ ହୋଇଛି। ଏଥିସହ ମଧ୍ୟପ୍ରାଚ୍ୟରେ ଆମେରିକାରେ ମୋଟ ସୈନ୍ୟ ସଂଖ୍ୟା ୫୦,୦୦୦ ଅତିକ୍ରମ କରିଛି। ଗତ ୨୦ ବର୍ଷ ମଧ୍ୟରେ ଆମେରିକାର ଏହା ସବୁଠାରୁ ବଡ଼ ସାମରିକ ପସ୍ତୁତି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଯୋଜନାକୁ ଅନୁମତି ଦେବେ କି ନାହିଁ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ତେବେ ହ୍ୱାଇଟ ହାଉସ୍ ପକ୍ଷରୁ କୁହାଯାଇଛି ଯେ, ଯଦି ଇରାନ ଯୁଦ୍ଧ ଶେଷ କରିବାକୁ ଚୁକ୍ତି ନକରେ, ତେବେ ରାଷ୍ଟ୍ରପତି ଟ୍ରମ୍ପ ସେମାନଙ୍କ ପାଇଁ ନର୍କର ଦ୍ୱାରା ଖୋଲିଦେବେ। ଅର୍ଥାତ ଇରାନ ଉପରେ ଭୟଙ୍କର ଆକ୍ରମଣ କରାଯିବ। ପ୍ରତରକ୍ଷା ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଖାର୍ଗ ଦ୍ୱୀପକୁ ଦଖଲ କରିବା ସହଜ ହୋଇପାରେ, କିନ୍ତୁ ସେଠାରେ ରହି ନିଜ ସୈନ୍ୟମାନଙ୍କୁ ସୁରକ୍ଷା ଦେବା ସବୁଠାରୁ ଚ୍ୟାଲେଞ୍ଜ ହେବ। ଏହି ଅପରେସନ ସପ୍ତାହ ସପ୍ତାହ ଧରି ଚାଲିବ। ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଇରାନର ଉପକୂଳବର୍ତ୍ତୀ ଅଞ୍ଚଳରେ ଆମେରିକାର ସ୍ପେଶାଲ ଫୋର୍ସ ଚଢ଼ାଉ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ସେଠାରେ ଥିବା ଅସ୍ତ୍ରଶସ୍ତ୍ରକୁ ନଷ୍ଟ କରିବା, ଯାହା ସାମୁଦ୍ରିକ ଜାହଜାଗୁଡ଼ିକୁ ଟାର୍ଗେଟ କରୁଛି। ଆମେରିକା ଖାର୍ଗ ଦ୍ୱୀପ ଦଖଲ କଲେ ଇରାନର ଅର୍ଥନୀତି ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିବ। ଏହାକୁ ଆମେରିକା ଭବିଷ୍ୟତର ଆଲୋଚନା ପାଇଁ 'ବାର୍ଗେନିଂ ଚିପ୍' ଭାବେ ବ୍ୟବହାର କରିବାକୁ ଚାହୁଁଛି।

## ନେପାଳରେ ଛାତ୍ର ରାଜନୀତି ନିଷିଦ୍ଧ

**ଆସିଲା ନୂଆ ଶିକ୍ଷା ସଂସ୍କାର**

କାଠମାଣ୍ଡୁ,୨୯ ।୩(ଏଜେନ୍ସି): ନେପାଳର ନବ ନିର୍ବାଚିତ ପ୍ରଧାନମନ୍ତ୍ରୀ ବାଲେନ ଶାହାଙ୍କ ନେତୃତ୍ୱାଧିନ ସରକାର ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଶିକ୍ଷାକୁ ରାଜନୀତିରୁ ମୁକ୍ତ କରିବା ପାଇଁ ଏହା ମୁଖ୍ୟ ଉଦ୍ଦେଶ୍ୟ ରହିଛି ବୋଲି କୁହାଯାଉଛି। ଏଥିପାଇଁ ଦେଶରେ ଛାତ୍ର ରାଜନୀତିକୁ ନିଷିଦ୍ଧ କରାଯାଇଛି। ସ୍କୁଲ ଓ କଲେଜରେ ସବୁ ପ୍ରକାର ରାଜନୈତିକ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ରାଜନୈତିକ ଦଳ ସହ ଜଡ଼ିତ ଛାତ୍ର ସଂଗଠନଗୁଡ଼ିକୁ ୬୦ ଦିନରେ କ୍ୟାମ୍ପସ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ସ୍ଥାନରେ କେବଳ ଅଣ ରାଜନୈତିକ ଛାତ୍ର ପରିଷଦ ଗଠନ କରାଯିବ। ସେହପରି ୫ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ପାରମ୍ପରିକ ପରୀକ୍ଷା ବ୍ୟବସ୍ଥାକୁ ଉଠାଇ ଦିଆଯାଇଛି। ବିଦେଶୀ ନାମ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଚଳିତ ବର୍ଷ ସେମାନଙ୍କ ନାମ ପରିବର୍ତ୍ତନ କରି ନେପାଳୀ ନାମ ରଖିବାକୁ କୁହାଯାଇଛି। ଦସ୍ତାବିଜ ଅଭାବରୁ କାହାର ପାଠପଢା ନ ଅଟକାଇବା ପାଇଁ ଗ୍ରାଜୁଏସନ ପର୍ଯ୍ୟନ୍ତ ନେପାଳୀ ନାଗରିକତା ପ୍ରମାଣପତ୍ରର ଆବଶ୍ୟକ ହେବ ନାହିଁ ବୋଲି କୁହାଯାଇଛି। ୨୦୦୬ ପରଠାରୁ ଉଚ୍ଚ ପଦବୀରେ ଥିବା ବରିଷ୍ଠ ନେତା ଓ ଅଧିକାରୀଙ୍କ ସମ୍ପତ୍ତିର ଯାଞ୍ଚ କରାଯିବ। ଏଥିପାଇଁ ୧୫ ଦିନ ମଧ୍ୟରେ କମିଟି ଗଠନ କରାଯିବ। ସେହିପରି ଗତବର୍ଷ ସେପ୍ଟେମ୍ବରେ ହୋଇଥିବା ଜେନ-ଜେଡ୍ ଆନ୍ଦୋଳନରେ ମୃତ ୨୭ ଜଣ ଛାତ୍ରଙ୍କ ପରିବାର ପାଇଁ ସେମାନଙ୍କ ନିଜ ଜିଲ୍ଲାରେ ସରକାରୀ ଚାକିରି ନିଯୁକ୍ତି ନେଇ ଘୋଷଣା କରାଯାଇଛି। ଆସନ୍ତା ୩୫ ଦିନରେ ଯୋଗ୍ୟ ପରିବାର ସଦସ୍ୟଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ।

### ହର୍ମୁଜ ପରେ ଏବେ ମାଣ୍ଡେବ ପ୍ରଣାଳୀ ପାଲିଟିଛି ନୂଆ ବିପଦ

## ଭାରତର ୯୫% ବାଣିଜ୍ୟ ପ୍ରଭାବିତ ହେବା ଆଶଙ୍କା




ନୂଆଦିଲ୍ଲୀ, ୨୯ ।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ପୂର୍ବରୁ ଅବରୋଧ ହୋଇ ରହିଥିବା ବେଳେ ଏବେ ବାବ୍-ଅଲ- ମାଣ୍ଡବ ତଥା ମଣ୍ଡେବ ପ୍ରଣାଳୀକୁ ନେଇ ଚିନ୍ତା ବଢ଼ିଛି। ଯଦି ଇରାନ ସମର୍ଥନରେ ୟେମେନର ହୁତି ବିଦ୍ରୋହୀମାନେ ଏହି ପଥକୁ ବନ୍ଦ କରିଦିଅନ୍ତି, ତେବେ ବିଶ୍ୱ ବାଣିଜ୍ୟ ବିଶେଷ କରି ଭାରତ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ। ବାବ୍-ଅଲ-ମାଣ୍ଡେବ ହେଉଛି ଏକ ଆରବ ଭାଷର ଶବ୍ଦ। ଏହାର ଅର୍ଥ ହେଉଛି ଗେଟ୍ ଅଫ୍ ଟିୟର୍ସ ବା ଲୁହର ଦ୍ୱାରା। ଏହା ଲୋହିତ ସାଗରକୁ ଭାରତ ମହାସାଗର ସହ ଯୋଡିଥାଏ। ବିଶ୍ୱର ପ୍ରାୟ ୧୦-୧୨ ପ୍ରତିଶତ ସାମୁଦ୍ରିକ ବାଣିଜ୍ୟ ଏବଂ ୯ ପ୍ରତିଶତ ତୈଳ ପରିବହନ ଏହି ପଥ ଦେଇ ହୋଇଥାଏ। ଇଜିପ୍ଟର ସୁଏଜ କେନାଲକୁ ଯିବା ପାଇଁ ଏହା ଏକମାତ୍ର ଦକ୍ଷିଣ ଦ୍ୱାର। ଏହି ପ୍ରଣାଳୀଟି ମାତ୍ର ୨୯ କିମି ଓସାର, ଯାହା ଫଳରେ ଏଠାରେ ଜାହାଜଗୁଡ଼ିକୁ ସହଜରେ କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ୍ ଦ୍ୱାରା ଟାର୍ଗେଟ କରାଯାଇପାରିବ। ଭାରତ ପାଇଁ ସୃଷ୍ଟି ହୋଇଥିବା ଏହି ନୂଆ ସଙ୍କଟ ଅତ୍ୟନ୍ତ ସ୍ପର୍ଶକାତର। ଭାରତର ମୋଟ ବାଣିଜ୍ୟ ୯୫ ପତିଶତ ସାମୁଦ୍ରିକ ପଥରେ ହୋଇଥାଏ। ୨୦୨୨-୨୩ ଆର୍ଥିକ ବର୍ଷ ଅନୁଯାୟୀ, ଭାରତର ୫୦ ପ୍ରତିଶତ ରପ୍ତାନି ଓ ୩୦ ପ୍ରତିଶତ ଆମଦାନୀ ଏହି ଲୋହିତ ସାଗର ପଥ ଦେଇ ହୋଇଥାଏ। ଯଦି ଏହି ପଥ ବନ୍ଦ ହୁଏ, ଜାହଜାଗୁଡ଼ିକ ଆଫ୍ରିକା ଅର୍ଥାତ କେପ୍ ଅଫ୍ ଗୁଡ଼ ହୋପ ବା ଉତ୍ତମାଶା ଅନ୍ତରୀପ ଦେଇ ଯିବାକୁ ପଡ଼ିବ। ଏହା ଦ୍ୱାରା ଯାତ୍ରା ୧୨-୧୫ ଦିନ ବଢ଼ିଯିବ ଓ ଇନ୍ଧନ ଖର୍ଚ୍ଚ ମଧ୍ୟ ବହୁତ ବଢ଼ିଯିବ। ହର୍ମୁଜ ଓ ବାବ-ଅଲ- ମାଣ୍ଡେବ ଉଭୟ ବନ୍ଦ ହେଲେ ବିଶ୍ୱ ବଜାରରେ ଆଶୋଧିତ ତୈଳ ବା କଞ୍ଚା ତେଲ ଦର ଆକାଶ ଛୁଆଁ ହେବାର ଯଥେଷ୍ଟ ଆଶଙ୍କା ରହିଛି।

### ନିର୍ବାଚନ ରଣନୀତି

## ୪ ରାଜ୍ୟର ମହିଳା ଭୋଟରଙ୍କ ପାଇଁ ୨୪,୦୦୦ କୋଟି ଟଙ୍କାର ପ୍ୟାକେଜ

ନୂଆଦିଲ୍ଲୀ,୨୯ ।୩(ଏଜେନ୍ସି): ଆସନ୍ତା ମାସରେ ଦେଶର ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ନିର୍ବାଚନ ଜିତିବା ପାଇଁ ରାଜନୈତିକ ଦଳଗୁଡ଼ିକ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ 'ନଗଦ ଟଙ୍କା ହସ୍ତାନ୍ତର'କୁ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରିଛନ୍ତି। ୪ଟି ପ୍ରମୁଖ ରାଜ୍ୟ ମିଳିତ ଭାବେ ପ୍ରାୟ ୨୪,୫୦୦ କୋଟି ଟଙ୍କା ସିଧାସଳଖ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ପଠାଉଛନ୍ତି। ଏହି କ୍ରମରେ ତାମିଲନାଡୁର ଡିଏମ୍‌କେ ସରକାର ଏକ ସ୍ୱତନ୍ତ୍ର ସମର ପ୍ୟାକେଜ ଅଧୀନରେ ମହିଳାମାନଙ୍କୁ ୨,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଏଥିସହ ମାଗଣା ରେଫ୍ରିଜେରେଟେର ଓ ଗ୍ୟାସ ସିଲିଣ୍ଡରର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଛି। ଆସାମର ବିଜେପି ସରକାର ବିହୁ ପର୍ବ ଅବସରରେ ମହିଳାମାନଙ୍କୁ ୪,୦୦୦ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। କେରଳର ବାମପନ୍ଥୀ ସରକରା 'ସ୍ତ୍ରୀ ସୁଖମ' ଯୋଜନା ମାଧ୍ୟମରେ ୧୦ ଲକ୍ଷ ମହିଳାଙ୍କୁ ମାସିକ ୧,୦୦୦ ଟଙ୍କା ଦେଇଛନ୍ତି। ସେହିପରି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାର 'ଲକ୍ଷ୍ମୀ ଭଣ୍ଡାର' ଯୋଜନାରେ ଅର୍ଥରାଶିକୁ ୫୦୦ ଟଙ୍କା ବୃଦ୍ଧି କରିଛନ୍ତି। ଗତ ୫ ବର୍ଷ ମଧ୍ୟରେ ନଗଦ ସହାୟତା ରାଶି ଦେଉଥିବା ରାଜ୍ୟ ସଂଖ୍ୟ ୧ରୁ ୧୫ରେ ବୃଦ୍ଧି ପାଇଛି। ପ୍ରତିବର୍ଷ ପ୍ରାୟ ୨.୪୭ ଲକ୍ଷ କୋଟି ଟଙ୍କା ୧୩ କୋଟିରୁ ଅଧିକ ମହିଳାଙ୍କୁ ବଣ୍ଟାଯାଉଛି। ଝାଡ଼ଖଣ୍ଡ ଭଳି ରାଜ୍ୟ ନିଜର ଗ୍ରାମ୍ୟ ଉନ୍ନୟନ ବଜେଟ୍‌ର ୮୧ ପ୍ରତିଶତ ଏହି ଯୋଜନାଗୁଡିକରେ ଖର୍ଚ୍ଚ କରୁଛନ୍ତି। ନିର୍ବାଚନରେ ଗେମ୍- ଚେଞ୍ଜର ସାଜିଥିବା ପୂର୍ବ ଯୋଜନାଗୁଡ଼ିକ ହେଲା, ଓଡ଼ିଶା (୨୦୨୪)ର ସୁଭଦ୍ରା ଯୋଜନା। ଏହି ଯୋଜନା ବିଜେପିକୁ ପ୍ରଥମଥର ପାଇଁ କ୍ଷମତାକୁ ଆଣିବାରେ ସାହାଯ୍ୟ କରିଥିଲା। ସେହିପରି ମଧ୍ୟପ୍ରଦେଶ (୨୦୨୩) ରେ ଲାଡ୍‌ଲୀ ବେହନା ଯୋଜନା। ଏହି ଯୋଜନା ମାଧ୍ୟମରେ ମାସିକ ୧,୨୫୦ ଟଙ୍କା ମହିଳାଙ୍କୁ ଦିଆଯାଉଥିଲା। ସେହିପରି ମହାରାଷ୍ଟ୍ରରେ ଲାଡ୍‌କି ବହିନ ଯୋଜନା। ଏହା ମାଧ୍ୟମରେ ମାସିକ ୧, ୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏହା ବ୍ୟତୀତ ଦଳଗୁଡ଼ିକ ଅନ୍ୟାନ୍ୟ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ତାମିଲନାଡୁରେ ମାଗଣା ରେଫ୍ରିଜେରେଟର, ଶିକ୍ଷା ଋଣ ଛାଡ଼ ଏବଂ ବର୍ଷକୁ ୩ଟି ମାଗଣା ଗ୍ୟାସ ସିଲିଣ୍ଡର ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି।

## ତାମିଲନାଡୁ ବିଧାନସଭା ନିର୍ବାଚନ: ବିଜୟଙ୍କ ଟିଭିକେ ଦଳର ପ୍ରାର୍ଥୀ ଘୋଷଣା

ଚେନ୍ନାଇ, ୨୯ ।୩ (ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ଅଭିନେତା ବିଜୟଙ୍କ ନୂଆ ଦଳ ତାମିଲଗା ଭେଟ୍ରି କାଜାଗାମ (ଟିଭିକେ) ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ବିଜୟ ନିଜେ ଦୁଇଟି ଆସନ ଚେନ୍ନାଇର ପେରାମ୍ବୁର ଓ ତ୍ରିଚି ଇଷ୍ଟ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱୀତା କରିବେ ବୋଲି କହିଛନ୍ତି। ଏହି ଦୁଇଟି ଯାକ ଆସନ ବର୍ତ୍ତମାନ ଶାସକ ଡିଏମ୍‌କେ ଦଳ ଅଧୀନରେ ରହିଛି। ଟିଭିକେର ନିର୍ବାଚନ ସଙ୍କେତ ହେଉଛି 'ହୁଇସିଲ'। ଏହାକୁ ଏକ 'ହୁଇସିଲ' ବିପ୍ଳବ ବୋଲି ବିଜୟଅଭିହିତ କରିଛନ୍ତି। ତାମିଲନାଡୁର ୨୩୪ଟି ଆସନ ପାଇଁ ଆସନ୍ତା ଏପ୍ରିଲ ୨୩ରେ ଗୋଟିଏ ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ। ବିଜୟଙ୍କ ଟିଭିକେ ଦଳ ରାଜ୍ୟର ସମସ୍ତ ୨୩୪ଟି ବିଧାନସଭା ଆସନରେ ନିଜର ପ୍ରାର୍ଥୀ ଦେବ। ନିଜର ପ୍ରଥମ ନିର୍ବାଚନ ପାଇଁ ବିଜୟ ବଡ଼ ଘୋଷଣା କରିଛନ୍ତି। ତାମିଲନାଡୁକୁ ନିଶାମୁକ୍ତ କରିବା, ୨୯ ବର୍ଷରୁ ଅଧିକ ବୟସ୍କ ବେକାର ଯୁବକଯୁବତୀଙ୍କୁ ମାସିକ ସହାୟତା ପ୍ରଦାନ କରିବା ଓ ସରକାର ନିଯୁକ୍ତିରେ ସ୍ୱଚ୍ଛତା ଆଣିବାକୁ ନୂଆ ଆଇନ ପ୍ରଣୟନ କରିବା ନେଇ ସେ ଘୋଷଣା କରିଛନ୍ତି।

### ବେଙ୍ଗାଲୁରୁରେ ହୃଦୟବିଦାରକ ଘଟଣା


## ମା, ଭଉଣୀଙ୍କ ହତ୍ୟା ପରେ ପୁଅର ଆତ୍ମହତ୍ୟା ଉଦ୍ୟମ



ବେଙ୍ଗାଲୁରୁ,୨୯ ।୩(ଏଜେନ୍ସି): ବେଙ୍ଗାଲୁରୁ ଉପକଣ୍ଠରେ ଜଣେ ବ୍ୟକ୍ତି ନିଜ ମା', ଭଉଣୀ ଏବଂ ଭଣଜାର ଗଳାକାଟିବା ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଠବା ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଏଥିରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ମୋହନ ଗୌଡ଼ା (୩୨) ମା' ଆଶା (୫୫) ଓ ଭଉଣୀ ବର୍ଷିତା (୩୪) ହତ୍ୟା କରିଥିଲେ। କିନ୍ତୁ ମୋହନ ଓ ବର୍ଷିତାଙ୍କ ୧୧ ବର୍ଷର ପୁଅ ମୟଙ୍କ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସର ସୂଚନା ଅନୁଯାୟୀ, ମୋହନ ପ୍ରଥମେ ନିଜ ମା, ଭଉଣୀ ଏବଂ ଭଣଜାର ଗଳା କାଟିବା ପରେ ନିଜେ ସମାନ ଭାବେ ଆତ୍ମହତ୍ୟା ପାଇଁ ଚେଷ୍ଟା କରିଥିଲେ। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଅତ୍ୟଧିକ ଆର୍ଥିକ ଋଣ ପରିବାରଟି ଏଭଳି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ମୋହନ ଚିଟ୍‌ଫଣ୍ଡ ବ୍ୟବସାୟରେ ଜଡ଼ିତ ଥିଲେ ଓ ତାଙ୍କ ଉପରେ ପ୍ରାୟ ୫ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ଥିଲା। ଚରମ ପଦକ୍ଷେପ ନେବା ପୂର୍ବରୁ ପରିବାର ପକ୍ଷରୁ ଏକ ଭିଡ଼ିଓ ରେକର୍ଡ କରାଯାଇଥିଲା, ଯେଉଁଥିରେ ସେମାନେ ଆର୍ଥିକ ସଙ୍କଟ ଯୋଗୁଁ ଏଭଳି କରୁଥିବା କହିଥିଲେ। ଏହି ଭିଡ଼ିଓ ସେମାନେ ନିଜ ସମ୍ପର୍କୀୟଙ୍କୁ ପଠାଇଥିଲେ। ଋଣ ପରିଶୋଧ କରିବାକୁ ଅସମର୍ଥ ହୋଇ ପୂରା ପରିବାର ନିଜ ଜୀବନ ହାରିବାକୁ ନିଷ୍ପତ୍ତି ନେଇଥିଲେ। ବେଙ୍ଗାଲୁରୁ ଗ୍ରାମାଞ୍ଚଳ ଏସ୍‌ପି ଚନ୍ଦ୍ରକାନ୍ତ ଏମ୍‌ଭି କହିଛନ୍ତି ଯେ ଘଟଣା ଅଧିକ ତଦନ୍ତ ଜାରି ରହିଛି। ସମ୍ପର୍କୀୟମାନେ ଘରର ପଛ କବାଟ ବାଟେ ଭିତରକୁ ପଶି ରକ୍ତ ଜୁଡୁବୁଡୁ ଅବସ୍ଥାରେ ସମସ୍ତଙ୍କୁ ପାଇଥିଲେ ଏବଂ ପୁଲିସକୁ ଖବର ଦେଇଥିଲେ।

### ଗୁଜରାଟରେ ଭୟଙ୍କର ହତ୍ୟାକାଣ୍ଡ

## ଧାର ସୁନା, ଟଙ୍କା ମାଗିବାରୁ ମହିଳାଙ୍କୁ ହତ୍ୟା କଲା ସହାୟିକା



ପାଳନପୁର, ୨୯ ।୩ (ଏଜେନ୍ସି): ଗୁଜରାଟର ପାଳନପୁରରେ ଜଣେ ମହିଳାଙ୍କୁ ତାଙ୍କ ପୂର୍ବତନ ସହାୟିକା ଅତି ନିର୍ମମ ଭାବେ ହତ୍ୟା କରିଛି। ପ୍ରାୟ ୧୫ ବର୍ଷର ପୁରୁଣା ସମ୍ପର୍କ ଓ ବନ୍ଧୁତାକୁ ଭୁଲି କେବଳ ଟଙ୍କା, ସୁନା ଲୋଭରେ ଏହି ଜଘନ୍ୟ କାଣ୍ଡ ଘଟାଇଛି। ମୃତ ମହିଳା ହେଉଛନ୍ତି ଶାନ୍ତି ବେନ ଅକେଡିୱାଲା। ସେ ମାର୍ଚ୍ଚ ୨୨ରୁ ନିଖୋଜ ଥିଲେ। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ରେଖା ରାଠୋର। ରେଖା ପୂର୍ବରୁ ଶାନ୍ତିଙ୍କ ଘରେ କାମ କରୁଥିଲା ଓ ପରେ ସେମାନଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା। ରେଖା ନିଜର ଆସବାପତ୍ର ବ୍ୟବସାୟ ଆରମ୍ଭ କରିଥିଲେ। ପ୍ରାୟ ବର୍ଷେ ତଳେ ରେଖାଙ୍କୁ ବ୍ୟବସାୟ ପାଇଁ ଶାନ୍ତି ବହୁ ପରିମାଣରେ ସୁନା ଗହଣା ଓ ନଗଦ ଟଙ୍କା ତାଙ୍କୁ ଧାର ଦେଇଥିଲେ। ଯେତେବେଳେ ଶାନ୍ତି ନିଜର ଟଙ୍କା, ସୁନା ଫେରସ୍ତ ମାଗିଥିଲେ, ରେଖା ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚିଥିଲେ। ମାର୍ଚ୍ଚ ୨୨ ତାରିଖ ରାତିରେ ଏକ ଆଲୋଚନା ବାହାନାରେ ଶାନ୍ତିଙ୍କୁ ରେଖା ନିଜ ଫର୍ଣ୍ଣିଚର ଦୋକାନକୁ ଡକାଇଥିଲେ। ସେଠାରେ ଶାନ୍ତିଙ୍କୁ ପ୍ରଥମେ ନିଶାଦ୍ରବ୍ୟ ଦିଆଯାଇଥିଲା ଏବଂ ପରେ ରେଖା ଓ ତାଙ୍କର ୪ ଜଣ ସହଯୋଗୀ ମିଶି ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ହତ୍ୟା ପରେ ଶବକୁ ଏକ ବସ୍ତାରେ ଭର୍ତ୍ତି କରି ପାଳନପୁରର ଏକ ପରିତ୍ୟକ୍ତ ଶୋ'ରୁମ୍‌ର ବେସ୍‌ମେଣ୍ଟରେ ଫିଙ୍ଗି ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ଶେଷରେ ଶବ ଜବତ କରିବା ସହ ଘଟରା ପର୍ଦ୍ଦାଫାସ କରିଥିଲା। ପୁଲିସ ରେଖା ଓ ତାଙ୍କ ଜଣେ ସହଯୋଗୀଙ୍କୁ ଗିରଫ କରିଛି। ଅନ୍ୟ ୩ଜଣଙ୍କୁ ଧରିବା ପାଇଁ ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରିଛି।

## ଭିଜିଲାନ୍ସ ଜାଲରେ ଟାଙ୍ଗୀ-ଚୌଦ୍ୱାର ଆର୍‌ଆଇ

କଟକ, ୨୯।୩ (ସମିସ): ଜମିଜମା କାର୍ଯ୍ୟରେ ଅନୁକୂଳ ରିପୋର୍ଟ ପ୍ରଦାନ କରିବା ପାଇଁ ଲାଞ୍ଚ ଦାବି କରି ଶେଷରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ସରକାରୀ ଅଧିକାରୀ। କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ତହସିଲ ଅନ୍ତର୍ଗତ ମଙ୍ଗରାଜପୁର ରାଜସ୍ୱ ନିରୀକ୍ଷକ (ଆରଆଇ) ରାଜାରାମ ଓରଫ ରାଜୁରାମ ବାହ୍ରାଙ୍କୁ ଆଜି ଓଡ଼ିଶା ଭିଜିଲାନ୍ସ ବିଭାଗ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ କରିଛି। ସୂଚନା ଅନୁଯାୟୀ, ଜଣେ ଜମି ମାଲିକ ନିଜର ପତିତ



ଜମିକୁ ଘରବାରି କିସମକୁ ପରିବର୍ତ୍ତନ କରିବା ପାଇଁ ଗତ ୧୦ ତାରିଖରେ ଅନଲାଇନ୍‌ରେ

**ଜମି କିସମ ପରିବର୍ତ୍ତନ ପାଇଁ ୩୦ ହଜାର ଲାଞ୍ଚ ନେଉଥିବା ବେଳେ ଗିରଫ**

ମ୍ୟୁଟେସନ୍ ଆବେଦନ କରିଥିଲେ। ମାତ୍ର ଏହି କାର୍ଯ୍ୟ ପାଇଁ ଆରଆଇ ଶ୍ରୀ ବାହ୍ରା ତାଙ୍କୁ ୩୦ହଜାର ଟଙ୍କା ଲାଞ୍ଚ ମାଗିବା ସହ ଟଙ୍କା ନ ଦେଲେ ଅନୁକୂଳ ରିପୋର୍ଟ ଦେବେ ନାହିଁ ବୋଲି ଧମକ ଦେଇଥିଲେ। ଏନେଇ ଜମି ମାଲିକଜଣଙ୍କ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେବା ପରେ ଆଜି ଏକ ଯୋଜନାବଦ୍ଧ ଭାବେ ଟ୍ରାପ୍ ପ୍ରସ୍ତୁତ କରାଯାଇଥିଲା। ଆର୍‌ଆଇ ନିଜ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ତାଙ୍କ ପାଖରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯିବା ସହ ତାଙ୍କ ହାତ ଓ ପ୍ୟାଣ୍ଟ ପକେଟ୍‌ର କେମିକାଲ ଟେଷ୍ଟ କରାଯାଇଥିଲା, ଯାହା ପଜିଟିଭ୍ ଆସିଥିଲା। ଏହି ଘଟଣା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କର ଅଭୟପୁରସ୍ଥିତ ବାସଭବନ ଓ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ଉ କରାଯାଇଛି। ଶ୍ରୀ ବାହ୍ରାଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ଆଇନ (ସଂଶୋଧିତ) ୨୦୧୮ ର ଧାରା ୭ ଅନୁଯାୟୀ କେସ୍ ନମ୍ବର ୧୩/୨୦୨୬ ରୁଜୁ କରାଯାଇଛି। ତାଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡ଼ିଛି।

## ରାଜପଥରେ ଜଳିଗଲା ଚଳନ୍ତା କଣ୍ଟେନର୍

ବେତନଟୀ, ୨୯।୩ (ସମିସ): ଚାଲୁଚାଲୁ ଜଳିଗଲା ଜଳନ୍ତା କଣ୍ଟେନର୍। ୧୮ ନମ୍ବର ଜାତୀୟ ରାଜପଥର ବେତନଟୀ ଥାନା ଅନ୍ତର୍ଗତ ତୁଳସୀଚଉରା ନିକଟରେ ଏହି ଅଘଟଣ ଘଟିଛି। ତେବେ ଚାଳକ ଓ ହେଲପର୍ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାନୁଯାୟୀ, ଆଜି ଅପରାହ୍ଣରେ



କଣ୍ଟେନର୍ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। କୌଣସି କାରଣରୁ ତା' ଇଞ୍ଜିନ୍‌ରେ ନିଆଁ ଲାଗି ଯାଇଥିଲା। ଚାଳକ ଏହା ଜାଣିପାରି ରାସ୍ତା କଡ଼ରେ ଗାଡ଼ିଟିକୁ ଠିଆ କରାଇ ହେଲପର୍ ସମେତ ଓହ୍ଲାଇ ଆସିଥିଲେ। ଚାହୁଁଚାହୁଁ କଣ୍ଟେନରଟି ହୁତୁହୁତୁ ହୋଇ ଜଳି ଯାଇଥିଲା। ଖବର ପାଇ ବେତନଟୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।



ଶ୍ରୀମନ୍ଦିର ସାମ୍ନାରେ ରବିବାରିଆ ଭିଡ଼

## ସୀମା ଟପିଲା ବର୍ବରତା
# ନାବାଳିକା ସହାୟିକାକୁ ଚେଙ୍କ

ଭୁବନେଶ୍ୱର, ୨୯।୩ (ସମିସ): ରାଜଧାନୀରେ ପୁଣି ଏକ ଅମାନବୀୟ ଘଟଣା ଘଟିଛି। ମାଲିକାଣୀଙ୍କ ବର୍ବରତା ସୀମା ଟପିଛି। ଘରେ ଖଟାଉଥିବା ନାବାଳିକାକୁ ପିଠା ଖଡ଼ିକାରେ ଚେଙ୍କ ଦେଇଛନ୍ତି ମାଲିକାଣୀ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଏକ ଅମାନବୀୟ ଘଟଣା ସାମ୍ନାକୁ ଆସିଛି। କାନ୍ଦି କାନ୍ଦି ଯାଉଥିବା ବେଳେ ଶିଶୁକନ୍ୟାକୁ ଉଦ୍ଧାର କରିଛି ରୁଚିକା ସମାଜ ମଙ୍ଗଳ ସଙ୍ଗଠନ।

ଅଭିଯୋଗ ଅନୁଯାୟୀ, ଚନ୍ଦ୍ରଶେଖରପୁର ଥାନା କୈଳାସ ବିହାରରେ ଅଞ୍ଚଳରେ ରହୁଥିବା ଉମେଶ ଚନ୍ଦ୍ର ସାମଲ ୨୦୨୦ ମସିହାରେ କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅଞ୍ଚଳକୁ ଯାଇଥିଲେ। ବାପାଙ୍କୁ ଆର୍ଥିକ ଲୋଭ ଦେଖାଇ ୮ବର୍ଷୀୟା ନାବାଳିକାକୁ ସାଙ୍ଗରେ ନେଇ ଆସିଥିଲେ। ସେବେଠାରୁ ପ୍ରାୟ ୫ବର୍ଷ ହେବ କୈଳାସ ବିହାରସ୍ଥିତ ଘରେ ରଖି କାମଧନ୍ଦା କରାଉଥିଲେ। ନାବାଳିକାଜଣଙ୍କ କୌଣସି ଉପାୟ ନପାଇ ଘର ପୋଛାଠାରୁ ଆରମ୍ଭ କରି ରୋଷେଇବାସ, ବାସନମଜା ଯାଏଁ ସବୁ କାମ କରୁଥିଲା। ଉମେଶ ନାବାଳିକାର କାମ ବାବଦକୁ ମାସକୁ ୨ହଜାର ଟଙ୍କା ଲେଖାଏଁ ତାଙ୍କ ବାପାଙ୍କୁ ପଠାଇ ଆସୁଥିଲେ। କାମରେ



କୌଣସି ଅବହେଳା ହେଲେ ଉମେଶଙ୍କ ପତ୍ନୀ କବିତା ନାବାଳିକାକୁ ଯାବତୀୟ ନିର୍ଯାତନା ଦେଉଥିଲେ। ଏମିତିକି, ବିଭିନ୍ନ ସମୟରେ ନିସ୍ତୁକ ମାଡ଼ ମାରୁଥିଲେ। ଅନ୍ୟ କୌଣସି ବିକଳ୍ପ ନଥିବାରୁ ନାବାଳିକାଜଣଙ୍କ ସବୁକିଛି ସହି ଆସୁଥିଲା।

ନିକଟରେ, କବିତା ରୋଷେଇ କରୁଥିବା ବେଳେ ନାବାଳିକାଜଣଙ୍କ କାମ କରୁଥିଲେ। କୌଣସି କଥାକୁ ନେଇ ସେ ନାବାଳିକା ଉପରେ ବିରକ୍ତ ହୋଇ ଗରମ ପିଠା ଖଡ଼ିକାରେ ନାବାଳିକାର ବାମ ହାତକୁ ଚେଙ୍କ ଦେଇଥିଲେ। ଥରେ କି ଦୁଇଥର ନୁହେଁ, ପ୍ରାୟ ୧୦ଥର ଚେଙ୍କ ଦେଇଥିଲେ। ସେହିପରି ଆଜି ସକାଳୁ କବିତା କୌଣସି କଥାକୁ ନେଇ ନାବାଳିକାକୁ ନିସ୍ତୁକ ପିଟିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ନାବାଳିକାଜଣକ ଘରୁ ଦୌଡ଼ି ପଳାଇ ଆସିଥିଲା। ରାସ୍ତାରେ କାନ୍ଦିକାନ୍ଦି ଯାଉଥିବା ବେଳେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନର ହରପ୍ରିୟା ପତି, ଘନଶ୍ୟାମ ଭୋଇ ଓ ଅଜୟ ମହାରଣା ସ୍ଥାନୀୟ ଲୋକଙ୍କ ସହାୟତାରେ ନାବାଳିକାକୁ ଉଦ୍ଧାର କରିଥିଲେ। କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ଚିକିତ୍ସା କରାଇବା ପରେ ଶିଶୁ ମଙ୍ଗଳ ସମିତି(ସିଡବ୍ଲୁସି)ଙ୍କ ନିକଟରେ ହାଜର କରାଯାଇଥିଲା।

- **ଆର୍ଥିକ ଲୋଭ ଦେଖାଇ ବାପାଠାରୁ ଛଡ଼ାଇ ଆଣିଥିଲେ**
- **ମାସକୁ ୨ ହଜାର ଦେଇ ୫ବର୍ଷ ହେବ ଖଟାଉଥିଲେ**
- **କାନ୍ଦି କାନ୍ଦି ଯାଉଥିବା ବେଳେ ଉଦ୍ଧାର କଲା 'ରୁଚିକା'**
- **ଥାନାରେ ମାମଲା; ଦମ୍ପତି ଅଟକ**

ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାକୁ କୋଳଥିଆସ୍ଥିତ ମୁକ୍ତ ଆଶ୍ରୟସ୍ଥଳ ବିଶ୍ୱଜୀବନ ସେବା ସଂଘରେ ରଖାଯାଇଛି।

ଚନ୍ଦ୍ରଶେଖରପୁର ଥାନା ପୁଲିସ ନିଜ ଆଡୁ ମାମଲା ରୁଜୁ କରିଥିବା ବେଳେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ମଧ୍ୟ ଏତଲା ଦିଆଯାଇଛି। ଘର ମାଲିକ ଉମେଶ ଓ ପତ୍ନୀ କବିତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍'ରେ ସମ୍ବଲପୁରର ସୁଜାତା

ସମ୍ବଲପୁର, ୨୯।୩(ସମିସ): 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୩୨ତମ ସଂସ୍କରଣରେ ସମ୍ବଲପୁରର ସୁଜାତା ଭୂୟାଁଙ୍କ ଉଦ୍ୟମ ଓ ସଫଳତା ସମ୍ପର୍କରେ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ବର୍ତ୍ତମାନ ସମୟରେ ସମସ୍ତେ ଚାକିରି ପଛରେ ଗୋଡ଼ାଉଥିବା ବେଳେ



ସମ୍ବଲପୁର ମୁଦିପଡ଼ାର ସାଧାରଣ ଗୃହିଣୀରୁ ସଫଳ ମାଛ ଚାଷୀ ଭାବେ ସୁଜାତା ନାରୀ ସଶକ୍ତୀକରଣର ଉଦାହରଣ ପାଲଟିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜଣେ ଗୃହିଣୀରୁ ପରିବାରର ସହାୟତା ପାଇଁ ନୂତନ କରି ସୁଜାତା ଭୂୟାଁ ମାଛ ଚାଷ ଆରମ୍ଭ କଲେ। ସେତେବେଳେ ପାଣିପାଗରେ ପରିବର୍ତ୍ତନ, ମାଛମାନଙ୍କ ଖାଇବା ବ୍ୟବସ୍ଥା ସହ ଘରର ଦାୟିତ୍ୱ ନିର୍ବାହ କରିବା ଭଳି ଅନେକ ଆହ୍ୱାନ ଥିଲା। କିନ୍ତୁ ସେ ତାଙ୍କ ଇଚ୍ଛାଶକ୍ତି ବଳରେ ୨-୩ବର୍ଷରେ ତାହାକୁ ଏକ ବ୍ୟବସାୟରେ ପରିଣତ କରିପାରିଥିଲେ। ଆଜି ତାଙ୍କ ସଫଳତା ସମୁଦାୟର ମହିଳାମାନଙ୍କ ପାଇଁ ଆଶାର କିରଣ ପାଲଟିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି 'ମନ କି ବାତ୍' କାର୍ଯ୍ୟକ୍ରମରେ ସମ୍ବଲପୁର ଓ କେନ୍ଦ୍ରାପଡ଼ାର ଦୁଇ ପ୍ରତିଭାଙ୍କ ସଫଳତାକୁ ସମଗ୍ର ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗର୍ବର ବିଷୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀମତୀ ଭୂୟାଁ ଏହି ବ୍ୟବସାୟ କରି ନିଜେ ଆତ୍ମନିର୍ଭର ହେବାସହ ଅନ୍ୟ ମହିଳାମାନଙ୍କ ପାଇଁ ଏକ ନୂତନ ଦିଗ୍‌ଦର୍ଶନ ସାଜିଛନ୍ତି ବୋଲି ସେ କହିଛନ୍ତି।

ସମ୍ବଲପୁର ମୁଦିପଡ଼ା ଏଲ୍‌ଆଇସି କଲୋନୀର ମହିଳା ଚାଷୀ ସୁଜାତା ହୀରାକୁଦ ଜଳଭଣ୍ଡାରରେ ୩ଟି ପଞ୍ଜୁରିରେ

- **ପଞ୍ଜୁରୀ ମାଛ ଚାଷ ମାଧ୍ୟମରେ ସାଜିଛନ୍ତି ସ୍ୱାବଲମ୍ବୀ**
- **ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ: ଧର୍ମେନ୍ଦ୍ର**

ପଞ୍ଜୁରିଚାଷ (କେଜ୍ କଲ୍‌ଚର୍) ପ୍ରଣାଳୀରେ ସଫଳତାର ସହ ମାଛ ଚାଷ କରିଛନ୍ତି। ଏହି ଅବସରରେ ସୁଜାତା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ତାଙ୍କ ନାଁ ନେଇଥିବାରୁ ସେ ଖୁସି ଅନୁଭବ କରିବା ସହ ତାଙ୍କ ସଫଳତା ପାଇଁ ସେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ତଥା ମତ୍ସ୍ୟବିଭାଗକୁ ଧନ୍ୟବାଦ ଦେଇଛନ୍ତି। କେନ୍ଦ୍ର ସରକାର ପକ୍ଷରୁ ଋଣ ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ସହାୟତା ମିଳିଥିବାରୁ ଆଜି ସେ ସଫଳ ହୋଇଥିବା କହିଛନ୍ତି। ସମସ୍ତ ପଞ୍ଜୁରୀରୁ ବାର୍ଷିକ ୨୫ରୁ ୩୦ ଟନ୍ ମାଛ ଉତ୍ପାଦନ କରୁଥିବାବେଳେ ଏଥିରୁ ପ୍ରତିଥର ୬ ରୁ ୭ଲକ୍ଷ ଟଙ୍କା ଲାଭ ପାଉଥିବା ସେ ସୂଚନା ଦେଇଛନ୍ତି। ମହିଳାମାନଙ୍କୁ ବାର୍ତ୍ତା ଦେଇ ସୁଜାତା କହିଛନ୍ତି ଯେ, ସେମାନେ ଘରେ ବସି ନରହି କୌଣସି କାର୍ଯ୍ୟ ଆରମ୍ଭ କରନ୍ତୁ, ସଫଳତା ନିଶ୍ଚୟ ମିଳିବ।

## ୩ଜଣଙ୍କୁ ବିଦାରି ପକାଇଲା ଭାଲୁ

ବାରିପଦା/କପ୍ତିପଦା, ୨୯।୩ (ସମିସ): କପ୍ତିପଦା ବନାଞ୍ଚଳ ତାଳଗଡ଼ି ଗ୍ରାମରେ ଭାଲୁ ଆକ୍ରମଣରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ବୃଦ୍ଧା ରାନୀ ନାଏକ, ସୁମତ ଖଣ୍ଡେଇ ଓ କମଳାକାନ୍ତ ନାଏକ। ଏମାନେ ଆଜି ସକାଳୁ ଶୌଚ ନିମନ୍ତେ ଯାଇଥିବା ବେଳେ ଗୋଟିଏ ଭାଲୁ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଭାଲୁଟି ରାନୀଙ୍କ ମୁହଁକୁ ବିଦାରି ପକାଇଥିବା ବେଳେ ସୁମତଙ୍କ ଗୋଡ଼ରେ ଗଭୀର କ୍ଷତ ହୋଇଛି। ସୂଚନାନୁଯାୟୀ, ମହୁଲ ଫୁଲ ବାସ୍ନାରେ ଏକ ବିରାଟକାୟ ଭାଲୁ ରବିବାର ସକାଳେ ତାଳଗଡ଼ି ଗ୍ରାମକୁ ପଶିଆସିଥିଲା। ଏହି ସମୟରେ ଶୌଚ ନିମନ୍ତେ ଯାଇଥିବା ରାନୀ ଏବଂ ସୁମତଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ସେହିପରି, କମଳାକାନ୍ତଙ୍କୁ ମଧ୍ୟ ନଦୀ ନିକଟରେ ଆକ୍ରମଣ କରି ଗୁରୁତର ଆହତ କରିଥିଲା। ଏମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଭାଲୁଟିକୁ ନିକଟସ୍ଥ ଜଙ୍ଗଲକୁ ଘଉଡ଼ାଇ ଦେଇଥିଲେ। ଗ୍ରାମବାସୀମାନେ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

## ୧୨୩ କେଜି ସମ୍ବର ମାଂସ ଜବତ; ୪ ଶିକାରୀ ଗିରଫ

ଠାକୁରମୁଣ୍ଡା/ମହୁଲଡିହା, ୨୯।୩(ସମିସ): ଶିମିଳିପାଳ ଅଭୟାରଣ୍ୟର ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ବନବିଭାଗ ୧୨୩ କେଜି ସମ୍ବର ମାଂସ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୪ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଠାକୁରମୁଣ୍ଡା ବ୍ଲକ୍ ହାତୀଗୋଡ଼ା ପଞ୍ଚାୟତ ଅଧୀନ ଅସନକୁଦ ମାହାଲିସାହିର ବିକ୍ରମ ମାହାଲି, ଅର୍ଜୁନ ମାହାଲି, ସୁନୀଲ ମାହାଲି ଓ ରାଣୀଭୋଳ ଗ୍ରାମର ଦେରେଗା ଡାଙ୍ଗିଲ। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ମୁତାବକ, ଗତ ୨୬ତାରିଖ ସଂଧ୍ୟାରେ ଶିମିଳିପାଳ ସଂଲଗ୍ନ କମ୍ପାର୍ଟମେଣ୍ଟ ନମ୍ବର ୮ରୁ ୨ଜଣ ଶିକାରୀ ଜଙ୍ଗଲ ଭିତରୁ ଫେରୁଥିବା ବେଳେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ କିଛି ସମ୍ବର ମାଂସ ମିଳିଥିଲା। ତେବେ ଘଟଣାସ୍ଥଳରୁ କୌଶଳକ୍ରମେ ଜଣେ ଶିକାରୀ ଖସି ଯାଇଥିଲା। ଅନ୍ୟ ଶିକାରୀକୁ ପଚରାଉଚରା କରି ପରେ ବନ ବିଭାଗ ଅନ୍ୟ ୩ଶିକାରୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ମୋଟ ୧୨୩କେଜି କଟା ସମ୍ବର ମାଂସ ସହ ଦୁଇଟି ରକ୍ତଭିଜା କୁରାଢ଼ୀ ଜବତ ହୋଇଛି। ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ମାମଲା ରୁଜୁ ହୋଇଛି।

## ଶିମିଳିପାଳରୁ ପୁଣି ଶିକାରୀ ଗିରଫ

ବାରିପଦା, ୨୯।୩(ସମିସ): ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ ଉତ୍ତୋଳିତ ଫଟୋଚିତ୍ରକୁ ଆଧାର କରି ବନବିଭାଗ ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ କପ୍ତିପଦା ଥାନା ଅନ୍ତର୍ଗତ ଜେଏସ ଜାମଡିହା ଗ୍ରାମର ଦଶରଥ ସିଂ (୫୦)। ତା' ନିକଟରୁ ଗୋଟିଏ ହାତତିଆରି

**ବନ୍ଧୁକ ଓ ବିସ୍ଫୋରକ ଜବତ**

ଦେଶୀ ବନ୍ଧୁକ, ୧୫୫ ଗ୍ରାମ କଳା ବିସ୍ଫୋରକ, ୨୫ ଗ୍ରାମ୍ ଧଳା ବିସ୍ଫୋରକ, ସାଇକଲ୍ ବଲ୍, ପିନ୍ ଓ ଦିଆସିଲ ଭଳି ଶିକାର ପାଇଁ ବ୍ୟବହୃତ ଅନେକ ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ବାରିପଦାସ୍ଥିତ ସିଜେଏମ କୋର୍ଟରେ ହାଜର କରାଯାଇଛି।

ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୫ରେ ଜଙ୍ଗଲ ମଧ୍ୟରେ ଲାଗିଥିବା ଏଆଇ କ୍ୟାମେରାରୁ ଏକ ଫଟୋ ଆଲର୍ଟ ବନ ବିଭାଗକୁ ମିଳିଥିଲା। ସୂଚନା ପାଇବା ମାତ୍ରେ ପୋଡାଡିହା ରେଞ୍ଜର ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲ ମଧ୍ୟରେ ଅତର୍କିତ ଚଢ଼ଉ କରିଥିଲେ। ବନ କର୍ମଚାରୀ ଜଙ୍ଗଲରେ ଛପି ରହିଥିବା ବେଳେ ଜଣେ ବ୍ୟକ୍ତି ସେଠାରୁ ଖସି



ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଚତୁରତାର ସହ ବନ ବିଭାଗ ଟିମ୍ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏହି ଶିକାରୀ ଦଳରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, ସେନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଥିବା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନ୍‌ର ଉପ-ନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

## ଧାନ ବିକ୍ରିରୁ ବଞ୍ଚିତ ଚାଷୀ
# ରାସ୍ତାରେ ବସିଲେ, ଖରାରେ ସିଝିଲେ

ଭଣ୍ଡାରିପୋଖରୀ/ବାରିକପୁର, ୨୯।୩ (ସମିସ): ଚଳିତବର୍ଷ ଆରମ୍ଭରୁ ଖରିଫ୍ ଧାନ କ୍ରୟ ବ୍ୟବସ୍ଥାରେ ବ୍ୟାପକ ତ୍ରୁଟି ଦେଖାଦେଇଥିଲା। କଷ୍ଟେମଷ୍ଟେ ଧାନକିଣା ହୋଇଥିଲେ ସୁଦ୍ଧା ଏବେ ଶେଷ ପର୍ଯ୍ୟାୟରେ ଚରମ ବିଭ୍ରାଟ ଦେଖିବାକୁ ମିଳିଛି। ସରକାରୀ ଭାବେ ଧାନକିଣା ଅବଧିକୁ ଆଉ ମାତ୍ର ୪୮ଘଣ୍ଟା ବାକି ଥିବା ବେଳେ କିଛି ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କର ନା ହୋଇଛି ଆଇ-ସ୍କାନ୍ ନା ମଣ୍ଡିରେ ଦେଇଛନ୍ତି ଧାନ। ଟାର୍ଗେଟ୍ ନ ଥିବାରୁ ମଣ୍ଡି ପରିଚାଳକ ଚାଷୀଙ୍କଠାରୁ ଧାନ ରଖୁନାହାନ୍ତି। ମଣ୍ଡିରେ ମଧ୍ୟ ଶହଶହ ଧାନ ବସ୍ତା ଗଚ୍ଛିତ ରହିଛି। କେହି ଦୁଃଖ ଶୁଣୁନଥିବା ଯୋଗୁଁ ଶେଷରେ ଚାଷୀମାନେ ଆଜି ରାଜରାସ୍ତାକୁ ଓହ୍ଲାଇଛନ୍ତି। ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏଁ ଚାଷୀମାନେ ଖରାରେ ସିଝିସିଝି ସରକାର ଓ ପ୍ରଶାସନର ଅପାରଗତାକୁ ନିନ୍ଦା କରିଥିଲେ। ଏଭଳି ଚିତ୍ର ଦେଖିବାକୁ ମିଳିଛି ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ଶିରିଡ଼ି ସାଇ ଏସ୍‌ଏଚ୍‌ଜି ପରିଚାଳିତ ମଣ୍ଡିରେ।

ପଞ୍ଜିକୃତ ପ୍ରାୟ ଦେଢ଼ଶହରୁ ଅଧିକ ଚାଷୀ ଏଯାଏଁ ମୁଠାଏ ବି ଧାନ ବିକି ପାରିନାହାନ୍ତି। ପାଖାପାଖି ୫ହଜାର କ୍ୱିଣ୍ଟାଲ ଧାନ ଟାର୍ଗେଟ ଆସିଲେ ସମସ୍ତ ଚାଷୀ ଧାନ ବିକିପାରିବେ। ଏପରିସ୍ଥଳେ ସପ୍ତାହେ ହେବ ମଣ୍ଡିକୁ ଟାର୍ଗେଟ ଆସୁନାହିଁ। ଦୌଡ଼ି ଦୌଡ଼ି ନୟାନ୍ତ ହେବା ପରେ ରବିବାର ବିଭିନ୍ନ ଗ୍ରାମର ଚାଷୀ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତା ଅବରୋଧ କରିଥିଲେ। ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏଁ ଚାଷୀମାନେ ଖରାରେ ସିଝିଥିବା ବେଳେ ସରକାର ଓ ପ୍ରଶାସନର ଅପାରଗତାକୁ ତୀବ୍ର ସମାଲୋଚନା କରିଥିଲେ। ଘଣ୍ଟାଘଣ୍ଟା ଧରି ଚାଷୀମାନେ ରାସ୍ତା ଉପରେ ପ୍ରତିବାଦ ସ୍ୱରୂପ ଧାରଣା ଦେଇଥିଲେ ସୁଦ୍ଧା ଜିଲ୍ଲାସ୍ତରୀୟ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଚାଷୀମାନଙ୍କର ଧୀରେ ଧୀରେ



କ୍ଷୋଭ ବଢୁଥିବା ବେଳେ ଅତିରିକ୍ତ ତହସିଲ୍‌ଦାର ନୀହାର ମଲ୍ଲିକ, ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ, ବ୍ଲକ୍ ଯୋଗାଣ ଅଧିକାରୀ ହିମାଂଶୁ ଦାସ ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲେ। ଟାର୍ଗେଟ୍ ମିଳିବା ଓ ଧାନ ବିକ୍ରିକୁ ନେଇ ଲିଖିତ ପ୍ରତିଶ୍ରୁତି ନ ମିଳିଲେ ସେମାନେ ଅଖିଆଅପିଆ ବସିରହିବେ ବୋଲି କହିଥିଲେ। କିନ୍ତୁ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ କୌଣସି ପ୍ରତିଶ୍ରୁତି ଦେବା ପାଇଁ ଅକ୍ଷମତା ପ୍ରକାଶ

- **ଫୋନ୍‌ରେ କଥା ହେଲେ ଏଡିଏମ୍**
- **ଅଂଶୁଘାତରେ ଆକ୍ରାନ୍ତ ଜଣେ ଚାଷୀ ଡାକ୍ତରଖାନାରେ ଭର୍ତ୍ତି**

କରିଥିଲେ। ଏହି ସମୟ ମଧ୍ୟରେ ଧାରଣାରତ ଜଣେ ଚାଷୀ ଅଂଶୁଘାତରେ ଆକ୍ରାନ୍ତ ହୋଇ ମେଡିକାଲକୁ ମଧ୍ୟ ଯାଇଥିଲେ।

ଔପଚାରିକ ଦୃଷ୍ଟିରୁ ଖରାରେ ସିଝୁଥିବା ଚାଷୀମାନଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ କେବଳ ଫୋନ୍‌ରେ କଥା ହୋଇଥିଲେ ବି ତାହା ଚାଷୀଙ୍କୁ ସାନ୍ତ୍ୱନା ଦେଇପାରିନଥିଲା। ଚାଷୀମାନେ ଦୀର୍ଘ ସମୟ ଧାରଣା ଦେବା ପରେ ସୋମବାର ଦିନ ୧୨ଟା ମଧ୍ୟରେ ଟାର୍ଗେଟ୍ ଯୋଗାଯିବ ବୋଲି ଜିଲ୍ଲାସ୍ତରରୁ ଖବର ଆସିଥିଲା। ପରେ ଅପରାହ୍ଣ ୫ଟା ପରେ ଚାଷୀମାନେ ଧାରଣାକୁ ସ୍ଥଗିତ ରଖିଥିଲେ। ଶସ୍ୟବିକ୍ରି ପାଇଁ ସୋମବାର ସୁଦ୍ଧା କୌଣସି ସବୁଜ ସଂକେତ ନ ମିଳିଲେ, ପିଲାଛୁଆ ଧରି ଚାଷୀମାନେ ପୁଣି ଧାରଣାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମଣ୍ଡିରେ ପଡ଼ି ପଡ଼ି ଧାନ ଗଜା
# ବସ୍ତା ରଖି ଚାଷୀଙ୍କ ରାଜ୍ୟ ରାଜପଥ ଅବରୋଧ



ତିହିଡ଼ି, ୨୯।୩(ସମିସ): ଖରା, ବର୍ଷା ଖାଇ ମଣ୍ଡିରେ ପଡ଼ିପଡ଼ି ଧାନ ଗଜା ହୋଇଗଲାଣି। ହେଲେ ଯୋଗାଣ ବିଭାଗ କି ମିଲର୍‌ଙ୍କ ଆଖିକୁ ଏସବୁ ଦେଖାଯାଉନି। ଏପଟେ, ଚାଷୀ ଖାଲି ହନ୍ତସନ୍ତ ହେଉଛି। ତିହିଡ଼ି ବ୍ଲକ୍ ଅଧୀନ ଜାମଯୋଡ଼ି ଓ ଅମୃତପୁର ସମବାୟ ସମିତିରେ ଏପରି ଅବ୍ୟବସ୍ଥା ପ୍ରତିବାଦରେ ଆଜି ସକାଳେ ଚାଷୀମାନେ ଧାନବସ୍ତା ରଖି ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରିଛନ୍ତି। ମଣ୍ଡିରୁ ଧାନ ଉଠାଇବା ଦିଗରେ ପଦକ୍ଷେପ ନିଆନଗଲେ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସୂଚନାନୁସାରେ, ଜାମଯୋଡ଼ି ସମିତି ମଣ୍ଡିରେ ୮ ହଜାର ଏବଂ ଅମୃତପୁର ମଣ୍ଡିରେ ୭ହଜାର କୁଇଣ୍ଟାଲ ଧାନବସ୍ତା ପଡ଼ିରହିଛି। ଏହି ଧାନବସ୍ତା ବର୍ଷା ଖାଇ ଗଜା ମାରିଲାଣି। ମିଲରମାନେ ଧାନବସ୍ତା ଉଠାଉ ନଥିବାରୁ ଧାନର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଏହି ୨ଟି ସମିତିକୁ ଆବଶ୍ୟକ ଟାର୍ଗେଟ୍ ମିଳୁନଥିବାରୁ ବହୁ ଚାଷୀ ଧାନ ବିକିବାରୁ ବଞ୍ଚିତ ହୋଇଛନ୍ତି। ଖାଲି ସେତିକି ନୁହେଁ, ମଣ୍ଡିରେ ଧାନ ବିକିଥିବା ବହୁ ଚାଷୀ ଅଦ୍ୟାବଧି ପ୍ରାପ୍ୟ ନପାଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିରେ ଅସନ୍ତୋଷ ପ୍ରକାଶ କରି ଚାଷୀମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେଇଛନ୍ତି। ଅମୃତପୁର ସମିତି ସଭାପତି ବିଜୟକୁମାର ରାଉତ ଏବଂ ଜାମଯୋଡ଼ି ସଭାପତି ଅର୍ଜୁନ ଚରଣ ନାୟକଙ୍କ ନେତୃତ୍ୱରେ ଚାଷୀମାନେ ଆଜି ଏହି ଆନ୍ଦୋଳନ କରିଥିଲେ। ଖବର ଲେଖା ହେବା ବେଳକୁ କୌଣସି ପ୍ରଶାସନିକ ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚିନଥିଲେ।

ସକାଳ THE SAKALA



## ଉଦୟପୁର-ତାଳସାରି ବେଳାଭୂମି

# ବେଆଇନ ବୋଟିଂ ଉପରେ ଲାଗିଲା ରୋକ୍

ବାଲେଶ୍ୱର(ଉତ୍ତର), ୨୯।୩ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଥିବା ଉଦୟପୁର ଓ ତାଳସାରି ବେଳାଭୂମି ସଂଲଗ୍ନ ସମୁଦ୍ରରେ ଦୀର୍ଘଦିନ ଧରି ଚାଲିଥିଲା ବେଆଇନ ବୋଟିଂ। ସବୁ ନୀତି ନିୟମକୁ ଉଲ୍ଲଂଘନ କରି ପର୍ଯ୍ୟଟକମାନଙ୍କୁ ନେଇ ନୌବିହାର କରାଇ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିଲେ କତିପୟ ସ୍ଥାନୀୟ ଲୋକେ। ଏପରିକି ବିଭିନ୍ନ ସମୟରେ ପର୍ଯ୍ୟଟକ ମାନଙ୍କୁ ସେମାନଙ୍କ ଜୁଲୁମ ସହିବାକୁ ପଡୁଥିଲା ବେଳେ ମାଡ଼ ଖାଇବାକୁ ପଡୁଥିଲା। ସେହିପରି ଅନେକ ସମୟରେ ବୋଟ ଗୁଡ଼ିକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହେଉଥିଲେ ପର୍ଯ୍ୟଟକ। ଏଭଳି ବେଆଇନ ବୋଟ ଚାଳନାକୁ ନେଇ ପର୍ଯ୍ୟଟନ ବିଭାଗ ନିକଟସ୍ଥ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିଲା। ତେବେ ଏନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ର ଚେତା ପଶିଛି। ବାଲେଶ୍ୱର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ବୋଟ ଗୁଡ଼ିକୁ ଜବତ କରି ଥାନାରେ ରଖା ଯାଇଥିଲା ବେଳେ ଏହାର ମାଲିକ ମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ମାନେ ଏଭଳି ବେଆଇନ କାର୍ଯ୍ୟ କାହା ପ୍ରୋତ୍ସାହନରେ ଚଳାଇ ଆସୁଥିଲେ ତାହାର ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତି ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାଧାରଣରେ ଦାବୀ ହୋଇଛି। ସୂଚନାଯୋଗ୍ୟ ଯେ ଓଡିଶା-ପଶ୍ଚିମବଙ୍ଗ ସୀମାରେ ଅବସ୍ଥିତ ମନୋରମ ବେଳାଭୂମି ଉଦୟପୁର ଓ ତାଳସାରି। ବର୍ଷଯାକ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ପର୍ଯ୍ୟଟକଙ୍କୁ ନୌବିହାର କରାଇବା ପାଇଁ ୨ଟି ସଂସ୍ଥା ପକ୍ଷରୁ ସ୍ପିଡ୍ ବୋଟ୍‌ର ବ୍ୟବସ୍ଥା ରହିଛି। ଏହି ସଂସ୍ଥା କୌଣସି ସରକାରୀ ଅନୁମତି ନ ନେଇ ନୀତି ନିୟମକୁ ପାଳନ ନକରି ଅଧିକ ଟଙ୍କା ଲୋଭରେ ପର୍ଯ୍ୟଟକଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହୋଇ ଆସୁଥିଲା। ଅନେକ ସମୟ ରେ ବୋଟ୍‌ରୁ ଖସିପଡ଼ି ପର୍ଯ୍ୟଟକମାନେ ଗୁରୁତର ଆହତ ହେଉଥିଲା କେତେବେଳେ ମାଡ଼ ଖାଇ ଲହୁଲୁହାଣ ହେଉଛନ୍ତି ପର୍ଯ୍ୟଟକ। ଏଭଳି ଅଘଟଣ ବାରମ୍ବାର ଘଟିବା ପରେ ମଧ ବୋଟ୍ ଚଳାଉଥିବା ସଂସ୍ଥା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିଲା। ଅନ୍ୟପକ୍ଷରେ ଏ ନେଇ ଖୋଦ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବେଆଇନ ଭାବେ ବିନା ଅନୁମତିରେ ବୋଟ୍ ଚାଲୁଥିବା କହିଥିବା ବେଳେ ଉଦୟପୁର ବେଳାଭୂମି ନିକଟରେ ଥିବା ତାଳସାରି ସାମୁଦ୍ରିକ ଥାନାରେ ଅଭିଯୋଗ ବି କରିଥିଲେ। ଏପରିକି ଚାଲୁଥିବା ସ୍ପିଡ୍ ବୋଟ୍ ସଂସ୍ଥାକୁ ଏନ୍‌ଓସି ମିଳିଛି କି ତାହା ସନ୍ଦେହ ଘେରରେ। କାରଣ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ବିଭାଗ କହୁଛି ଏନ୍‌ଓସି ଦିଆଯାଇନି ମାତ୍ର ବୋଟ ଚଳାଉ ଥିବା ସଂସ୍ଥା କହୁଛି ଆମକୁ ଏନ୍‌ଓସି ମିଳିଛି। ତାଲିମ୍ ନେଇଥିବା କର୍ମଚାରୀ ବି ଅଛନ୍ତି। ପର୍ଯ୍ୟଟନ ବିଭାଗ ଓ ବୋଟ ଚଳାଉଥିବା ସଂସ୍ଥା ମଧ୍ୟରେ କୌଣସି ତାଳମେଳ ରହୁ ନଥିଲା ବେଳେ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।ଏନେଇ ବାଲେଶ୍ୱର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଆଜି ଠାରୁ ବୋଟ ଚଳାଚଳ ବନ୍ଦ କରାଯାଇଛି।

## ‘ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଓ ଛାତ୍ର ସମାଜର ଭବିଷ୍ୟତ’ ଆଲୋଚନାଚକ୍ର

ବାଲେଶ୍ୱର,୨୯।୩ (ସମିସ): ଭାରତର ଛାତ୍ର ଫେଡେରେସନ (ଏସ୍.ଏଫ୍.ଆଇ) ପକ୍ଷରୁ ଆଜି ନୂଆବଜାର ସ୍ଥିତ କୃଷକ ସଭା ଅଫିସର ସମ୍ମିଳନୀ କକ୍ଷରେ "ଶିକ୍ଷାର ସାମ୍ପ୍ରତିକ ସ୍ଥିତି ଓ ଛାତ୍ର ସମାଜର ଭବିଷ୍ୟତ’ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏସ.ଏଫ୍.ଆଇ ବାଲେଶ୍ୱର ଜିଲ୍ଲା ସାଙ୍ଗଠନିକ କମିଟି ପକ୍ଷରୁ ଆୟୋଜିତ ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ ଓ ଛାତ୍ର ନେତୃବୃନ୍ଦ ଯୋଗଦେଇ ବର୍ତ୍ତମାନର ସାମାଜିକ ଓ ରାଜନୈତିକ ସଂକଟ ଉପରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ପ୍ରାଧ୍ୟାପକ ପ୍ରଫେସର ସୁରେନ୍ଦ୍ର କୁମାର ଜେନା ଯୋଗଦେଇ ଛାତ୍ର ଓ ଯୁବ ସମାଜ ଏକଜୁଟ ହୋଇ ଏହି ପୁଞ୍ଜିବାଦୀ ଶୋଷଣ ଓ ସାମ୍ପ୍ରଦାୟିକ ରାଜନୀତି ବିରୁଦ୍ଧରେ ସଂଗ୍ରାମକୁ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ରଶ୍ମି ରେଖା ମହାର୍ଣ୍ଣା ସଭାପତିତ୍ୱ କରିଥିବା ବେଳେ ଏସ୍.ଏଫ୍.ଆଇ.ର ରାଜ୍ୟ ସଭାପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏସ.ଏଫ୍.ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ବକ୍ତବ୍ୟ ରଖିଥିଲେ। ରାଜ୍ୟ କମିଟି ସଭ୍ୟ ଅଭିଳାଷ ମଲ୍ଲିକ, ଅଚ୍ୟୁତାନନ୍ଦ ଜେନା, ପ୍ରମୋଦ ପ୍ରାମାଣିକ, ଅରବିନ୍ଦ ମହାପାତ୍ର, ସୌରଭ ସାହୁ, ଅରୂପ ଦାସ, ମହେଶ୍ୱର ଚାନ୍ଦ, ବିଶ୍ୱଜିତ ଗିରି, ଶିବଶଙ୍କର ମହାନ୍ତି, ଅକ୍ଷୟ ବାରିକ, ଯୁବରାଜ ମହାନ୍ତି, ରାମଚନ୍ଦ୍ର ମଣ୍ଡଳ, କ୍ରିଷ୍ଣାନ୍ଦୁ ସାହୁ ପ୍ରମୁଖ ବହୁ ସଂଗ୍ରାମୀ ସାଥି ଆଲୋଚନାରେ ଭାଗ ନେଇଥିଲେ।

## ତାଳସାରି ବେଳାଭୂମିରେ ସୁଟିଂ ବେଳେ ଦୁର୍ଘଟଣାରେ ବଙ୍ଗୀୟ ଅଭିନେତାଙ୍କ ମୃତ୍ୟୁ



ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର,୨୯।୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ତାଳସାରି ବେଳାଭୂମିଠାରେ ସୁଟିଂ କରୁଥିବା ସମୟରେ ବଙ୍ଗୀୟ ଅଭିନେତା ରାହୁଲ ଅରୁଣୋଦୟ ବାନାର୍ଜୀଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏହି ଖବର ଆସିବା ମାତ୍ରେ ପଶ୍ଚିମବଙ୍ଗରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ରାହୁଲ ଏହି ବେଳାଭୂମି ଠାରେ ‘ଭୋଲେ ବାବା ପାର କରେଗା’ ଧାରାବାହିକର ସୁଟିଂ ପାଇଁ ଆସିଥିଲେ। ସୁଟିଂ ସମୟରେ ତାଙ୍କର ସମୁଦ୍ରରେ ଗୋଡ଼ ଖସି ଯିବାରୁ ପାଣିରେ ପଡିଯାଇଥିଲେ। ସଂଗେ ସଂଗେ ସଂଗେ ରାହୁଲଙ୍କୁ ପାଣିରୁ ଉଦ୍ଧାର କରି ଦୀଘା ହସ୍ପିଟାଲ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାରର ଏହି ଘଟଣା ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।

## ବିଦ୍ୟୁତ୍ ଆଘାତରେ ମହିଳା ଗୁରୁତର

ନୀଳଗିରି, ୨୯।୩ (ସମିସ): ଘର ଲାଇନ ବୋର୍ଡରୁ ପ୍ଲଗ୍ ଖୋଲୁଥିବା ବେଳେ ହଠାତ୍ ସଟ୍ ସର୍କିଟ ହେବାରୁ ମହିଳା ଜଣକ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ରେମୁଣା ଥାନା ଅନ୍ତର୍ଗତ ବଡୁଆ ଗ୍ରାମର କୃଷ୍ଣଚନ୍ଦ୍ର ମହାଳିକଙ୍କ ସ୍ତ୍ରୀ ପ୍ରତିମା ମହାଳିକ (୪୬) ରବିବାର ଦିନ ପ୍ରାୟ ୪ଟା ସମୟରେ ଘରେଥିବା ଲାଇନ ବୋର୍ଡରୁ ପ୍ଲଗ୍ ଖୋଲୁଥିବା ବେଳେ ହଠାତ୍ ଚାର୍ଜ ହୋଇ ଯାଇଥିଲା। ଫଳରେ ପ୍ରତିମା ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଚନ୍ଦନେଶ୍ୱର,୨୯।୩ (ସମିସ): ଭୋଗରାଇର କୀର୍ତ୍ତନିଆ ମତ୍ସ୍ୟ ଅବତରଣ କେନ୍ଦ୍ର ସନ୍ନିକଟ ମୁଖ୍ୟ ରାସ୍ତାରେ ରବିବାର ମଧ୍ୟାହ୍ନରେ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ବାଇକ ଓ ଇଭିସ୍କୁଟି ପରସ୍ପର ମଧ୍ୟରେ ଧକ୍କା ହେବା ଫଳରେ କାନ୍ଥଭଉଁରୀ ପଞ୍ଚାୟତର ବଡପାହି ଗ୍ରାମର ଭଗୀରଥ ଦତ୍ତ (୩୪) ମୃତ୍ୟୁବରଣ କରିଥିବା ବେଳେ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ମାଟିକେଞ୍ଚା ଗ୍ରାମର ଦିବାକର ବାଣୁଆଙ୍କର ପୁତ୍ର ସଞ୍ଜୟ ବାଣୁଆ (୩୫) ଗୁରୁତର ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ତେବେ ମୃତ ଭଗିରଥ ଜଣେ ଟ୍ରାକ୍ଟର ଡ୍ରାଇଭର।

## ଖ୍ରୀଷ୍ଟ ଧର୍ମାବଲମ୍ବୀ ପାଳିଲେ ପାମ୍ ସଣ୍ଡେ

ନୀଳଗିରି, ୨୯।୩ (ସମିସ): ପ୍ରଭୁ ଯୀଶୁଙ୍କ ଉଦ୍ଦେଶ୍ୟରେ ‘ପାମ୍ ସଣ୍ଡେ’ ବା ବିଜୟ ଉତ୍ସବ ପାଳନ ହୋଇଯାଇଛି। ନୀଳଗିରି ଏନଏସି ଷ୍ଟେସନସାହିରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକମାନେ ଏହି ଉତ୍ସବକୁ ବେଶ ଧୁମଧାମର ସହିତ ପାଳନ କରିଛନ୍ତି। ଏହି ଅବସରରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଲୋକମାନେ ଖଜୁରୀ ଡାଳ ଓ ଫୁଲରେ ପ୍ରସ୍ତୁତ ସୁନ୍ଦର ତୋରଣମାନ ଧରି ଗାଁ ପରିକ୍ରମା କରିଥିଲେ। ଉତ୍ସବକୁ ସାଧୁ ସୁନ୍ଦର ସିଂ, ସୁବୁଧି ବେହେରା, ବିସମ ହୃଦୟ ଦଣ୍ଡିଆ, ମଧୁସୁଦନ ସିଂ, ନନ୍ଦିନୀ ସିଂ, ପ୍ରତ୍ୟୁଷ ସୁନ୍ଦର ସିଂ, ସୁରେଶ ସିଂ, ସୁରେଶ ବିଶ୍ୱାଳ, ପ୍ରଶାନ୍ତ ସିଂ ପ୍ରମୁଖ ପରିଚାଳନା କରିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି, ୨୯।୩ (ସମିସ): ସନ୍ତରାଗଡିଆ ଅଞ୍ଚଳରେ ଜୈନିକ ଯୁବକକୁ ସଂଘବଧ ଆକ୍ରମଣ କରି ଗୁରୁତର ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଥିବାର ଜଣାପଡ଼ିଛି। ସନ୍ତରାଗଡିଆ ଶ୍ରୀଦେଇପୁର ଗ୍ରାମର କରୁଣାକର ଦେହୁରି (୩୪) ନିଜ ବାଇକରେ ଗତ ଶନିବାର ଅପରାହ୍ନ ୪ଟା ସମୟରେ ଗାଁ ରାସ୍ତାରେ ଉକ୍ତ ଗ୍ରାମର ରାଜା ପାତ୍ର, ଚିକୁ ପାତ୍ର, ବଳଭଦ୍ର ପାତ୍ର, ମୁନା ପାତ୍ର ମିଳିତ ଭାବେ ତାଙ୍କୁ ଅଟକାଇ ଗାଳି ଗୁଲଜ କରିବା ସହିତ ନିସ୍ତୁକ ମାଡ଼ ମାରିଥିଲେ। ଜୀବନ ବିକଳରେ ଦୌଡ଼ି ପଳାଇ ଯାଉଥିବା ବେଳେ ଉପରୋକ୍ତ ବ୍ୟକ୍ତି ମାନେ ଏକ ଖଣ୍ଡାରେ ଆକ୍ରମଣ କରି ମୁଣ୍ଡ କୁ କ୍ଷତାକ୍ତ କରିଥିଲେ। ଚିକ୍ରାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ସମସ୍ତେ ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ କରୁଣାକରକୁ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଏବେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ କରୁଣାକର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଅଲଚିକି ଲିପିର ଶତବାର୍ଷିକୀ

ଲଙ୍ଗଳେଶ୍ୱର, ୨୯।୩ (ସମିସ) : ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଆଦିବାସୀ ସାହିଠାରେ ସାନ୍ତାଳୀ ଭାଷା ଅଲଚିକି ଲିପିର ଶତ ବାର୍ଷିକୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସାହି ମୁଖିଆ ମାଝୀ ବାବା ସୁନାରାମ ମାରାଣ୍ଡି ସଭାପତିତ୍ୱ କରିଥିଲେ। ଲଙ୍ଗଳେଶ୍ୱର ହାଇସ୍କୁଲର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମୁର୍ମୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସାନ୍ତାଳୀ ଭାଷା ଅଲଚିକି ଲିପିର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡା. ଦାକ୍ଷିନ ମୁର୍ମୁ ଯୋଗଦେଇ ଜାତି ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସୁମିତା ମୁର୍ମୁ, ଜ୍ୟୋତ୍ସ୍ନାରାଣୀ ମାଝୀ, କୁନୀ ମାରାଣ୍ଡି, ଲକ୍ଷ୍ମୀଧର ସୋରେନ, ସୁବଳ ମାରାଣ୍ଡି, ଶିବଶଙ୍କର ମାରାଣ୍ଡି, ରବି ବେସ୍ରା, ବୁଦ୍ଧିଆ ମାରାଣ୍ଡି, ଫୁଲରାଇ ମାରାଣ୍ଡି, ଭଜହରି ମାରାଣ୍ଡି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କିଶୁନ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର,୨୯।୩ (ସମିସ): ଜଳେଶ୍ୱର ବ୍ଲକ ସ୍ଥିତ ସପ୍ତେଶ୍ୱର ମଣ୍ଡଳର ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର କାଶିଡିହା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସପ୍ତେଶ୍ୱର ମଣ୍ଡଳ ସଭାପତି ସଞ୍ଜୀବ ସେନାପତି ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଦୀପ ପଣ୍ଡା, ବ୍ରଜ ମୋହନ ପ୍ରଧାନ, ଫାଲଗୁନି ପାଣିଗ୍ରାହୀ, ତପନ ବିଶ୍ୱାଳ, ରାମଚନ୍ଦ୍ର ବେଶ୍ରା ଓ ସୁମତି ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଧାନକିଣା ଅନିୟମିତତାକୁ ନେଇ ବର୍ଷିଲା କଂଗ୍ରେସ

ଜଳେଶ୍ୱର, ୨୯।୩ (ସମିସ): ଚଳିତ ଖରିଫ ଋତୁର ଧାନ କିଣାରେ ବିଭିନ୍ନ ସମବାୟ ସମିତିରେ ହୋଇଥିବା ବଡ ଧରଣର ଘୋଟାଲାକୁ ନେଇ ଆଜି କଂଗ୍ରେସ ଦଳ ପକ୍ଷରୁ ଜଳେଶ୍ୱର ଭଞ୍ଜ ଭବନ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ହେମନ୍ତ କୁମାର ଗିରି ଅଧ୍ୟକ୍ଷତା କରିଥିବା ବେଳେ କଂଗ୍ରେସ ନେତା ସୁଦର୍ଶନ ଦାସ ଯୋଗଦେଇ ନେତା ଓ ଯୋଗାଣ ବିଭାଗର ଅଧିକାରୀ ମାନଙ୍କ ମଧୁଚନ୍ଦ୍ରିକା ଦ୍ୱାରା ଚାଷୀ ମାନଙ୍କୁ ଶୋଷଣ କରିବା ସହିତ ଚାଷୀମାନଙ୍କ ନାମରେ କୋଟି କୋଟି ଟଙ୍କାର ଲୁଟ ହେଉଛି ତାର ଅବତାରଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ମିଳିଥିବା ଟୋକନର ଶତପ୍ରତିଶତ ଧାନ ଚାଷୀଙ୍କ ଠାରୁ କିଣାଗଲା ଯାହାର ସଂଖ୍ୟା ଗୋଟିଏ ସେବା ସମବାୟ ସମିତି ଅଧିନରେ ପଂଜିକୃତ ସମଗ୍ର ଚାଷୀଙ୍କ ସଂଖ୍ୟାର ୧୦%। ପରେ ୩୦% ଚାଷୀଙ୍କ ଠାରୁ ୮୦% ଧାନ କିଣାଗଲା। ଏବେ ୬୦% ଚାଷୀଙ୍କ ଠାରୁ ସେମାନଙ୍କୁ ମିଳିଥିବା ଟାର୍ଗେଟର ୫୦% ଧାନ କିଣାଯାଉଛି। ତଥାପି ୨ହଜାରରୁ ଅଧିକ ଚାଷୀ ଧାନ ଦେଇପାରିବେ ନାହିଁ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଚାଷୀଙ୍କ ଏହି ଅସହାୟତାର ସୁଯୋଗ ନେଇ ମିଲର ମାନେ ଯୋଗାଣ ବିଭାଗ ଅଧିକାରୀ, ସମବାୟ ସମିତି ସମ୍ପାଦକ ଓ ରାଜନେତା ମାନଙ୍କୁ ହାତବାରିଶି କରି ୮୦:୨୦ ଫର୍ମୁଲା ଫନ୍ଦି କରିଛନ୍ତି ଫଳରେ ଚାଷୀଠାରୁ ଯେଉଁ ଧାନ କିଣିବ ତା ସହିତ ଅଧିକ ୨୦ଧ ଅଧିକ ଯୋଡି ଚାଷୀର ଖାତାକୁ ଅର୍ଥ ଯିବ ଯାହା ଚାଷୀ ମିଲରକୁ ଫେରାଇଦେବ। ଏହି ଆଧାରରେ ଜଳେଶ୍ୱର ଗୋଟିଏ ସେବା ସମବାୟ ସମିତିରେ ୪୬.୫୦୦ଟଙ୍କାର ଘୋଟାଲା ହୋଇଛି ବୋଲି ଜଣାପଡିଛି। ତେଣୁ ଜଳେଶ୍ୱରରେ ଥିବା ୧୯ଟି ସମବାୟ ସମିତିରେ ଏହି ନିତି ଅନୁସରଣ କରି କୋଟିକୋଟି ଟଙ୍କାର ଘୋଟାଲା ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜଳେଶ୍ୱରର ଖରିଫ ଋତୁରେ ଟୋକନ ପାଇଥିବା ସମସ୍ତ ଚାଷୀଙ୍କ ଧାନ କିଣିବା, ରବି ଚାଷ ପାଇଁ ସମସ୍ତ ଚାଷୀଙ୍କୁ ପଂଜିକରଣ ନକଲେ ଏପ୍ରିଲ ମାସର ପ୍ରଥମ ସପ୍ତାହରେ ବ୍ଲକ ସମ୍ମୁଖରେ ଧାନ ରଖି ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ବ୍ଲକ ସଭାପତି ହେମନ୍ତ ଗିରି ଚେତାବନୀ ଦେଇଛନ୍ତି। ଏହି ସମ୍ମିଳନୀରେ ଟାଉନ କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ, ତ୍ରିଲୋଚନ ନାୟକ, ପଦ୍ମଲୋଚନ ବେହେରା, ଶ୍ରୀକାନ୍ତ ସିଂ, ସୈଭିକ ଜେନା, ଗତିକୃଷ୍ଣ ଦଳାଇ, ଦିର୍ଗାଶଙ୍କର ଆଶ, ଦୀପକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରଦ୍ଧାପୁର ସେବା ସମବାୟ ସମିତିର ସାଧାରଣ ସଭା



ଚନ୍ଦନେଶ୍ୱର, ୨୯।୩ (ସମିସ) : ଭୋଗରାଇ ବ୍ଲକ ଶ୍ରଦ୍ଧାପୁର ସେବା ସମବାୟ ସମିତିର କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ସମବାୟ ବର୍ଷ ଓ ୫୦ ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତିର ସ୍ଥାୟୀ ସଭାପତି ଗୁଣାକର ମାଝୀ ଅଧ୍ୟକ୍ଷତା କରିଥିବା ବେଳେ ସମିତିର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି ବାର୍ଷିକ ବିବରଣୀ ସହିତ ଆୟବ୍ୟୟ ଓ ବଜେଟ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ଭାବେ ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କର ଭୋଗରାଇ ଶାଖାର ପରିଚାଳକ ଅନନ୍ତ କୁମାର ଦାସ, ସୁପରଭାଇଜର ନାରାୟଣ ଜେନା, ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର, ଶ୍ରଦ୍ଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପଞ୍ଚାନନ କୁଣ୍ଡୁ, ଶମ୍ଭୁନାଥ ମାଝୀ, ସଦସ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, କାନ୍ଥଭଉଁରୀ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, ସଦସ୍ୟ ପ୍ରଦୀପ କୁମାର ଦାସ, ସମବାୟ ସମିତିର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ଦାସ, ଶିକ୍ଷାବିତ ଶମ୍ଭୁନାଥ ଜେନା, ସମିତିର ପରିଚାଳନା ପରିଷଦର ଉପସଭାନେତ୍ରୀ ସୁଷମା ରାଣୀ ପାତ୍ର, ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ, ବଳରାମ ପାତ୍ର, ଜଗନ୍ନାଥ ପାତ୍ର, ଯାମିନୀକାନ୍ତ ଗିରି, ସୁମନ୍ତ ନାୟକ, କାର୍ତ୍ତିକ ପ୍ରଧାନ, ରାମେଶ୍ୱର ଦେ, ଅଧୀର ଜେନା, ବ୍ରଜକିଶୋର ପାତ୍ର, ବନମାଳୀ ବେହେରା, ମମତା ଭୋଳ, ସମାଜସେବୀ ଅଜିତ ପାତ୍ର, କୃଷକ ସାଥୀ ଦୀପକ ଭଞ୍ଜ ପ୍ରମୁଖ ଯୋଗ ଦେଇ ସମବାୟ ସମିତିକୁ ସଶକ୍ତ, ସୁଦୃଢ କଲେ ଚାଷୀମାନେ ସମୃଦ୍ଧ ହେବେ ବୋଲି ଅଭିଭାଷଣ ରଖିଥିଲେ। ଉପସ୍ଥିତ ଚାଷୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ ମତ ପ୍ରକାଶ କରିଥିଲେ। ଆଦର୍ଶ ଚାଷୀ, ଆଦର୍ଶ ଜମାକାରୀ, ଆଦର୍ଶ ଋଣୀ, ଆଦର୍ଶ କୃଷକ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉପସଭାନେତ୍ରୀ ସୁଷମା ରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମିତିର ସହ ସମ୍ପାଦକ ଓମ ପ୍ରକାଶ ନାୟକ, ଡିଇଓ ନନୀଗୋପାଳ ମହାନ୍ତି, ଶିବଶଙ୍କର ପ୍ରଧାନ ଓ ଧରଣୀକାନ୍ତ ପ୍ରଧାନ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରଘୁନାଥ ମହାନ୍ତିଙ୍କୁ ଛାତ୍ର ବିଜେଡିର ସମ୍ବର୍ଦ୍ଧନା



ବାଲେଶ୍ୱର/ବସ୍ତା,୨୯।୩ (ସମିସ): ପୂର୍ବତନ ମନ୍ତ୍ରୀ ତଥା ବସ୍ତାର ବରିଷ୍ଠ ନେତା ରଘୁନାଥ ମହାନ୍ତି ନିକଟରେ ସପରିବାରେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଛାତ୍ର ବିଜେଡି ପକ୍ଷରୁ ରଘୁନାଥ ମହାନ୍ତି ଏବଂ ପୁତ୍ର ରାଜାଶ୍ରୀ ମହାନ୍ତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଫକୀର ମୋହନ କଲେଜର ପୂର୍ବତନ ଛାତ୍ର ସଂସଦ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ତଥା ବରିଷ୍ଠ ନେତା ମହାଦେବ ଦାସଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଦଳକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ କରାଯିବ, ଏ ନେଇ ଯୁବ ଓ ଛାତ୍ର ପିଢି ହିଁ ସାରଥୀ ସାଜିବେ ବୋଲି ସେ ଆହ୍ୱାନ ଦେଇଛନ୍ତି। ସମ୍ବର୍ଦ୍ଧନା ଅବସରରେ ଅନ୍ୟାନ୍ୟ ଛାତ୍ରନେତାଙ୍କ ମଧ୍ୟରେ ଶୁଭମ୍ ନାୟକ, ସେକ ଆଝାରୁଦ୍ଦିନ, ଉମେଶ ଚନ୍ଦ୍ର ଦାସ, ଅରବିନ୍ଦ ପରିଡ଼ା, ମନୋଜ କୁମାର ଜେନା, ଚନ୍ଦନ ସାମନ୍ତରାୟ, ଶମ୍ଭୁନାଥ ବେହେରା, ସେକ ସମୀର ପ୍ରମୁଖ ଉପସ୍ଥିତ ରହି ନିଜର ମତ ରଖିଥିଲେ।

## ଟ୍ରେନ୍‌ରେ କଟି ଜଣେ ମୃତ

ସିମୁଳିଆ, ୨୯।୩ (ସମିସ): ମାର୍କୋଣା ଷ୍ଟେସନ ନିକଟରେ ଟ୍ରେନ ଆଗକୁ ଡେଇଁ ଜଣେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ଗ୍ରାମର ରବିନ୍ଦ୍ର ମହାନ୍ତି (୫୫) ପାରିବାରିକ କଳହ ଯୋଗୁଁ ମାର୍କୋଣା ଷ୍ଟେସନ ରେଳ ମାଲଗୋଦାମ ସମ୍ମୁଖରେ ପ୍ଲାଟଫର୍ମରେ ଚେନାଇ ହାଓଡା ଏକ୍ସପ୍ରେସ ଟ୍ରେନ ସମ୍ମୁଖକୁ ଡିଆଁ ମାରିଥିଲେ। ଖବର ପାଇ ରେଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ଜଳେଶ୍ୱର ଥାନାରେ ରକ୍ତଦାନ ଶିବିର ୧ରେ

ଜଳେଶ୍ୱର,୨୯।୩ (ସମିସ): ପୁଲିସ ପ୍ରତିଷ୍ଠା ଦିବସ ଏବଂ ଉତ୍କଳ ଦିବସ ଅବସରରେ ଆସନ୍ତା ଏକ ତାରିଖରେ ଜଳେଶ୍ୱର ପୁଲିସ ସମିତି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ଓପିସ ଏସଡିଓ ସୁବ୍ରତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଇନ୍ସପେକ୍ଟର ଅଶୋକ କୁମାର ବାରିକ, ଏସଆଇ କରଣ ମାରାଣ୍ଡି, ବନିତା ନାୟକ, ଚିରଞ୍ଜିବି ରାଉତ, ରାଜଲକ୍ଷ୍ମୀ ଦାସ, ଏଏସ ଆଇ ସୃଷ୍ଟି ଚରଣ ବେହେରା, ଦିଲ୍ଲୀପ କୁମାର ମୁଖୀ, ଲମ୍ବୁଧର ମୁର୍ମୁ, ଡି ସାମଲ, ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ କୁମାର ଚକ୍ରବର୍ତ୍ତୀ, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

## ବାବା ଭୁଜାଖିଆ ପୀରବାବାଙ୍କ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୯।୩ (ସମିସ): ବାବା ଭୁଜାଖିଆ ପୀର ବାବାଙ୍କ ୮୨ ତମ ବାର୍ଷିକ ଉତ୍ସବ ଉର୍ସ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସୁନହଟସ୍ଥିତ ବାବାଙ୍କ ଆସ୍ଥାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ସାହିରୁଲ ହକ୍ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଆଇପିଏସ ପ୍ରୋବେସନର ମନୀଷା ସୋଗୁନ, ଟାଉନ ଥାନା ଅଧିକାରୀ ବିଜୟ କୁମାର ଦାସ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, କାଉନସିଲର ଶେଖ ଆୟୁବ ଓ ରୋଜାଲିନ ପାଣି, ଯୁବନେତା ଭାଗବତ ସାହୁ, ଚିନ୍ମୟ ବିଶ୍ୱାଳ, ନଳିନୀ ରଞ୍ଜନ ଦାସ, ଶେଖ ସରିଫ ମହମ୍ମଦ, ଅବଦୁଲ ମୋହିତ ଖାନ, ବିଧାୟକଙ୍କ ପ୍ରତିନିଧି ବେଣୁଧର ଦାସ, କଟିଆ ବିନ୍ଧାଣୀ, ରାଜେନ୍ଦ୍ର କୁମାର ରାଉତ, ଶେଖ ରଜବ ଅଲ୍ଲୀ, ଶେଖ ହଲିମ, ଶେଖ ଅଜଗର ଅଲ୍ଲୀ, ରମେଶ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ରହି ଏପ୍ରିଲ ୮ ତାରିଖରୁ ଆରମ୍ଭ ହେଉଥିବା ଉତ୍ସବକୁ କିପରି ଶାନ୍ତି ଶୃଙ୍ଖଳାରେ ପାଳନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କମିଟି ସଭାପତି ଶେଖ ଅବଦୁଲ ରଫିକ, କୋଷାଧ୍ୟକ୍ଷ ସୟଦ ଅବେଦୁଲ୍ଲା ଅଲ୍ କାଦ୍ରୀ, ଶେଖ ଦିଲଦାର ହୋସେନ, ଶେଖ ସାମସୁଦ୍ଦିନ, ଶେଖ ଅବଦୁଲ ରଜାକ, ଶେଖ ଅବଦୁଲ ନଇମ, ଶେଖ ଅବଦୁଲ ସକିଲ, ଶେଖ ଗୋଲାମ ମୋଜାମିଲ, ଶେଖ ଇସଲାମ, ଶେଖ ଅବଦୁଲ ଇସଲାମ, ଶେଖ ଜାକିର, ଶେଖ ମଞ୍ଜୁର, ଶେଖ ସାଦିକ୍ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଭୁଜାଖିଆ ପୀର ପରିଚାଳନା କମିଟି ସଦସ୍ୟ ଶେଖ ଅବଦୁଲ ମୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରମ୍ଭ ହେଲା ଜଉ କଣ୍ଢେଇ ଗଢ଼ା କାର୍ଯ୍ୟ



ବାଲେଶ୍ୱର,୨୯।୩ (ସମିସ): ଜଉକଣ୍ଢେଇ ବାହାଘର ପାଇଁ କଣ୍ଢେଇ ଗଢା କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ କଣ୍ଢେଇ ଦୁଇଜଣଙ୍କ ନାମ ବାଇମୁଣ୍ଡି ଓ ମଣି ରଖାଯାଇଛି। ଏକ ସଭା କମିଟି କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଆଇଟିଆର ସହ ନିର୍ଦ୍ଦେଶକ ନିଳାଦ୍ରୀ ରାୟ ଓ ତାଙ୍କ ସହଧର୍ମିଣୀ ମୌସୁମୀ ଦାସ ପଟ୍ଟନାୟକ ଯୋଗଦେଇ କଣ୍ଢେଇ ଗଢ଼ା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିପ୍ଳବ ମହାନ୍ତି, ସହ ସଂପାଦକ ରଘୁନାଥ ଲେଙ୍କା, କୋଷାଧ୍ୟକ୍ଷ ବ୍ୟୋମନାଥ ରଥ, ସଦସ୍ୟ ବିଶ୍ୱଦୀପ ପଣ୍ଡା, ପରେଶ ଦାଶ, ନୀଳମଣି ମଣ୍ଡଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା କେଶୁ ଦାସ ପ୍ରାକ୍‌କଥା ରଖିଥିବାବେଳେ ସଂପାଦକ ଡା. କୁମାର ଗୋପାଳ ଧନ୍ୟବାଦ ଦେଇଥିଲେ। ତ୍ରିବେଣୀରୁ ପାଣି ଓ ମାଟି ନେଇ ସଦସ୍ୟ ନିରଞ୍ଜନ ଗିରି, ତପନ ବାବା ପହଞ୍ଚିବା ପରେ ପାରମ୍ପରିକ କୁମ୍ଭାର ସଦନ ବେହେରା, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ଓ ତାଙ୍କ ସହଯୋଗୀ କଣ୍ଢେଇ ଗଢ଼ା କାର୍ଯ୍ୟ ଆରମ୍ଭ କରିଥିଲେ। କମିଟିର ୩୦ରୁ ଅଧିକ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ୱେଲନେସ ଅନ୍ ହୁଇଲ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୯।୩ (ସମିସ): ୱେଲନେସ ଅନ ହୁଇଲ ସଂଗଠନ ଆନୁକୂଲ୍ୟରେ ଷଷ୍ଠ ତମ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଂଯୋଜକ ସଲିମ ରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବରରୁ ଚାଳିଶ ୟୁନିଟ ରକ୍ତ ସଂଗୃହିତ ହୋଇଛି। କାର୍ଯ୍ୟକ୍ରମରେ ୱେଲନେସ ଅନ ହୁଇଲ ସଦସ୍ୟ ଅଜିତ ବାସ୍କେ, ଆଲୋକ ଦାସ ପଟ୍ଟନାୟକ, ସତ୍ୟେନ୍ଦ୍ର ଦାସ, ମହମ୍ମଦ ସାଗୀର, ଓମ ପ୍ରକାଶ ସାହୁ ଓ ସଂଜୀବ ଟୁଡୁ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ସୁବର୍ଣ୍ଣରେଖାରୁ ଚୋରା ବାଲି ଉତ୍ତୋଳନ ବେଳେ ଉତ୍ତେଜନା

ଭୋଗରାଇ, ୨୯।୩ (ସମିସ)



ସୁବର୍ଣ୍ଣରେଖାରୁ ଚୋରା ବାଲି ଉତ୍ତୋଳନ ବେଳେ ଉତ୍ତେଜନା ସ୍ଥିତି ସୃଷ୍ଟି ହୋଇଛି। ଫଳରେ ବାଲି ମାଫିଆ ଓ ଗ୍ରାମବାସୀ ମୁହାଁ ମୁହିଁ ହୋଇଛନ୍ତି। ବାଲି ମାଫିଆ ମାନେ ଦୈନିକ ଶହ ଶହ ଟ୍ରିପ ବେଆଇନ ବାଲି ଉତ୍ତୋଳନ କରି ନୌକା ଦ୍ୱାରା ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ପ୍ରଶାସନ ଓ ଖଣିବିଭାଗକୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କରିଆସୁଥିଲେ ମଧ ପ୍ରତିକାର ହେଉନାହିଁ। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୁବର୍ଣ୍ଣରେଖା ନଦୀ ପାଶ୍ୱର୍ସ୍ଥ ମନୁନଗର ଗାଁ ନଦୀଘାଟରୁ ୪ଟି ନୌକା ଦ୍ୱାରା ବେଆଇନ ବାଲି ଉତ୍ତୋଳନ କରାଯାଉଥିବାବେଳେ ଗ୍ରାମବାସୀ ମିଳିତ ହୋଇ ଡ଼ଙ୍ଗାଗୁଡିକୁ କାବୁକରିବାକୁ ଉଦ୍ୟମ କରୁଥିବାବେଳେ ଗ୍ରାମବାସୀଙ୍କ ସହିତ ବାଲିମାଫିଆଙ୍କ ଧସ୍ତାଧସ୍ତି ହୋଇଥିବା ସୂଚନା ମିଳିଛି। ବାଲିମାଫିଆଙ୍କ ୨୫ ଜଣ ବାଲି ଉତ୍ତୋଳନକାରୀ ଯୁବକଙ୍କ ମାଡ଼ରେ ୫ରୁ ଅଧିକ ଋଣା ଅଧିକେ ଆହତ ହୋଇଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ସଂଘବଦ୍ଧ ଭାବେ ୩ ନୌକା ସହ କେତେକ ଯୁବକଙ୍କୁ କାବୁ କରିଥିବାବେଳେ ୧ ଟି ନୌକା ନଦୀରୁ ଖସି ଯାଇଛି। ବାଲି ଉତ୍ତୋଳନକାରୀ କେତେକ ଯୁବକଙ୍କୁ ଗ୍ରାମବାସୀ ଅଟକ ରଖି କମର୍ଦ୍ଦା ଥାନାକୁ ଖବର ଦେଇଥିବାବେଳେ କମର୍ଦ୍ଦା ଥାନା ପୋଲିସ ଘଟଣା ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ବାଲି ଉତ୍ତୋଳନକାରୀ ଯୁବକ ମାନେ କୌଶଳ କ୍ରମେ ସେଠାରୁ ଚମ୍ପଟ ମାରିଥିଲେ। କାର୍ଯ୍ୟାନୁଷ୍ଠାନ ଦାବିକରି ଗ୍ରାମବାସୀମାନେ ପୋଲିସ ଗାଡିଆଗରେ ବସିପଡି ନ୍ୟାୟ ନିମନ୍ତେ ଅଡ଼ି ବସିରହିବାରୁ ସ୍ଥିତି କ୍ରମଶଃ ଜଟିଳ ହୋଇ ପଡିଥିଲା। କମର୍ଦ୍ଦା ପୁଲିସ ଅଧିକାରିଣୀ ସହ ପୁଲିସ ବାହିନୀ ଗ୍ରାମବାସୀଙ୍କ ସହିତ ଆଲୋଚନା ଓ ପ୍ରତିଶ୍ରୁତି ପରେ ଗ୍ରାମବାସୀମାନେ ଶାନ୍ତ ପଡ଼ିଥିଲେ। ପୁଲିସ ୩ଟି ଡ଼ଙ୍ଗାକୁ ଜବତକରି କମର୍ଦ୍ଦା ଥାନାକୁ ନେଇଥିବା ଖବର ମିଳିଛି।

## ଶୀତକାଳୀନ ସ୍ୱତନ୍ତ୍ର ସେବା ଯୋଜନା ଉଦ୍‌ଯାପିତ

ଜଳେଶ୍ୱର, ୨୯।୩ (ସମିସ) : ଜାତୀୟ ସେବା ଯୋଜନାରେ ୭ଦିନ ବ୍ୟାପି ଶୀତକାଳୀନ ସ୍ୱତନ୍ତ୍ର ସେବା ଯୋଜନା ଉଦ୍‌ଯାପିତ ହୋଇ ଯାଇଛି। ଜଳେଶ୍ୱର ଡିଗ୍ରୀ ମହିଳା ମହାବିଦ୍ୟାଳୟର ଏନ୍.ଏସ୍.ଏସ୍ ୟୁନିଟ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ସେବାର ଅନ୍ତିମ ଦିବସରେ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ସେମାନଙ୍କ ଯୋଗଦାନ ଲାଗି ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ଚନ୍ଦ, ମୁଖ୍ୟବକ୍ତା ଜଗନ୍ନାଥ ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ ମହାନ୍ତି, ସମ୍ମାନୀତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଦିଲ୍ଲିପ ଘୋଷ, ପ୍ରୋଗ୍ରାମ ଅଫିସର ଡ. ଲିପ୍ସା ଦାସ ପ୍ରମୁଖ ଯୋଗଦେଇ ଥିଲେ।

# ଗ୍ୟାସ୍ ଟାଙ୍କି ପାଇଁ ଅଗ୍ନି ପରୀକ୍ଷା

ସୁକିନ୍ଦା, ୨୯।୩(ସମିସ): ସୁକିନ୍ଦାରେ ଜାରେଣି ଗ୍ୟାସର ଅଚଳାବସ୍ଥା। ଗ୍ୟାସ ପାଇଁ ଦେବାକୁ ପଡୁଛି ଅଗ୍ନି ପରୀକ୍ଷା। ସୁକିନ୍ଦାରେ (ଇଣ୍ଡେନ) ଗ୍ୟାସ୍ ବିତରକ ପ୍ରମୋଦ କୁମାର ମହାପାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗତ କିଛି ମାସ ଧରି ଠିକ୍ ନଥିବାରୁ ତାଙ୍କ ଅନୁପସ୍ଥିତିରେ ଗ୍ୟାସ ବିତରଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏହି ବିତରଣ କେନ୍ଦ୍ର ଉପରେ ସମଗ୍ର ସୁକିନ୍ଦା ଅଞ୍ଚଳର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ନିର୍ଭର କରୁଥିବା ବେଳେ ବିତରଣ ଠପ୍ ହୋଇଯିବା ଘଟଣା ସମଗ୍ର ସୁକିନ୍ଦା ଅଞ୍ଚଳର ଆଲୋଡ଼ନ ସୃଷ୍ଟି କରିଛି। ଏହା ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହୋଇଥିବା ବେଳେ ଗ୍ୟାସ ନ ପାଇ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିବା ବେଳେ ହୋଟେଲ, ଜଳଖିଆ ଭଳି ବିଭିନ୍ନ ଦୋକାନ ବନ୍ଦ ହୋଇଥିବା ଦେଖାଦେଇଛି। ଗ୍ରାହକ ମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ କାମାକ୍ଷାନଗର ଅଞ୍ଚଳର ଜଣେ ବିତରକଙ୍କୁ କିଛିଦିନ ପାଇଁ ସୁକିନ୍ଦା ବଣ୍ଟନ ଦାୟିତ୍ୱ ଅର୍ପଣ କରାଯାଇଛି। ତେବେ ସେ ଦୈନିକ ବଣ୍ଟନ କରୁ ନଥିବା କାରଣରୁ ବଣ୍ଟନ ଦିନ ଲୋକଙ୍କୁ ଅଗ୍ନିପରୀକ୍ଷା ଦେବାକୁ ପଡୁଛି। ରବିବାର ଗ୍ୟାସ ନେବା ପାଇଁ ହଜାର ହଜାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ସକାଳ ୬ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଖରାରେ ଠିଆହୋଇ ଅଗ୍ନି ପରୀକ୍ଷା ଦେବାକୁ ପଡୁଥିବା ଦେଖିବାକୁ ମିଳିଛି। ଅନେକ ମହିଳା ମଧ୍ୟ ଏହି ଧାଡ଼ିରେ ଠିଆ ହୋଇ ଗ୍ୟାସ୍ ପାଇବା ପାଇଁ କାକୁତି ମୀନତି ହେଉଥିବା ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଖାଉଟିଙ୍କ ଠାରୁ ବଣ୍ଟନ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅବିଶ୍ୱାସୀ ହେଉଥିବା ଦେଖିବାକୁ ମିଳିଛି। ଏଭଳି ସାମ୍ପ୍ରତିକ ପରିସ୍ଥିତିରେ ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ଉପଭୋକ୍ତା ମାନେ ଦାବି କରିଛନ୍ତି।



## ଗ୍ୟାସ୍ ସଙ୍କଟ ନେଇ ଆତଙ୍କିତ ଗ୍ରାହକ

# ଗୋଦାମରେ ଲମ୍ବା ଲାଇନ୍

ଯଖପୁରା, ୨୯।୩(ସମିସ)

ରାଜ୍ୟରେ ଘରୋଇ ରନ୍ଧନ ଗ୍ୟାସର କୌଣସି ଅଭାବ ନାହିଁ ଏବଂ ଏଥିପ୍ରତି ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ଯୋଗାଣ ମନ୍ତ୍ରୀ କହୁଥିବା ବେଳେ ଯାଜପୁର ଜିଲ୍ଲାରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ପାଇଁ ଲୋକଙ୍କ ଲମ୍ବା ଲାଇନ୍ ମନ୍ତ୍ରୀଙ୍କର ଏ କଥାକୁ ମିଛ ପ୍ରମାଣିତ କରିଛି। ଜିଲ୍ଲାର ଦାନଗଦି ବ୍ଲକରେ ରହିଥିବା ଏକ ଭାରତ ଗ୍ୟାସ ଏଜେନ୍ସିର ଗୋଦାମ ଗୃହ ନିକଟରେ ଲୋକଙ୍କ ଲମ୍ବା ଲାଇନ୍ ଗ୍ୟାସ୍ ସଙ୍କଟ ରହିଥିବା ସ୍ପଷ୍ଟ ପ୍ରମାଣିତ କରିଛି। ଦାନଗଦି ବ୍ଲକରେ ଭାରତ ଗ୍ୟାସର ଗ୍ରାହକ ମାନେ ବାଲୁଙ୍ଗାବନ୍ଧୀ ନିକଟରେ ଥିବା ଗୋଦାମରେ ପ୍ରାୟ ୧୨ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରି ଗ୍ୟାସ ସିଲିଣ୍ଡର ନେଉଥିବା ଜଣାପଡ଼ିଛି। ଦାନଗଦିରେ ଥିବା ଏହି ଏଜେନ୍ସିର କେବଳ ଦାନଗଦି ନୁହେଁ ସୁକିନ୍ଦା, ଧର୍ମଶାଳା, କୋରେଇ ଆଦି ବ୍ଲକର ଶହ ଶହ ଗ୍ରାହକ ରହିଛନ୍ତି। ଗ୍ୟାସ୍ ଯୋଗାଣରେ ବିଳମ୍ବ ରୋଷେଇ ଗ୍ୟାସ ସରିଯିବାର ଭୟ, ବିଶେଷକରି ଏକକ ସିଲିଣ୍ଡର ପରିବାର ପାଇଁ, ଅତ୍ୟନ୍ତ ଚାପ ଏବଂ ଅସୁବିଧା ସୃଷ୍ଟି କରିଛି। ଭାରତ ଗ୍ୟାସ ଏଜେନ୍ସିର ଏହି ଗୋଦାମ ନିକଟରେ ପ୍ରାୟ ୫ ଶହରୁ ଉର୍ଦ୍ଧ୍ୱ ଗ୍ରାହକ ରାତି ୪ ଟାରୁ ଧାଡ଼ିରେ ଠିଆ ହୋଇଥିବା ଜଣାପଡ଼ିଛି। ଏହି ଧାଡିରେ କେବଳ ପୁରୁଷ ନୁହଁନ୍ତି ମହିଳା ଗୃହିଣୀ ମଧ୍ୟ ଲାଇନ୍‌ରେ ଦୀର୍ଘ ସମୟ ଧରି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଏହା ଦ୍ୱାରା ମହିଳାମାନେ ଶାରୀରିକ କଷ୍ଟ ଅନୁଭବ କରିବା ସହିତ ବିରକ୍ତି ମଧ୍ୟ ପ୍ରକାଶ କରିଥିଲେ। କେବଳ ମହିଳା ନୁହଁନ୍ତି ବରିଷ୍ଠ ନାଗରିକ ମଧ ସମାନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଖରାରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ରହି ଗ୍ୟାସ୍ ସିଲିଣ୍ଡର ନେବା ପାଇଁ ଜଗି ବସିଥିଲେ। ଗୋଟିଏ ରିଫିଲ୍ ପାଇବା ପାଇଁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହେବାକୁ ବାଧ ହେଉଛନ୍ତି। ମୁଣ୍ଡରେ ଗାମୁଛା, ରୁମାଲ ପକାଇ ଟାଣ ଖରାରେ ଦିନ ସାରା ଠିଆ ହୋଇ ରହିବା ଯମ ଯନ୍ତ୍ରଣା ଠାରୁ କମ୍ ନୁହେଁ। କେହି କେହି ଖରାରୁ ରକ୍ଷା ପାଇବା ପାଇଁ ଛତା ଧରି ଧାଡ଼ିରେ ଠିଆ ହୋଇ ରହିଥିଲେ। ଘରୋଇ ଯୋଗାଣ ବିଳମ୍ବ କାରଣରୁ ଲୋକ ମାନେ ଗ୍ୟାସର ଆବଶ୍ୟକତା ଏବଂ ସଙ୍କଟ ଆଶଙ୍କା କରି ଗୋଦାମ ନିକଟରେ ଧାଡ଼ି ବାନ୍ଧୁଥିବା ଜଣାପଡ଼ିଛି।



## ପୁଲିସ ଓ ପରିବହନ ବିଭାଗର ଚଢ଼ଉ

ପାଣିକୋଇଲି, ୨୯।୩(ସମିସ): ଯାଜପୁର ପରିବହନ ବିଭାଗ ଓ ପାଣିକୋଇଲି ପୁଲିସ ପକ୍ଷରୁ ମିଳିତ ଭାବେ ମଦ୍ୟପ ଚାଳକଙ୍କ ଉପରେ ଚଢ଼ଉ କରାଯାଇଛି। ପାଣିକୋଇଲି ଓଭରବ୍ରିଜ ଆରମ୍ଭ ସର୍ଭିସ ରୋଡ୍‌ରେ ଯାଞ୍ଚ କରାଯାଇଥିଲା। ନିୟମିତ ଯାଞ୍ଚ ସମୟରେ ବହୁ ମଦ୍ୟପ ଚାଳକ ଧରାପଡୁଥିବା ବେଳେ ରାତ୍ରି ଯାଞ୍ଚ ସମୟରେ ଦୁଇ ବାଇକ୍ ଓ ଗୋଟିଏ କାର୍ ଚାଳକ ମଦ୍ୟପ ଥିବାରୁ ସେମାନଙ୍କୁ ଧରି ଥାନାକୁ ଆଣିଥିଲେ। ଏନେଇ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରହିଛି। ଏଏସଆଇ ସେମାନାଥ ରାଉତ, ପରିବହନ ଅଧିକାରୀ ରାଜେଶ ମଙ୍ଗରାଜ ସଦଳବଳେ ଏହି ଚଢ଼ଉ କରିଥିଲେ। ଏନେଇ ତିନୋଟି ମାମଲା ୯୯/୨୬, ୧୦୦/୨୬ ଓ ୧୦୧/୨୬ ରୁଜୁ କରାଯାଇଛି।

## ଦେଶୀ ମହୁଲି ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି, ୨୯।୩(ସମିସ): ପାଣିକୋଇଲି ଥାନା ଥାନା ଶଙ୍ଖଚିଲା ଫାଣ୍ଡି ପକ୍ଷରୁ ସନ୍ଧ୍ୟା ପାଟ୍ରୋଲି ସମୟରେ ଦେଶୀ ମହୁଲି ମଦ ଜବତ କରାଯାଇଛି। ସନ୍ଧ୍ୟା ପାଟୋଲିଂ ସମୟରେ ଜଣେ ବ୍ୟକ୍ତିଙ୍କ ଉପରେ ସନ୍ଦେହ ହେବାରୁ ତାକୁ ଯାଞ୍ଚ କରାଯାଇଥିଲା। ତା' ନିକଟରୁ ୨ଟି ଜରି ପ୍ୟାକେଟରେ ଦେଶୀ ମହୁଲି ମଦ ୯.୫ ଲିଟର ଜବତ କରାଯାଇଥିଲା। ଏହି ଘଟଣାରେ ଏକ ମାମଲା ୧୦୨/୨୬ ରୁଜୁ କରାଯାଇ ଏହି ଫାଣ୍ଡି ଅନ୍ତର୍ଗତ ତଣ୍ଡରା ଗ୍ରାମର ଉତ୍ତମ ଦାସ (୫୨)କୁ ଗିରଫ କରାଯାଇଛି।

## ଧର୍ମଶାଳା ବାର୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ

ଧର୍ମଶାଳା, ୨୯।୩(ସମିସ): ଧର୍ମଶାଳା ବାର୍ ଆସୋସିଏସନର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ଅଧିକାରୀ ଭାବେ ଆଡ୍‌ଭୋକେଟ ରମେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ବର୍ଷ ପାଇଁ ସଭାପତି ଭାବେ କୈଳାସ ଚନ୍ଦ୍ର ପରିଡ଼ା ଓ ସମ୍ପାଦକ ଭାବେ ଅର୍ଜୁନ ନାୟକ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଅଜୟ କୁମାର ଦାସ, ସହ ସମ୍ପାଦକ ଭାବେ ସୋମନାଥ ସାହୁ, ପାଠାଗାର ସମ୍ପାଦକ ଭାବେ ଉତ୍ତମ କୁମାର ମହାନ୍ତି, କୋଷାଧ୍ୟକ୍ଷ ଭାବେ ଗୁରୁ ଚରଣ ସେଠୀ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ସଂସ୍ଥା ସମିତି ସଦସ୍ୟ ଭାବେ ନିଶିକାନ୍ତ ଶତପଥୀ, ସନ୍ତୋଷ କୁମାର ଦାସ, ଭାରତ କୁମାର ମହାନ୍ତିଙ୍କୁ ଚୟନ କରାଯାଇଛି। ନବ ନିର୍ବାଚିତ ପ୍ରତିନିଧିମାନଙ୍କ ଚିଠା ରାଜ୍ୟ ବାର ଆସୋସିଏସନକୁ ପଠାଇ ଦିଆଯାଇଥିବା ନିର୍ବାଚନ ଅଧିକାରୀ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଆଇନଜୀବୀ କ୍ଷୀରୋଦ ମୁଦୁଲି, କେଦାରେଶ୍ୱର ଦାଶ, ଅଜିତ ରାଉତ, ଅଜୟ ଦାସ ପ୍ରମୁଖ ନିର୍ବାଚନ ପରିଚାଳନାରେ ସହାୟତା କରିଥିଲେ।

## ବରୁଆଁ ଛକ ସତ୍ୟନାରାୟଣ ବଜାର କମିଟି ଗଠିତ

ଯାଜପୁର, ୨୯।୩(ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ଛକ ସତ୍ୟନାରାୟଣ ବଜାର କମିଟି ଗଠନ କରାଯାଇଛି। ବରୁଆଁ ଛକ ସ୍ଥିତ ଡାକବଙ୍ଗଳା ପରିସରରେ ବଜାରର ସମସ୍ତ ବ୍ୟବସାୟୀମାନଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ସୁଶାନ୍ତ କୁମାର ସ୍ୱାଇଁ, ଉପସଭାପତି ଭାବେ ଉପେନ୍ଦ୍ର ଦାସ ଓ ବାବନ ଆଇଚ, ସମ୍ପାଦକ ରାଧାମୋହନ ଭଞ୍ଜ, ସହ ସମ୍ପାଦକ ସୌମ୍ୟରଞ୍ଜନ ସାହୁ ଓ ଇଫ୍‌ତେଖାର ଆଲମ୍ (ଇଖୋ), କୋଷାଧ୍ୟକ୍ଷ ଭାବେ ଅଭୟ କୁମାର ସାହୁ ଓ ଉପଦେଷ୍ଟା ଭାବେ ଗଦାଧର ଦାସ, ବିଷ୍ଣୁ ଚରଣ ମହାପାତ୍ର, ବରଜୁ ସାହୁ, ପ୍ରବାଳ ନାୟକ, ଅଶୋକ ସ୍ୱାଇଁ, ଦଶରଥ ମହାନ୍ତି, ସୁରେନ୍ଦ୍ର କବି, ବିଦ୍ୟାଧର ରାଉତ୍, ଚିତ୍ତରଞ୍ଜନ ସାହୁ, ଭାଗୀରଥି ଦାସ, ବିଜୟ ପାଢ଼ୀ, ଦୁଷ୍ମନ୍ତ ସାମଲ, ଅଭିମନ୍ୟୁ ସାହୁ, ମନୋଜ କୁମାର ଭଞ୍ଜ ପ୍ରମୁଖ ଚୟନ କମିଟି ପକ୍ଷରୁ ମନୋନୀତ ହୋଇଥିବା ସଭାପତି ଶ୍ରୀ ସ୍ୱାଇଁଙ୍କ ଠାରୁ ଜଣାପଡ଼ିଛି।

## ସମ୍ଭବ ସାହିତ୍ୟ ପତ୍ରିକାର ବାର୍ଷିକ ସମାରୋହ

ଧର୍ମଶାଳା, ୨୯।୩(ସମିସ): ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ସୃଷ୍ଟି ଓ ସମୀକ୍ଷାର ସ୍ୱତନ୍ତ୍ର ସ୍ମାରକୀ 'ସମ୍ଭବ'ର ୨୨ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସମାରୋହରେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ନିବନ୍ଧକାର ଡ. କୃଷ୍ଣଚନ୍ଦ୍ର ବଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ କୃଷକ ନେତା ଶେଷଦେବ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମ୍ଭବ ପତ୍ରିକାର ବିଷୁବ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେହିପରି ଡ. ବୈଷ୍ଣବ ଚରଣ ସାମଲଙ୍କୁ ସମ୍ଭବ ପ୍ରବନ୍ଧ ସମ୍ମାନ, ଡ. ଗୌତମ ଜେନାଙ୍କୁ ସମ୍ଭବ କବିତା ସମ୍ମାନ, ଡ. ମନୋରଞ୍ଜନ ବେହୁରାଙ୍କୁ ସମ୍ଭବ ଗଳ୍ପ ସମ୍ମାନ ପ୍ରଦାନ କରାଯାଇଥିଲା। କେନ୍ଦ୍ର ବାଲ୍ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା ଓ ଡ. ରାଜକିଶୋର ପାଢ଼ୀଙ୍କୁ ସମ୍ଭବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ବିଜୟ କୁମାର ଶତପଥୀ, କବି ଡ. ଗୋପବନ୍ଧୁ ଦାଶ, ସମାଜସେବୀ ମିନତୀ ସାହୁ, ଗୋକର୍ଣ୍ଣିକା ସମ୍ପାଦକ ଡ. ରମାକାନ୍ତ ଜେନା, ସମାଜସେବୀ କାହ୍ନୁଚରଣ ଦାଶ, ଇନର ହୁଇଲ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ଅଧ୍ୟାପିକା ସସ୍ମିତା ପଣ୍ଡା, ଇନର ହୁଇଲ କ୍ଲବ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଢ, ଅର୍ଚ୍ଚନା ସ୍ୱାଇଁ, ଡ. ରବୀନ୍ଦ୍ର ବିହାରୀ, ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ଅଧ୍ୟାପକ ସୁନାକର ଦାସ, ଦୀପକ ମହାପାତ୍ର, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, କବି କଳ୍ପନା ପଣ୍ଡା, ଶିକ୍ଷାବିତ ପ୍ରଫୁଲ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସମ୍ଭବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ବିଜୟ କୁମାର ଦେବତା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବିଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅଜୟ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।



## ଛାତ୍ରଛାତ୍ରୀଙ୍କ ଗୁରୁପୂଜନ କାର୍ଯ୍ୟକ୍ରମ

ମଙ୍ଗଳପୁର, ୨୯।୩(ସମିସ): ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତ ଗରିବବନ୍ଧୁ ଉଚ୍ଚ ବିଦ୍ୟାଳୟ ୧୯୯୧ ମାଟ୍ରିକ୍ ବ୍ୟାଚ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପୁରାତନ ଛାତ୍ରୀ ସୀମାରାଣୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପୁରାତନ ଶିକ୍ଷକ ଗୋପବନ୍ଧୁ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ନଗେନ ରାଉତ, ଅନନ୍ତ କିଶୋର ଶତପଥୀ, ପ୍ରଫୁଲ ତ୍ରିପାଠୀ, ବୈକୁଣ୍ଠ ନାୟକ, ପରୀକ୍ଷିତ ଷଡ଼ଙ୍ଗୀ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଶରତ ଚନ୍ଦ୍ର ତ୍ରିପାଠୀ, ଦୁଦୁରାଅନ୍ତା ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ଶିଶିର ରାଉତଙ୍କ ସମେତ ବର୍ତ୍ତମାନ ବିଦ୍ୟାଳୟରେ ଶିକ୍ଷା ଦାନ କରୁଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଅତିଥି ରୂପେ ଯୋଗ ଦେଇଥିଲେ। ଦିବଂଗତ ଶିକ୍ଷକ ନିରଞ୍ଜନ ବଳ, ସୁରେଶ ଚନ୍ଦ୍ର ପାତ୍ର, ଘନଶ୍ୟାମ ତ୍ରିପାଠୀ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ମହନୀ ଦାସ, ଦିବଂଗତ ଛାତ୍ର ଶ୍ୟାମସୁନ୍ଦର ମଲ୍ଲିକ, ସୁବ୍ରତ ମେକାପଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପୁରାତନ ଛାତ୍ର ନିରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର ଆଲୋକ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଦୀର୍ଘ ୩୫ ବର୍ଷ ପରେ ସହପାଠୀ ମାନେ ପରସ୍ପରଙ୍କୁ ନିକଟରେ ପାଇ ବେଶ ଭାବ ବିହ୍ୱଳ ହୋଇପଡ଼ିଥିଲେ। ସେହିପରି ଶିକ୍ଷକ ମାନେ ୩୫ ବର୍ଷ ପରେ ନିଜ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ପରିବାର ବର୍ଗଙ୍କୁ ଦେଖି ବେଶ ଆନନ୍ଦ ପ୍ରକାଶ କରିଛନ୍ତି।



## ବିଶ୍ୱକଲ୍ୟାଣ ପାଇଁ ସ୍ୱତନ୍ତ୍ର ପୂଜାର୍ଚ୍ଚନା

ବିଞ୍ଝାରପୁର, ୨୯।୩(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଛି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଗୁମ୍ଫାଛକସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ନିକଟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଛି। ମା'ଙ୍କର ଏହି ସ୍ୱତନ୍ତ୍ର ପୂଜାକୁ ସାମାଜିକ କର୍ମୀ ପୁପୁନ ଦାସ ସଙ୍କଳ୍ପ କରିଥିଲା ବେଳେ ପୀଠର ମୁଖ୍ୟ ପୂଜକ ପଣ୍ଡିତ ଚନ୍ଦନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଜାନନ ପତି, ପର୍ଶୁରାମ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜାରେ ମା'ଙ୍କ ନିକଟରେ ବିଭିନ୍ନ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ପୂଜା କରାଯାଇଥିଲା ପରେ ହୋମ, ଯାଗଯଜ୍ଞ ନୈବେଦ୍ୟ ଅର୍ପଣ କରାଯାଇ ପରେ ପୂର୍ଣ୍ଣାହୁତି କରାଯାଇଥିଲା। ଏହି ପୂଜା ସମୟରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା'ଙ୍କର ଆଶୀର୍ବାଦ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୌତ୍ରୀକେତନ ବାରିକ, ସୌଭାଗ୍ୟ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## କଳିଙ୍ଗନଗର ମଜଦୂର ୟୁନିୟନର ବୈଠକ



ଦାନଗଦି, ୨୯।୩(ସମିସ): କଳିଙ୍ଗନଗର ମଜଦୂର ୟୁନିୟନର ସାଧାରଣ ପରିଷଦ ବୈଠକ ସଭାପତି ଇଂ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଦାନଗଦିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟାଟା, ନୀଳାଚଳ, ରୋହିତ, ମୈଥାନ, ମିଶ୍ରିଲାଲ, ଭିସାଷ୍ଟିଲ, ବିଆର୍‌ପିଏଲ ଆଦି କାରଖାନାର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବିଭିନ୍ନ କାରଖାନାରେ ଦେଖା ଦେଇଥିବା ଶ୍ରମିକମାନଙ୍କ ସମସ୍ୟା, କାରଖାନା କର୍ତ୍ତୃପକ୍ଷଙ୍କ ମନମାନି ଶାସନ, ବିସ୍ଥାପନ ସମସ୍ୟା ଏବଂ ଶିଳ୍ପାଞ୍ଚଳରେ ବୃଦ୍ଧି ପାଉଥିବା ପ୍ରଦୂଷଣ ଇତ୍ୟାଦି ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କଳିଙ୍ଗନଗର ମଜଦୂର ୟୁନିୟନ ପ୍ରତିଷ୍ଠାତା ତଥା ମୁଖ୍ୟ ପରାମର୍ଶଦାତା ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଏହି ଆଲୋଚନାରେ ଭାଗ ନେଇଥିଲେ। ସମୂହ ଶ୍ରମିକ ସଂଗଠନ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ଏକାଠି କରି ଶ୍ରମିକ ଶକ୍ତିକୁ ଦୁର୍ବାର କରିବା ପାଇଁ ଶ୍ରୀ ଘଡ଼ାଇ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ୟୁନିୟନ ସାଧାରଣ ସମ୍ପାଦକ ଆଜାର ଅହମ୍ମଦ ଖାଁନ, କାର୍ଯ୍ୟକାରୀ ସଭାପତି ଅମୀୟ କୁମାର ନାୟକ, ପ୍ରିୟବ୍ରତ ମହାନ୍ତ, ବିଷ୍ଣୁ ବିଶ୍ୱାଳ, ଅଭିରାମ ଦାସ, ରଞ୍ଜନ ମଲ୍ଲିକ, ଜାଫର ଅଲ୍ଲୀ ଖାଁ, ସୁଧାକର ପୃଷ୍ଟି, କୁଲୁ ଘଡ଼ାଇ, ଓମ ପ୍ରକାଶ ବ୍ରହ୍ମ, ନିଶାକର ବେହେରା, ବିଜୟ ପାଲ, ଅମର ପାତ୍ର ପ୍ରମୁଖ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।

## ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିସଭା



ପାଣିକୋଇଲି, ୨୯।୩(ସମିସ): ସ୍ୱାଧୀନତା ଆନ୍ଦୋଳନର ମହାନ ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ଗ୍ରାମ ପଞ୍ଚାୟତ ଓଡିନ୍ଦା ଗ୍ରାମ ଛକରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତୀରେ ସକାଳୁ ମାଲ୍ୟାର୍ପଣ କରାଯାଇଥିଲା। ଡାକ୍ତର ନିର୍ମଳ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକ ଯୋଗଦେଇ ଆଦିବାସୀ ଭୂୟାଁ ମାନଙ୍କୁ ଏକତ୍ରୀତ କରିବାରେ ଲକ୍ଷ୍ମଣ ନାୟକଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ମନ୍ମଥ ଗିରି, ଜଗତମୋହନ ଦାସ, ତାରିଣୀ ପଟ୍ଟନାୟକ, ପ୍ରଦୀପ ମାଝୀ, ତୁଷାର ବେଉରା, ଅଚ୍ୟୁତଶନନ୍ଦ ସାହୁ, ପ୍ରକାଶ ସାହୁ, ନୃସିଂହ ସେନାପତିଙ୍କ ସମତେ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିଞ୍ଝାରପୁରରେ ରକ୍ତଦାନ ଶିବିର

ବିଞ୍ଝାରପୁର, ୨୯।୩(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଲାରପୁରଠାରେ ହେଲ୍ପ ଫର୍ ପିପୁଲ ଗିରିଧାରୀଜୀଉ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ସରପଞ୍ଚ କଳିକା ଦାସ ଓ ପୂର୍ବତନ ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇଥିଲେ। ମୁଖ୍ୟଅତିଥି ମାନେ ରକ୍ତଦାନ ମହାନତା ସମ୍ପର୍କରେ ମତ ରଖି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଉଲ୍ଲେଖ୍ୟ ଯେ, ଏହି ଅନୁଷ୍ଠାନଟି ୨୦୨୫ ମସିହାରେ ଅନନ୍ତ ସ୍ୱାଇଁଙ୍କ ନେତୃତ୍ୱରେ ଲୋକମାନଙ୍କୁ ସେବା ଯୋଗାଇବା ପାଇଁ ଆରମ୍ଭ ହୋଇଥିଲା। ସେଥିଠାରୁ ସଂଗଠନ ପକ୍ଷରୁ ବିଞ୍ଝାରପୁର ସହିତ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଆଦି ଜିଲ୍ଲାରେ ଅସହାୟ ଓ ଆବଶ୍ୟକତାମନ୍ଦିଙ୍କୁ ବିଭିନ୍ନ ସେବା ଯୋଗାଇ ଆସୁଛନ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।



# ଗଣପତି ମଧୁବୈଶ୍ୟ ସମିତିର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର, ୨୯।୩(ସମିସ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସ୍ଥିତ ମାହାଙ୍ଗା-ବଡ଼ଚଣା ଗଣପତି ମଧୁବୈଶ୍ୟ ସମିତିର ପଞ୍ଚମ ବାର୍ଷିକ ଉତ୍ସବ ନିକଟସ୍ଥ ସୋରଳ ଗ୍ରାମ ସ୍ଥିତ ଶରଧା କ୍ଷେତ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସମିତି ସଭାପତି ଦୁଃଶାସନ ସାହୁଙ୍କ ଅଧ୍ୟକ୍ଷତାରେ ତଥା କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କ ସଞ୍ଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରାଧ୍ୟାପକ ଡ. ଭୁବନାନନ୍ଦ ସାହୁ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ତଥା ସାହିତ୍ୟିକ କୁଳମଣି ସାହୁ ଓ ଅଧ୍ୟାପକ ରଞ୍ଜନ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ସାହୁ ଓ ଦାମୋଦର ସାହୁ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ କବି ପୁରୁଷୋତ୍ତମ ପୃଷ୍ଟିଙ୍କ କବିତା ସଙ୍କଳନ 'ଆଦର୍ଶ ଭକ୍ତ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। କବି ଶରତ କୁମାର ସାହୁ ଓ କବି ପୁରୁଷୋତ୍ତମ ପୃଷ୍ଟି ଜାତି ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତି ପକ୍ଷରୁ ମୁଖ୍ୟଅତିଥି ସହଦେବ ସାହୁଙ୍କୁ 'ମଧୁବୈଶ୍ୟ ରତ୍ନ ସମ୍ମାନ', କବି କୁଳମଣି ସାହୁଙ୍କୁ ମଧୁବୈଶ୍ୟ ଗୌରବ ସମ୍ମାନ, କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ମଧୁବୈଶ୍ୟ କୁଶଳୀ କାରିଗର ସମ୍ମାନ, ଶିକ୍ଷୟିତ୍ରୀ ସାନିଭଦ୍ରା ସାହୁଙ୍କୁ ମଧୁବୈଶ୍ୟ ଶିକ୍ଷା ସେବା ସମ୍ମାନ ଓ ଡାକ୍ତରୀ ଛାତ୍ରୀ ଶ୍ରୀମା ଶୁଭଶ୍ରୀ ସାହୁଙ୍କୁ ମଧୁବୈଶ୍ୟ ମେଧା ସମ୍ମାନରେ ଆଭୂଷିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଖଗେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧନ୍ୟବାଦ ଦେଇଥିଲେ ବରିଷ୍ଠ ସଦସ୍ୟ ଶିକ୍ଷକ ପର୍ଶୁରାମ ସାହୁ। ଏଥିରେ ବିଜୟ କୁମାର ସାହୁ, ନୃସିଂହ ଚରଣ ସାହୁ, ରାଜ କିଶୋର ସାହୁ, ନିରଞ୍ଜନ ପୃଷ୍ଟି, ରାଇ ଚରଣ ସାହୁ, ମାନ ଭଞ୍ଜନ ସାହୁ, ଈଶ୍ୱର ଚନ୍ଦ୍ର ସାହୁ ଓ ପ୍ରମୋଦ କୁମାର ସାହୁଙ୍କ ସମେତ ସମିତିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




## ଧର୍ମଶାଳା ମଧୁବୈଶ୍ୟ ସମାଜର ବାର୍ଷିକ ଉତ୍ସବ

ଧର୍ମଶାଳା, ୨୯।୩(ସମିସ): ଧର୍ମଶାଳା ମଧୁବୈଶ୍ୟ (ଗୁଡିଆ) ସମାଜର ଚତୁର୍ଥ ବାର୍ଷିକ ସମ୍ମିଳନୀ ଜାରକାସ୍ଥିତ ଷ୍ଟାଡିୟମ ହଲ୍ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଭାପତି ରଘୁନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ରାଜ୍ୟ ସଭାପତି ଦେବେନ୍ଦ୍ର କୁମାର ସାହୁ ଓ ସମାଜସେବୀ ମିନତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅବନିକାନ୍ତ ସାହୁ, ଜିଲ୍ଲା ସମ୍ପାଦକ ଧିରେନ୍ଦ୍ର କୁମାର ସାହୁ, ଭଦ୍ରକ ଜିଲ୍ଲା ସଭାପତି ରଘୁନାଥ ସାହୁ ଅତିଥି ଭାବେ ଯୋଗଦେଇଥିଲେ। କାହ୍ନୁଚରଣ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଲେଖ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ ପ୍ରଶାନ୍ତ କୁମାର ସାହୁଙ୍କ ସଂଯୋଜନାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଡା. ଗୋବିନ୍ଦ ଚନ୍ଦ୍ର ସାହୁ, ଡା. ଲକ୍ଷ୍ମୀପ୍ରିୟା ସାହୁ, ଅଧ୍ୟାପିକା ରୁନୁରଣା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ରଘୁନାଥ ସାହୁ, ଦଧିବାମନ ସାହୁ, ସୁନିଲ କୁମାର ସାହୁ, ସାବିତ୍ରୀ ସାହୁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମେଧାବୀ ଛାତ୍ର ରୁପମ ସାହୁ ଓ ଛାତ୍ରୀ ପ୍ରତିକ୍ଷା ସାହୁଙ୍କୁ ଶିଶୁ ସାହିତ୍ୟିକ ସ୍ୱର୍ଗତ ମାୟାଧର ସାହ ସ୍ମୃତି ସମ୍ମାନରେ ସମାନିତ କରାଯାଇଥିଲା। ଏହି ଉତ୍ସବକୁ ସୁନାକର ସାହୁ, ସୁନନ୍ଦ କୁମାର ସାହୁ, ଜୟଗୁରୁ ପାତ୍ର, ହରିହର ସାହୁ, ଅଶୋକ କୁମାର ସାହୁ, ନୃସିଂହ ଚରଣ ସାହୁ, ମହେଶ୍ୱର ସାହୁ, ପ୍ରଣବ କୁମାର ସାହୁ, ବୈଦେହୀ ସାହୁ, ସୁଜାତା ସାହୁ, ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



# ସମ୍ପାଦକୀୟ



ଫୁଲର ସୁବାସ ପବନର ଅନୁକୂଳ ଦିଗକୁ ପ୍ରବାହିତ ହୋଇଥାଏ। କିନ୍ତୁ ବ୍ୟକ୍ତିର ଉତ୍ତମ ଗୁଣର ପ୍ରଭାବ ଚତୁର୍ଦ୍ଦିଗକୁ ପ୍ରସାରିତ ହୋଇଯାଏ।
-ଚାଣକ୍ୟ ନୀତି

ସକାଳ
THE SAKALA

## ଐତିହାସିକ ଦୁର୍ବଳତା

ଆଶଙ୍କା ଅନୁରୂପ ବିଶ୍ୱ ପାଇଁ ଅର୍ଥନୈତିକ ମହାସଙ୍କଟ ଘନେଇ ଆସୁଛି। ବିଶେଷକରି ଇନ୍ଧନ ଚାହିଦାର ୮୦% ଆମଦାନୀ ଉପରେ ନିର୍ଭରଶୀଳ ଭାରତ ଭଳି ରାଷ୍ଟ୍ର ପାଇଁ ସ୍ଥିତି ଆହୁରି ଉତ୍କଟ ହେବାକୁ ଯାଉଛି। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଐତିହାସିକ ସ୍ତର ପାଖାପାଖି ୯୫ କୁ ଖସିବା ପରେ ଭାରତୀୟ ଅର୍ଥନୀତି ଆଗକୁ ଦୀର୍ଘସମୟ ଧରି ସଙ୍କଟରେ ଘାରି ହେବାର ଆଶଙ୍କା ସୃଷ୍ଟି ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଶେଷଅସ୍ତ୍ର ରୂପେ ବୈଦେଶିକ ମୁଦ୍ରାଭଣ୍ଡାର ଖୋଲିବାକୁ ଯୋଜନା କରୁଥିଲେ ମଧ୍ୟ ସଙ୍କଟ ନିୟନ୍ତ୍ରଣକୁ ଆସିବାର ସମ୍ଭାବନା ଦେଖାଯାଉନାହିଁ। ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ବୈଦେଶିକ ମୁଦ୍ରାଭଣ୍ଡାର ଆଶ୍ୱସ୍ତିଜନକ ଏବଂ ବୈଶ୍ୱିକ ସଙ୍କଟକୁ ମୁକାବିଲା କରିବା ଲାଗି ସକ୍ଷମ ଥିବା ଆରବିଆଇ କହିଥିବା ବେଳେ ଇତିମଧ୍ୟରେ ସ୍ଥିତି ଓଲଟପାଲଟ ହୋଇଯାଇଛି। ବିଶ୍ୱ ବଜାରରେ କ୍ରମାଗତ ଇନ୍ଧନ ମୂଲ୍ୟ ବୃଦ୍ଧି ସହିତ ଗତ ସପ୍ତାହରେ ବିଦେଶୀ ନିବେଶକମାନେ ୧୨୧୦ କୋଟି ଡଲାର ମୂଲ୍ୟର ଅଂଶଧନ ବିକ୍ରି କରିଦେଇଥିବାରୁ ଟଙ୍କା ମୂଲ୍ୟ ଐତିହାସିକ ନିମ୍ନସ୍ତରକୁ ଖସି ଆସିଛି।



ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ବୈଦେଶିକ ମୁଦ୍ରା, ସୁନା, ଏସ୍‌ଡିଆର(ସ୍ୱତନ୍ତ୍ର ଉଠାଣ ଅଧିକାର) ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିରେ ସ୍ୱତନ୍ତ୍ର ଜମା ଆକାରରେ ସମୃଦ୍ଧ। ସ୍ୱଳ୍ପମିଆଦୀ ଜରୁରୀକାଳୀନ ପରିସ୍ଥିତିରେ ଏସ୍‌ଡିଆର ଅଧିକାର ପ୍ରୟୋଗ କରି ବୈଦେଶିକ ବିନିମୟ ମୁଦ୍ରା ସଂଗ୍ରହ କରିବାର ଅଧିକାର ଆଇଏମ୍‌ଏଫ୍ ତାହାର ସଦସ୍ୟ ରାଷ୍ଟ୍ରଙ୍କୁ ଦେଇଛି। ଭାରତର ଏସ୍‌ଡିଆର ଆମେରିକୀୟ ଡଲାର, ୟୁରୋ, ୟୁଆନ୍(ଚୀନ୍ ମୁଦ୍ରା) ଓ ପାଉଣ୍ଡ ବିନିମୟ କରିପାରିବ। ମାର୍ଚ୍ଚ ୧୫ ସୁଦ୍ଧା ଭାରତର ଏସ୍‌ଡିଆର ମୂଲ୍ୟ ଏବଂ ଆଇଏମ୍‌ଏଫ୍‌ରେ ଜମା ପରିମାଣ ଥିଲା ଯଥାକ୍ରମେ ୧୮୭୦ କୋଟି ଓ ୪୮୦ କୋଟି ଡଲାର। ସେହିପରି ଆରବିଆଇର ବୈଦେଶିକ ମୁଦ୍ରାଭଣ୍ଡାରରେ ୫୫, ୬୦୦ କୋଟି ଡଲାର ଓ ୧୩, ୧୦୦ କୋଟି ଡଲାର ମୂଲ୍ୟର ସୁନା ଗଚ୍ଛିତ ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଦ୍ରୁତ ହ୍ରାସ ଘଟୁଥିବାରୁ ବିଦେଶୀ ନିବେଶକମାନେ ବିପୁଳ ପରିମାଣରେ ଭାରତୀୟ ପୁଞ୍ଜି ବଜାରରୁ ଅଂଶଧନ ପ୍ରତ୍ୟାହାର କରିନେଉଛନ୍ତି। ଏହି ଧାରା ଜାରି ରହିଲେ ସ୍ଥିତି ସମ୍ଭାଳିବାରେ ଆରବିଆଇର ମୁଦ୍ରାଭଣ୍ଡାରର ବୈଦେଶିକ ମୁଦ୍ରାର ବର୍ତ୍ତମାନ ସ୍ତର ସକ୍ଷମ ହେବ ନାହିଁ। ୨୦୨୪ ଅକ୍ଟୋବରରୁ ଅଦ୍ୟାବଧି ଆରବିଆଇ ୯୪୦୦ କୋଟି ଡଲାର ଖୋଲା ବଜାରରେ ବିକ୍ରି କରିସାରିଥିଲେ ମଧ୍ୟ ସ୍ଥିତି ସୁଧୁରିବା ବଦଳରେ ବିଗିଡ଼ି ଚାଲିଛି। ଏସ୍‌ଡିଆର ଓ ସ୍ୱତନ୍ତ୍ର ଜମା ମଧ୍ୟ ସାମ୍ପ୍ରତିକ ସ୍ଥିତି ଦୃଷ୍ଟିରୁ ସ୍ଥିତି ସମ୍ଭାଳିବାକୁ ଯଥେଷ୍ଟ ନୁହେଁ। କେବଳ ଶେଷଅସ୍ତ୍ର ରୂପେ ଆରବିଆଇ ସୁନା ବିକ୍ରୟ କିମ୍ବା ବନ୍ଧା ପକାଇପାରେ। ଏହି ପୃଷ୍ଠଭୂମିରେ କେବଳ ଗୋଟିଏ ମାତ୍ର ବିକଳ୍ପ ରହିଛି, ଯେଉଁଥିରେ ସରକାର ଇନ୍ଧନ ମୂଲ୍ୟ ବୃଦ୍ଧି କରିବେ। ଏହାଦ୍ୱାରା ଘରୋଇ ବଜାରରେ ଇନ୍ଧନର ବ୍ୟବହାର କମିବ, ଆମଦାନୀ ଚାପ ହ୍ରାସ ପାଇବ ଏବଂ କରେଣ୍ଟ ଆକାଉଣ୍ଟ ନିଅଣ୍ଟ କିଛିମାତ୍ରାରେ ନିୟନ୍ତ୍ରଣକୁ ଆସି ଟଙ୍କାକୁ ଆହୁରି ଦୁର୍ବଳ ହେବାରୁ କିଛିଟା ସୁରକ୍ଷା ଦେଇପାରିବ। କିନ୍ତୁ ଏହାଦ୍ୱାରା ଦରଦାମ ଆହୁରି ବଢ଼ିବ। ତେଣୁ ଶେଷରେ ଟଙ୍କା ମୂଲ୍ୟର ଏହି ଐତିହାସିକ ବୋଝ ଧନୀଗରିବ ନିର୍ବିଶେଷରେ ଦେଶର ଜନସାଧାରଣଙ୍କୁ ହିଁ ମୁଣ୍ଡାଇବାକୁ ପଡ଼ିବ।

ଇତିମଧ୍ୟରେ ସରକାର ପେଟ୍ରୋଲ୍ ଓ ଡିଜେଲ୍ ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦନ ଶୁଳ୍କ(ଏସ୍‌ଏଇଡି)ରେ ଲିଟର ପିଛା ୧୦ ଟଙ୍କା ହ୍ରାସ କରିଛନ୍ତି। ଅପରପକ୍ଷରେ ବିଶୋଧିତ ଡିଜେଲ୍ ଓ ଏଟିଏଫ୍ ଉପରେ ରପ୍ତାନୀ ଶୁଳ୍କ ବୃଦ୍ଧି କରିଛନ୍ତି। ଏସ୍‌ଏଇଡି ହ୍ରାସ ଜରିଆରେ ସରକାର ମାସକୁ ୧୫ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ଥିବା ବେଳେ ରପ୍ତାନୀ ଶୁଳ୍କ ବୃଦ୍ଧି ଜରିଆରେ ମାସିକ ୩୦ ହଜାର କୋଟି ଟଙ୍କା ସଂଗ୍ରହ କରିବେ। କିନ୍ତୁ ଏହା ବଜାର ଚାହିଦା ସ୍ଥିତି ସମ୍ଭାଳିବା କିମ୍ବା ଟଙ୍କାର ବିନିମୟ ମୂଲ୍ୟରେ ସ୍ଥିରତା ଆଣିବା ପାଇଁ ଯଥେଷ୍ଟ ହେବ ନାହିଁ। ତୈଳ ବିତରକମାନେ ସାମଗ୍ରିକ ଭାବେ ଦୈନିକ ୨, ୪୦୦ କୋଟି ଟଙ୍କାର କ୍ଷତି ସହୁଥିବା ଦର୍ଶାଇଛନ୍ତି। ଅଧିକ ଦିନ ପର୍ଯ୍ୟନ୍ତ ଏହି ସ୍ଥିତିକୁ ଅଣଦେଖା କରାଯାଇପାରିବ ନାହିଁ କି ରାଜକୋଷ ଉପରେ ଅଧିକ ଚାପ ଦେଇହେବ ନାହିଁ। ତେଣୁ ପରୋକ୍ଷ ଭାବେ ଦେଶର ପ୍ରାୟ ୧୪୦ କୋଟି ଉପଭୋକ୍ତା ହିଁ ଦେଶର ଅର୍ଥନୈତିକ ମହାସଙ୍କଟକୁ ଟାଳିବାର ମୂଲ୍ୟ ଦେବାକୁ ଏବେଠାରୁ ପ୍ରସ୍ତୁତ ହେବାକୁ ପଡ଼ିବ।

ଭାରତୀୟ ଟଙ୍କାରର ଏହି ଐତିହାସିକ ଦୁର୍ବଳ ସ୍ଥିତି ମଧ୍ୟପ୍ରାଚ୍ୟ ଯୁଦ୍ଧ ସହିତ ରାତାରାତି ଆସିନାହିଁ। ୨୦୨୪ରୁ ପ୍ରାରମ୍ଭରୁ ବୈଦେଶିକ ପୁଞ୍ଜି ନିବେଶ ହ୍ରାସ ପାଇଚାଲିଥିବା ବେଳେ ବିଦେଶୀ ନିବେଶକମାନଙ୍କର ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରହିଛି। ଅପରପକ୍ଷରେ ବିଭିନ୍ନ ଦେଶ ସହିତ ବାଣିଜ୍ୟ ନିଅଣ୍ଟ ହ୍ରାସ ପାଇଚାଲିଛି। ସେହି ସମୟରୁ ଯଦି ସରକାର ସମସ୍ୟା ସୁଧାରିବାରେ ନିଷ୍ଠାବାନ୍ ହୋଇଥା'ନ୍ତେ ଏବଂ ନୀତିଗତ ସଂସ୍କାର ପ୍ରତି ଆଗ୍ରହ ପ୍ରକାଶ କରିଥା'ନ୍ତେ ତେବେ ଆଜି ପରିସ୍ଥିତି ଏତେ ଉତ୍କଟ ହୋଇ ନ ଥା'ନ୍ତା। କିନ୍ତୁ ନିର୍ବାଚନମନସ୍କ କେନ୍ଦ୍ର ସରକାର ଦେଶର ଅର୍ଥନୀତି ପ୍ରତି ଘନେଇ ଆସୁଥିବା ବିପଦକୁ ଦେଖିପାରିଲେ ନାହିଁ କିମ୍ବା ଗୁରୁତ୍ୱ ଦେଲେ ନାହିଁ। ବର୍ତ୍ତମାନ ଶାସନ କ୍ଷମତାରେ ଥିବା ଦଳ ବିଗତ ଦଶନ୍ଧିର ପ୍ରାରମ୍ଭରେ ବିରୋଧୀ ଦଳର ଭୂମିକା ନିର୍ବାହ କରୁଥିଲା। ସେତେବେଳେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପରିପ୍ରେକ୍ଷୀରେ ତତ୍କାଳୀନ ବିରୋଧୀ ଦଳର ମନ୍ତବ୍ୟ ଥିଲା ଯେ 'ଟଙ୍କା କେବଳ ଏକ କାଗଜ ଟୁକୁଡା ନୁହେଁ, ଏହା ସହିତ ଦେଶର ପ୍ରତିଷ୍ଠା ଜଡ଼ିତ ଅଛି। ଟଙ୍କା ଦୁର୍ବଳ ହେବା ସହିତ ଦେଶର ପ୍ରତିଷ୍ଠା ମଧ୍ୟ ନିମ୍ନଗାମୀ ହେଉଛି...। ...ଡଲାର ତୁଳନାରେ ଅନ୍ୟ ଦେଶର ମୁଦ୍ରା ଏତେ ଦୁର୍ବଳ ହେଉନାହିଁ; କିନ୍ତୁ ଏଭଳି କ'ଣ କାରଣ ରହିଛି ଯାହା ଫଳରେ ଟଙ୍କା ଦୁର୍ବଳ ହୋଇଚାଲିଛି?' ଏବେ ସେହି ପ୍ରଶ୍ନ ଦେଶବାସୀ ସରକାରଙ୍କୁ ପଚାରିବାକୁ ଚାହାନ୍ତି। ଟଙ୍କାର ଏହି ଐତିହାସିକ ଦୁର୍ବଳତା ପାଇଁ ସରକାର ନିଜର ଉତ୍ତରଦାୟିତ୍ୱରୁ ଓହରି ପାରିବେ ନାହିଁ।

# ଜାତିବିହୀନ ଧର୍ମ ଓ ସଂରକ୍ଷଣହୀନ ଅଧିକାର

**ଡକ୍ଟର ଅବଶ ପରିଡ଼ା**

କିଛିଦିନ ତଳେ ପ୍ରକାଶିତ ଏକ ରାୟରେ ସର୍ବୋଚ୍ଚ ନ୍ୟାୟାଳୟ ଉଲ୍ଲେଖ କରିଛନ୍ତି ଯେ ହିନ୍ଦୁ, ଶିଖ ଓ ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମାବଲମ୍ବୀ ତୁରନ୍ତ ନିଜର ଅନୁସୂଚିତ ଜାତି (ଏସ୍‌ସି) ମାନ୍ୟତା ହରାଇବେ। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତି ଉପରୋକ୍ତ ତିନି ଧର୍ମର ନୁହନ୍ତି ତାଙ୍କୁ ଅନୁସୂଚିତ ଜାତି ଭାବରେ ଆଇନଗତ ମାନ୍ୟତା ମିଳିବ ନାହିଁ। ଚିନ୍ତାଦା ଆନନ୍ଦ ବନାମ ଆନ୍ଧ୍ର ପ୍ରଦେଶ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହା ସ୍ପଷ୍ଟ କରିଛନ୍ତି।

ଆଲୋଚନାକୁ ଆଗକୁ ନେବା ପୂର୍ବରୁ ଏହି ଘଟଣାର ପୃଷ୍ଠଭୂମି ବିଷୟରେ ଚୁମ୍ବକରେ ଜାଣିବା। ଆବେଦନକାରୀ ଚିନ୍ତାଦା ଆନନ୍ଦ ଥିଲେ ମାଡିଗା ସମ୍ପ୍ରଦାୟର ଦଳିତ। ଧର୍ମାନ୍ତରୀକରଣ ପରେ ଏକ ଦଶନ୍ଧି ଧରି ସେ ଜଣେ ଖ୍ରୀଷ୍ଟିଆନ ପାଦ୍ରୀ ଭାବରେ କାର୍ଯ୍ୟ କରୁଥିଲେ। 'ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଅତ୍ୟାଚାର ନିବାରଣ ଆଇନ' ଅନୁଯାୟୀ ୨୦୨୧ ମସିହାରେ ଆନନ୍ଦ ଏକ ଅଭିଯୋଗ ଦାଖଲ କରିଥିଲେ। କିନ୍ତୁ ଜଣେ ପାଦ୍ରୀ ଭାବରେ ସେବା କରୁଥିବାରୁ ସେ ହିନ୍ଦୁ ଧର୍ମର ଢାଞ୍ଚା ଅନୁଯାୟୀ ହୋଇଥିବା ଅନୁସୂଚିତ ଜାତି ମାନ୍ୟତାର ବିପରୀତ ବୋଲି ଅଦାଲତ ବିଶ୍ୱାସ କଲେ। ଯାହା ଦ୍ୱାରା ଆନନ୍ଦଙ୍କ ଉଭୟ ଆବେଦନ ଓ ଜାତି ମାନ୍ୟତା ଖାରଜ ହୋଇଗଲା। ଏହାର କାରଣରେ ଅଦାଲତ କହିଲେ ଯେ ଧର୍ମଶାସ୍ତ୍ର ଦୃଷ୍ଟିରୁ ଖ୍ରୀଷ୍ଟିଆନ ଓ ଇସଲାମ ଧର୍ମ ହେଉଛନ୍ତି 'ଜାତିହୀନ'। ତେଣୁ ଧର୍ମାନ୍ତରୀକରଣ କରିଥିବା ବ୍ୟକ୍ତିମାନେ ଆଇନ ଅନୁଯାୟୀ ସଂରକ୍ଷଣ ଲାଭ କିମ୍ବା ସୁରକ୍ଷା ଦାବି କରିପାରିବେ ନାହିଁ। ଏଠାରେ ସୂଚାଇ ଦେବାକୁ ଚାହେଁ ଯେ ୧୯୮୫ ମସିହାର ସୁସାଇ ବନାମ ଭାରତ ସଂଘର ରାୟରେ ଭେଦଭାବର ତଥ୍ୟଭିତ୍ତିକ ପ୍ରମାଣ ଅଭାବରୁ ସର୍ବୋଚ୍ଚ ନ୍ୟାୟାଳୟ ଦଳିତ ଖ୍ରୀଷ୍ଟିଆନଙ୍କର ଏସସି ମାନ୍ୟତା ପ୍ରତ୍ୟାଖ୍ୟାନ କରିଥିଲେ।

ସମାଜଶାସ୍ତ୍ର ଅନୁସାରେ, ଜାତି ହେଉଛି ଜନ୍ମ ଆଧାରିତ, ବଂଶାନୁକ୍ରମିକ, ପଦାନୁକ୍ରମ ଏବଂ ଦୈନନ୍ଦିନ ଜୀବନ ଯେପରିକି ବିବାହ, ବୃତ୍ତି, ସାମାଜିକ ବିଭେଦରେ ନିହିତ ଏକ ସାମାଜିକ ବ୍ୟବସ୍ଥା। ଅଦାଲତ କିନ୍ତୁ ଜାତିକୁ ଧର୍ମ-ଆବଦ୍ଧ କରି ଏକ ଆଇନଗତ ପରିଚୟ ଦେଇଛନ୍ତି। ପାରମ୍ପରିକ ସମାଜଶାସ୍ତ୍ରୀୟ ବାସ୍ତବତା କୁହେ ଯେ ଧର୍ମ ପରିବର୍ତ୍ତନ ପରେ ମଧ୍ୟ ଜାତି ବଜାୟ ରହେ। ଅନ୍ୟପଟେ ଆଇନଗତ ବ୍ୟାଖ୍ୟା କୁହେ ଯେ ଧର୍ମାନ୍ତରୀକରଣ ପରେ ଜାତି ଆଇନଗତ ଭାବରେ ଶେଷ ହୁଏ। ଏହା ଏକ ବିରୋଧାଭାସ ସୃଷ୍ଟି କରୁନି କି?। ଜାତିର ସାମାଜିକ ବାସ୍ତବତା ଓ ଆଇନଗତ ବର୍ଗୀକରଣ ମଧ୍ୟରେ ଉପୁଜୁଥିବା ଏହି ଦ୍ୱନ୍ଦ୍ୱ ହେଉଛି ଭାରତରେ ହେଉଥିବା ବିତର୍କର ମୁଖ୍ୟ କାରଣ।

ଯେହେତୁ ଇସଲାମ ଓ ଖ୍ରୀଷ୍ଟିଆନରେ କୌଣସି ଜାତି ନାହିଁ, ତେଣୁ ଅନୁସୂଚିତ ଜାତି ସୁରକ୍ଷାର ଆବଶ୍ୟକତା ନାହିଁ। କିନ୍ତୁ 'ଜାତିହୀନ ଧର୍ମ' ଧାରଣାରେ ସେମିତି କୌଣସି ସ୍ପଷ୍ଟତା ମିଳେନି। ଅନେକ ସମାଜଶାସ୍ତ୍ରୀୟ ଅଧ୍ୟୟନ ଦର୍ଶାଉଛି ଯେ 'ଦଳିତ ଖ୍ରୀଷ୍ଟିଆନ' ଏବଂ 'ପାସମାଣ୍ଡା ମୁସଲମାନ' ଭଳି ବର୍ଗ ଏବେ ବି ଭେଦଭାବର ସମ୍ମୁଖୀନ ହେଉଛନ୍ତି। 'ପାସମାଣ୍ଡା ମୁସଲମାନ'ମାନେ ହେଉଛନ୍ତି ଐତିହାସିକ ଭାବରେ ଭାରତର ଉପେକ୍ଷିତ ନିମ୍ନଜାତିର ମୁସଲମାନ। ସେମାନେ ଭାରତୀୟ ମୁସଲମାନ ଜନସଂଖ୍ୟାର ପ୍ରାୟ ୮୫ ପ୍ରତିଶତ। ଦୁଇଟି ମୁଖ୍ୟବର୍ଗରେ 'ପାସମାଣ୍ଡା'ଙ୍କୁ ବର୍ଗୀକୃତ କରାଯାଇଛି। ଯଥା - 'ଆଜଲାଫ', ଯାହା ମୁସଲିମ ପଛୁଆ ଜାତି ଏବଂ 'ଆର୍ଜଲ', ଯାହା ଦଳିତ ମୁସଲମାନ ଭାବରେ ଭାବେ ପରିଚିତ। ସେହିପରି ଦଳିତ ଖ୍ରୀଷ୍ଟିଆନ ମଧ୍ୟ ଅନେକ ସାମାଜିକ ସ୍ତରରେ ଉପେକ୍ଷିତ। ଭାରତୀୟ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କର ୭୦ ପ୍ରତିଶତରୁ ଅଧିକ ଥିବା ଦଳିତ ଖ୍ରୀଷ୍ଟିଆନମାନେ ଭାରତୀୟ ଉପମହାଦେଶର ସେହି ଗୋଷ୍ଠୀ, ଯେଉଁମାନେ 'ଅସ୍ପୃଶ୍ୟ' ହିନ୍ଦୁ ଜାତିରୁ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଛନ୍ତି। 'ଏସ୍‌ସି' ସଂରକ୍ଷଣରୁ ବାଦ ପଡ଼ିଥିବା ଦଳିତ ଖ୍ରୀଷ୍ଟିଆନମାନେ ନିରନ୍ତର ସାମାଜିକ ବୈଷମ୍ୟ ଏବଂ ଆର୍ଥିକ କଷ୍ଟର ସମ୍ମୁଖୀନ ହେଉଛନ୍ତି।

ସମାଧିସ୍ଥଳରେ ପୃଥକୀକରଣ, ନିଜ ଜାତି ମଧ୍ୟରେ ବିବାହ ଓ ବୃତ୍ତିଗତ କଳଙ୍କ ଭଳି ସମସ୍ୟାରେ 'ଜାତିହୀନ ଧର୍ମ' ମଧ୍ୟ ପୀଡ଼ିତ। ପାଠରେ କହୁଥିବା 'ଆଦର୍ଶ ଧର୍ମ' ଓ ସମାଜ ଅଭ୍ୟାସ କରୁଥିବା 'ଜୀବିତ ଧର୍ମ' ମଧ୍ୟରେ ଅନେକ ପାର୍ଥକ୍ୟ ଅଛି। ୨୦୦୭ ମସିହାରେ ଜଷ୍ଟିସ ରଙ୍ଗନାଥ ମିଶ୍ର ଆୟୋଗଙ୍କ ରିପୋର୍ଟ କୁହେ ଯେ ଦଳିତ ଧର୍ମାନ୍ତରିତଙ୍କ ମଧ୍ୟରେ ଗମ୍ଭୀର ସାମାଜିକ ଭେଦଭାବ ଅଛି। ଏଥିରେ ସୁପାରିସ କରାଯାଇଛି ଯେ ଧର୍ମରୁ 'ଏସ୍‌ସି' ମାନ୍ୟତାକୁ ଅଲଗା କରାଯିବା ଆବଶ୍ୟକ। ଏହାର ପ୍ରତିକ୍ରିୟାରେ କିଛିଗୋଷ୍ଠୀ ମତ ରଖନ୍ତି ଯେ ଏସ୍‌ସି ବର୍ଗ ସ୍ୱତନ୍ତ୍ର ଭାବରେ 'ଅସ୍ପୃଶ୍ୟତା'କୁ ସମାଧାନ କରିବା ପାଇଁ ସୃଷ୍ଟି କରାଯାଇଥିଲା, ଯାହା ହିନ୍ଦୁ 'ବର୍ଣ୍ଣ ବ୍ୟବସ୍ଥା'ର ଏକ ଅଭ୍ୟାସ। ତେଣୁ ଅଣଭାରତୀୟ ମୂଳର ଧର୍ମଗୁଡ଼ିକ ଏହି ପ୍ରାଚୀନ ଅଭ୍ୟାସର ଅଂଶୀଦାର ନୁହନ୍ତି। ଏଠାରେ ଆଉ ଏକ ତଥ୍ୟ ଉଲ୍ଲେଖ କରିବାକୁ ଚାହୁଁଛି ଯେ କରମଚେଡୁ ଗଣହତ୍ୟା ଭଳି ଗୁରୁତର ଘଟଣା ପରେ 'ଅନୁସୂଚିତ ଜାତି ଏବଂ ଜନଜାତି (ଅତ୍ୟାଚାର ନିବାରଣ) ଆଇନ-୧୯୮୯' ପ୍ରଣୟନ କରାଯାଇଥିଲା। ଯେଉଁଠାରେ ଅଧିକାଂଶ ପୀଡ଼ିତ ଖ୍ରୀଷ୍ଟିଆନ ଥିଲେ। ତେଣୁ ଧାର୍ମିକ ସମ୍ପର୍କ ନିର୍ବିଶେଷରେ ଜାତିଭିତ୍ତିକ ଭେଦଭାବ ଓ ହିଂସା ସର୍ବଦା ଜାରି ରହିଥିଲା ଏବଂ ରହିଛି ମଧ୍ୟ।

କିଛି ବୁଦ୍ଧିଜୀବୀ ମହଲ ଏହି ବର୍ଗୀକରଣରେ ଅସଙ୍ଗତି କଥା କୁହନ୍ତି। ଯଦି ଅନୁସୂଚିତ ଜନଜାତି(ଏସ୍‌ଟି) ଓ 'ଓବିସି'ମାନଙ୍କୁ ସେମାନଙ୍କ ଧର୍ମ ନିର୍ବିଶେଷରେ ଚିହ୍ନଟ କରାଯାଇଛି, ତେବେ କେବଳ 'ଏସ୍‌ସି' ବର୍ଗ ପାଇଁ ଧର୍ମ-ନିରପେକ୍ଷ ଆଭିମୁଖ୍ୟକୁ ଅସ୍ୱୀକାର କରିବା ଏକ ମନମୁଖି କାର୍ଯ୍ୟ ନୁହେଁ କି? ଏହାର ଉତ୍ତରରେ ଦୁଇଟି ଯୁକ୍ତି ଆସେ। ପ୍ରଥମ, 'ଏସ୍‌ସି' ସଂରକ୍ଷଣ ପାଇଁ ଏହି ଅନ୍ତର୍ଭୁକ୍ତୀକରଣ ହେଉଛି ଏକ ଅତ୍ୟଧିକ ବୋଝ। ଯଦି ଲକ୍ଷ ଲକ୍ଷ ଦଳିତ ଖ୍ରୀଷ୍ଟିଆନ ଏବଂ ମୁସଲମାନଙ୍କୁ 'ଏସ୍‌ସି' ତାଲିକାରେ ଯୋଡ଼ିବା ତେବେ ସାମ୍ବିଧାନିକ ଭାବରେ ସ୍ଥିର 'ଏସ୍‌ସି' ସଂରକ୍ଷଣ କୋଟା ଉପରେ ଭାରି ବୋଝ ପଡ଼ିବ। ଏହାଦ୍ୱାରା ବ୍ୟବସ୍ଥାଗତ ସମସ୍ୟାର ସମ୍ମୁଖୀନ ହୋଇଥିବା ହିତାଧିକାରୀଙ୍କ ପାଇଁ କୋଟା ବା ସଂରକ୍ଷଣ ଗୁରୁତର ଭାବରେ ସଙ୍କୁଚିତ ହେବ। ଦ୍ୱିତୀୟଟି ହେଉଛି, 'ଏସ୍‌ସି'ର ପରିଚୟ କେବଳ ହିନ୍ଦୁ ଜାତି ପ୍ରଥା ସହିତ ଜଡ଼ିତ ଏବଂ 'ଏସ୍‌ଟି'ର ପରିଚୟ ଜନଜାତି ସଂସ୍କୃତି ସହିତ ଜଡ଼ିତ। କିନ୍ତୁ ରାଷ୍ଟ୍ରର ସକାରାତ୍ମକ କାର୍ଯ୍ୟ ମଧ୍ୟରେ ନାଗରିକତା ପାର୍ଥକ୍ୟ କେତେ ଯୁକ୍ତିଯୁକ୍ତ ତାହା ବିତର୍କର ବିଷୟ।

ଭାରତ ସମ୍ବିଧାନର ଅନୁସୂଚିତ ଜାତି ଆଦେଶ, ୧୯୫୦ରେ ଅନୁସୂଚିତ ଜାତି ଯୋଗ୍ୟତା କଥା ଉଲ୍ଲେଖ ଅଛି। ଏହା ସମ୍ବିଧାନ (ଅନୁସୂଚିତ ଜାତି) ଆଦେଶ, ୧୯୫୦ର ଧାରା ୩ ଦ୍ୱାରା କଠୋର ଭାବରେ ନିୟନ୍ତ୍ରିତ। ଏହି ଧାରା ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ 'ଏସ୍‌ସି'ର ସଦସ୍ୟ ଭାବରେ ଆଇନଗତ ସ୍ୱୀକୃତି ପାଇବା ପାଇଁ ସାର୍ବଜନୀନ ଭାବରେ ହିନ୍ଦୁ ଧର୍ମ, ଶିଖ ଧର୍ମ କିମ୍ବା ବୌଦ୍ଧ ଧର୍ମକୁ ସ୍ୱୀକାର ବା ଅଭ୍ୟାସ କରିବାକୁ ପଡ଼ିବ। ମୂଳ ୧୯୫୦ ଆଦେଶରେ ହିନ୍ଦୁ ଧର୍ମ ଏକମାତ୍ର ଧର୍ମ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ପରେ ୧୯୫୬ ମସିହାରେ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଶିଖ ଧର୍ମ ଏବଂ ୧୯୯୦ ମସିହାରେ ବୌଦ୍ଧ ଧର୍ମ ଯୋଡ଼ା ଯାଇଥିଲା।

ସେ ଯାହା ବି ହେଉ ରାୟ ଆସିଲା ପରେ ଏକ ନୂତନ ସଂଶୟ ଜନ୍ମ ନେଇଛି। ତାହା ହେଉଛି, ଅସ୍ପୃଶ୍ୟତାରୁ ରକ୍ଷା ଓ ପ୍ରତୀକାତ୍ମକ ମର୍ଯ୍ୟାଦା ପାଇଁ କରିଥିବା ଧର୍ମାନ୍ତରୀକରଣ ଯେ ସଂରକ୍ଷଣ ଓ ଆଇନଗତ ସୁରକ୍ଷାରୁ ବଞ୍ଚିତ କରିବ ସେ ଆଶଙ୍କା କୌଣସି ଅନୁସୂଚିତ ଜାତିର ବ୍ୟକ୍ତି କରି ନ ଥିବେ। ଧାର୍ମିକ ସ୍ୱାଧୀନତା ମିଳିଗଲା; କିନ୍ତୁ ରାଷ୍ଟ୍ରର ସମର୍ଥନ ହରାଇବାର ଚିନ୍ତା ଏବେ ଅନେକଙ୍କୁ ଘାରିଛି। କିନ୍ତୁ ଅନ୍ୟପଟେ ଏହି ଦ୍ୱିଧା କାହିଁକି ଆସୁଛି ବୋଲି ଅନେକ ପ୍ରଶ୍ନ କରୁଛନ୍ତି। କାରଣ ସଂଖ୍ୟାଲଘୁ ଭାବରେ ସମସ୍ତ ସାମ୍ବିଧାନିକ ସମର୍ଥନ ପାଇବାର ଅଧିକାରକୁ ଉପଯୋଗ କରିବାରେ କୌଣସି ବାରଣ ନାହିଁ। ତେଣୁ ଏସବୁ କୁଆଡ଼େ ଭିତ୍ତିହୀନ ଯୁକ୍ତି। ତେବେ ଯଦି ଜଣେ ଧର୍ମାନ୍ତରିତ ବ୍ୟକ୍ତି ହିନ୍ଦୁ ଧର୍ମ, ଶିଖ ଧର୍ମ କିମ୍ବା ବୌଦ୍ଧ ଧର୍ମକୁ ପୁନଃପରିବର୍ତ୍ତନ କରି ସେମାନଙ୍କର 'ଏସ୍‌ସି' ମାନ୍ୟତା ପୁନଃପ୍ରାପ୍ତ କରିବାକୁ ଚାହାନ୍ତି, ତେବେ ସେମାନଙ୍କୁ କ'ଣ କରିବାକୁ ପଡ଼ିବ? ଉଭୟ କେ.ପି. ମନୁ ବନାମ ଅଧ୍ୟକ୍ଷ, ଯାଞ୍ଚ କମିଟି ଓ ସି.ଏମ୍. ଅରୁମୁଗମ ବନାମ ଏସ. ରାଜଗୋପାଳ ରାୟ କୁହେ ଯେ ଜାତିକୁ ସାମାଜିକ ଭାବରେ ମାନ୍ୟତା ମିଳିବା ଉଚିତ। କିନ୍ତୁ ଧର୍ମାନ୍ତରୀକରଣ ପରେ 'ଏସ୍‌ସି' ମାନ୍ୟତା ବଜାୟ ରଖିବା ପାଇଁ ନିରନ୍ତର ଭେଦଭାବ ଏବଂ ସମ୍ପ୍ରଦାୟ ଗ୍ରହଣର ପ୍ରମାଣ ମଧ୍ୟ ଆବଶ୍ୟକ। ମୋଟ ଉପରେ ଧର୍ମାନ୍ତରିତ ଧର୍ମର ପ୍ରକୃତ ପରିତ୍ୟାଗ, ମୂଳ ଜାତି ପ୍ରଥା ଏବଂ ମୂଳ ଜାତି ସମ୍ପ୍ରଦାୟରେ ସ୍ପଷ୍ଟ ଗ୍ରହଣୀୟତା ଉପରେ 'ଏସ୍‌ସି' ମାନ୍ୟତା ପୁନଃପ୍ରାପ୍ତ ନିର୍ଭରଶୀଳ।

ତେଣୁ ଏହି ଜଟିଳ ସମସ୍ୟାର ସମାଧାନ ଆଦର୍ଶଗତ ଦୃଷ୍ଟିକୋଣ ଅପେକ୍ଷା ବସ୍ତୁନିଷ୍ଠ, ସମସାମୟିକ ତଥ୍ୟ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ। ଦଳିତମାନେ ଖ୍ରୀଷ୍ଟିଆନ ଏବଂ ଇସଲାମ ଧର୍ମକୁ ଧର୍ମାନ୍ତରିତ ହେବା ପରେ ଅସ୍ପୃଶ୍ୟତାର ଶିକାର ହେଉଛନ୍ତି କି ନାହିଁ ସେ ତଥ୍ୟ ବେଶ ଜରୁରୀ। ପରିଶେଷରେ ଧର୍ମ-ନିରପେକ୍ଷ ପଛୁଆ ବର୍ଗ ଢାଞ୍ଚାର ପୁନଃମୂଲ୍ୟାୟନ ସହିତ ସାର୍ବଜନୀନ ବୈଷମ୍ୟ ବିରୋଧୀ ଆଇନକୁ ସୁଦୃଢ଼ କରିବା ପାଇଁ ଏକ ଶକ୍ତ ନିୟମ ଆବଶ୍ୟକ। ଏସବୁ ବ୍ୟତୀତ, ଭେଦଭାବକୁ ସ୍ୱୀକୃତି ନ ଦେଇ ସମାଜରେ ସମାନତା ଆସିପାରିବ କି? ଏହି ମୂଳ ପ୍ରଶ୍ନର ଉତ୍ତର ହିଁ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ନୂଆ ନେପାଳ, ନୂଆ ନେତୃତ୍ୱ

**ଡ ସୁଶାନ୍ତ କୁମାର ପରିଡ଼ା**

ଆଜିର ବିଶ୍ୱ ରାଜନୀତିରେ ପାରମ୍ପରିକ ରାଜନୀତିଜ୍ଞମାନଙ୍କ ସହିତ ଅଭିନେତା, କ୍ରୀଡ଼ାବିତ୍, ସାମାଜିକ କର୍ମୀମାନେ ଆଗକୁ ଆସୁଥିବା ଦେଖାଯାଉଛି। ଏହି ପରିବର୍ତ୍ତନକୁ ଏବେ ଆଉ ଗୋଟିଏ ନୂଆ ମୁହଁ ମିଳିଛି 'ରାପର୍'। ପଡ଼ୋଶୀ ଦେଶ ନେପାଳରେ ଏହା ଏକ ଐତିହାସିକ ଘଟଣାର ରୂପ ନେଇଛି, ଯେଉଁଠାରେ ରାପର୍‌ଠାରୁ ରାଜନୀତିଜ୍ଞ ହୋଇଥିବା ବଲେନ୍ଦ୍ର ଶାହ(ବାଲେନ୍) ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ୩୫ ବର୍ଷ ବୟସରେ ବାଲେନଙ୍କ ଏହି ଉଦୟ କେବଳ ବ୍ୟକ୍ତିଗତ ସଫଳତା ନୁହେଁ; ଏହା ଏକ ପିଢ଼ିଗତ ପରିବର୍ତ୍ତନର ପ୍ରତୀକ। ତାଙ୍କ ଦଳ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି(ଆରଏସ୍‌ପି) ନିର୍ବାଚନରେ ବିପୁଳ ବିଜୟ ହାସଲ କରିଛି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ କେ ପି ଶର୍ମା ଓଲିଙ୍କ ଦଳକୁ ପଛକୁ ପକାଇଛି। ନେପାଳ ସଂସଦର ମୋଟ୍ ୨୭୫ ଆସନରୁ ୧୮୨ଟିରେ ବିଜୟ ହାସଲ କରିଛି ଆରଏସ୍‌ପି ଦଳ। ନେପାଳର ଚାରି ଥରର ପ୍ରଧାନମନ୍ତ୍ରୀ ଥିବା କେପି ଶର୍ମା ଓଲିଙ୍କୁ ୧୮ ହଜାରରୁ ଅଧିକ ଭୋଟ୍‌ରେ ପଛରେ ପକାଇ ବିଜୟ ହାସଲ କରିଛନ୍ତି ବଲେନ୍। ଗତବର୍ଷ ନେପାଳରେ 'ଜେନ୍ ଜେଡ୍'ଙ୍କ ବିକ୍ଷୋଭ ପରେ ଗାଦିଚ୍ୟୁତ ହୋଇଥିଲେ କେପି ଶର୍ମା। କୁହାଯାଉଥିଲା କି, ବଲେନଙ୍କ ନେତୃତ୍ୱରେ ହିଁ ଯୁବ ପିଢ଼ି ରାସ୍ତାକୁ ଓହ୍ଲାଇଥିଲେ।

ନେପାଳର ରାଜନୀତି ଦୀର୍ଘଦିନ ଧରି ପାରମ୍ପରିକ ଦଳ, ନେତୃତ୍ୱ ସଂଘର୍ଷ ଓ ଆଦର୍ଶବାଦୀ ରାଜନୀତିରେ ଆବୃତ ଥିଲା। ଶେଷ କିଛିବର୍ଷରେ ଯୁବପିଢ଼ିର ଅସନ୍ତୋଷ, ଦୁର୍ନୀତି ପ୍ରତି ଅସହିଷ୍ଣୁତା ଏବଂ ନୂଆ ନେତୃତ୍ୱର ଆକାଂକ୍ଷା ରାଜନୀତିକ ପରିବେଶକୁ ପରିବର୍ତ୍ତନ କରୁଛି। ଏହି ପରିପ୍ରେକ୍ଷୀରେ ବଲେନଙ୍କ ଉଦୟ କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ଏହା ନେପାଳର ସମାଜ ଓ ରାଜନୀତିର ଏକ ବଡ଼ ପରିବର୍ତ୍ତନର ପ୍ରତୀକ। ନେପାଳ ଏକ ଦୀର୍ଘ ରାଜନୈତିକ ରୂପାନ୍ତରଣର ମାଧ୍ୟମରେ ଗତି କରିଛି। ୨୦୦୬ ମସିହାର ଲୋକତାନ୍ତ୍ରିକ ଆନ୍ଦୋଳନ ପରେ ରାଜତନ୍ତ୍ରର ଶେଷ ଓ ଗଣତନ୍ତ୍ରର ଆରମ୍ଭ ହୋଇଥିଲା। ୨୦୧୫ ମସିହାରେ ନୂତନ ସମ୍ବିଧାନ ପ୍ରବର୍ତ୍ତନ ହେବା ସହିତ ନେପାଳ ଏକ ସଂଘୀୟ ଗଣତନ୍ତ୍ର ଭାବେ ପରିଚିତ ହେଲା। ଦୁର୍ନୀତି, ବେରୋଜଗାରି ଓ ଅସମାନତା ଯୁବପିଢ଼ିକୁ ବିରକ୍ତ କରିଥିଲା। ଏହି ପରିସ୍ଥିତିରେ ଜେନ୍ ଜେଡ୍ ଆନ୍ଦୋଳନ ଜନ୍ମ ନେଲା, ଯାହା ପୁରୁଣା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କଲା।

ନେପାଳରେ ରାପର୍ ସଙ୍ଗୀତ ଯୁବପିଢ଼ିର ଅଭିବ୍ୟକ୍ତିର ଏକ ଶକ୍ତିଶାଳୀ ମାଧ୍ୟମ। ସମାଜିକ ଅନ୍ୟାୟ, ଦୁର୍ନୀତି ଓ ସାମାଜିକ ଅସମତା ଉପରେ ରାପର୍‌ମାନେ ନିଜ ସଙ୍ଗୀତରେ ସ୍ୱର ଉଠାଇଥା'ନ୍ତି। ବାଲେନ୍‌ଙ୍କ ରାପର୍ ଗୀତଗୁଡ଼ିକରେ ସମାଜିକ ଅନ୍ୟାୟ, ଶାସନର ଅସଫଳତା ଓ ଯୁବମାନଙ୍କ ସମସ୍ୟା ଉପରେ ତୀବ୍ର ଆଲୋଚନା ଥାଏ। ଏହି କାରଣରୁ ସେ ଯୁବପିଢ଼ିଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇଥିଲେ। ଏହା ତାଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ପ୍ରେରିତ କଲା। ନେପାଳର ଶେଷକିଛି ନିର୍ବାଚନରେ ପାରମ୍ପରିକ ଦଳମାନଙ୍କ ବିପରୀତରେ ସ୍ୱାଧୀନ ପ୍ରାର୍ଥୀ ଓ ନୂଆ ଦଳମାନେ ଭଲ ଫଳାଫଳ ପାଇଛନ୍ତି। ବାଲେନ୍ ଯେତେବେଳେ କାଠମାଣ୍ଡୁର ମେୟର ପଦବୀ ପାଇଁ ପ୍ରାର୍ଥୀ ହେଲେ, ଅନେକେ ଏହାକୁ ଗମ୍ଭୀରତାର ସହିତ ନେଇ ନ ଥିଲେ। କିନ୍ତୁ ନିର୍ବାଚନରେ ସେ ଦୁଇଟି ବଡ଼ ଦଳ ନେପାଳୀ କଂଗ୍ରେସ ଓ କମ୍ୟୁନିଷ୍ଟ ପାର୍ଟିଙ୍କ ପ୍ରାର୍ଥୀଙ୍କୁ ପରାଜିତ କରି ଜିତିଲେ। ଏହି ବିଜୟ କେବଳ ଏକ ନିର୍ବାଚନୀ ଫଳାଫଳ ନୁହେଁ; ଏହା ନେପାଳର ରାଜନୀତିରେ ଯୁବଶକ୍ତିର ଉଦୟର ପ୍ରତୀକ।

ବାଲେନ୍‌ଙ୍କ ସଫଳତାର ପଛରେ ସାମାଜିକ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିର ଡିଜିଟାଲ୍ ଯୁଗରେ ଯୁବକମାନେ ରାଜନୀତିକ ସୂଚନା ପାଇଁ ମୁଖ୍ୟତଃ ଏହି ମାଧ୍ୟମ ଉପରେ ଭରସା କରୁଛନ୍ତି। ପାରମ୍ପରିକ ଦଳମାନଙ୍କ ତୁଳନାରେ ବାଲେନ୍ ଯୁବକମାନଙ୍କ ସହିତ ସିଧାସଳଖ ଯୋଗାଯୋଗ ସୃଷ୍ଟି କରିଥିଲେ। ତାଙ୍କର ଅଭିଯାନ ଡିଜିଟାଲ୍ ମାଧ୍ୟମରେ ବ୍ୟାପକ ସମର୍ଥନ ପାଇଥିଲା। ନେପାଳର ଏହି ପରିବର୍ତ୍ତନ କେବଳ ଏକ ଦେଶର ଘଟଣା ନୁହେଁ; ଏହା ଦକ୍ଷିଣ ଏସିଆର ରାଜନୀତି ପାଇଁ ମଧ୍ୟ ଏକ ସଙ୍କେତ। ଭାରତ, ପାକିସ୍ତାନ, ବାଂଲାଦେଶ ସହିତ ଅନେକ ଦେଶରେ ଯୁବପିଢ଼ି ପାରମ୍ପରିକ ରାଜନୀତି ପ୍ରତି ଅସନ୍ତୋଷ ପ୍ରକାଶ କରୁଛି। ଏହି ପରିପ୍ରେକ୍ଷୀରେ ନେପାଳର ଅଭିଜ୍ଞତା ଦେଖାଏ ଯେ ସମାଜର ନୂଆ ଶକ୍ତିମାନେ ରାଜନୀତିରେ ପ୍ରବେଶ କରିପାରନ୍ତି ଓ ପରିବର୍ତ୍ତନ ଆଣିପାରନ୍ତି।

ଯଦିଓ ଏହି ପରିବର୍ତ୍ତନ ଆଶାଜନକ, ତଥାପି ଏହା ସହିତ ଅନେକ ଆହ୍ୱାନ ମଧ୍ୟ ରହିଛି। ରାଜନୀତି କେବଳ ଲୋକପ୍ରିୟତାର ମାଧ୍ୟମ ନୁହେଁ; ଏହା ନୀତି, ପରିଚାଳନା ଓ ପ୍ରଶାସନିକ କ୍ଷମତାର ମାଧ୍ୟମ। ନୂଆ ନେତାମାନଙ୍କ ପାଇଁ ଏହା ପ୍ରମାଣ କରିବା ଦରକାର ଯେ ସେମାନେ କେବଳ ଆନ୍ଦୋଳନର ନେତା ନୁହେଁ, ଶାସନରେ ମଧ୍ୟ ସଫଳ ହୋଇପାରନ୍ତି। ଯଦି ସେମାନେ ସ୍ୱଚ୍ଛ ଓ କାର୍ଯ୍ୟକ୍ଷମ ଶାସନ ଦେଇପାରନ୍ତି, ତେବେ ଏହା ନେପାଳର ଲୋକତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିପାରିବ। ଲୋକତନ୍ତ୍ରର ସବୁଠୁ ବଡ଼ ଶକ୍ତି ହେଉଛି ସାଧାରଣ ଲୋକଙ୍କ ଭରସା ଓ ଭାଗୀଦାରି - ଏହା ପୁଣି ଥରେ ନେପାଳରେ ପ୍ରମାଣିତ ହେଲା। ଯେତେବେଳେ ନୂଆ ପିଢ଼ି ରାଜନୀତିରେ ଆଗକୁ ଆସେ, ସେତେବେଳେ ଲୋକତନ୍ତ୍ର ଅଧିକ ସଜୀବ ଓ ସକ୍ରିୟ ହୁଏ। ନେପାଳର ଏହି ଅଭିଜ୍ଞତା ଦକ୍ଷିଣ ଏସିଆର ଅନ୍ୟ ଦେଶମାନଙ୍କ ପାଇଁ ମଧ୍ୟ ଏକ ପାଠ ଯେ ରାଜନୀତି କେବଳ ପାରମ୍ପରିକ ନେତାମାନଙ୍କ ସୀମାରେ ନୁହେଁ; ଏହା ସମାଜର ସମସ୍ତ ଶକ୍ତିଙ୍କ ମିଳିତ ପ୍ରୟାସର ଫଳ।

(ଅଧ୍ୟାପକ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

## ଆମ ବୃକ୍ଷଲତା ଆମ ଜୀବନ

**ପ୍ରକୃତି-ପରିବେଶ**

### ଭେରୁ
### (East Indian Satinwood-Chloroxylon swietenia)

**ସୌଭାଗ୍ୟସୁନ୍ଦର**

ଭେରୁ ଏକ ଉଷ୍ମମଣ୍ଡଳୀୟ ଛୋଟ ବୃକ୍ଷ, ଯାହା ଦକ୍ଷିଣ ଭାରତ, ଶ୍ରୀଲଙ୍କା ଓ ମାଡାଗାସ୍କରର ମୂଳଜାତ ଉଦ୍ଭିଦ। ଏହା ଓଡ଼ିଶା, ମଧ୍ୟପ୍ରଦେଶ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ ଓ କେରଳରେ ପ୍ରାୟ ୪୫୦ ମିଟରରୁ କମ ଉଚ୍ଚତା ବିଶିଷ୍ଟ ଶୁଷ୍କ ଜଙ୍ଗଲରେ ଦେଖାଯାଏ। ଏହା ଏକ ମଧ୍ୟମଆକାରର ବହୁଶାଖାଯୁକ୍ତ ପର୍ଣ୍ଣମୋଚୀ ଗଛ, ଯାହାର ଉଚ୍ଚତା ପ୍ରାୟ ୧୫-୨୦ ମିଟର। ଏହାର କାଣ୍ଡଟି ଘନ, ଛାଲି ବା ବଲ୍କଳ ସୋଲପରି ହାଲୁକା ଫାଟି ଫାଟି ଯାଇଥାଏ। ପତ୍ରଗୁଡ଼ିକ ଅସମପକ୍ଷଳ ଯୌଗିକ, ୧୨ ରୁ ୧୨ ଟି ପତ୍ରକ ଧାରଣ କରିଥାଏ। ପତ୍ରକ ଆୟତାକାର, ୧୫-୨୨ ସେମି ଲମ୍ବା, ବିପରୀତ। ପତ୍ରଗୁଡ଼ିକ ଚୂର୍ଣ୍ଣ ହେଲେ ଏକ ତୀକ୍ଷ୍ଣ ଖଟା ସୁଗନ୍ଧ ନିର୍ଗତ କରେ। ଫୁଲଗୁଡ଼ିକ ଛୋଟ, ସର୍ବଦା ସତେଜ, କ୍ରିମି-ଧଳା, ୧୦-୨୦ ସେମି ଲମ୍ବା। ଫଳଟି ଏକ ଆୟତାକାର ତିନିଖଣ୍ଡିଆ କ୍ୟାପସୁଲ୍, ଯାହାର ପ୍ରତ୍ୟେକ ଖଣ୍ଡରେ ୧-୪ ଟି ବିହନ ଥାଏ। ଏହା ୨.୫- ୪.୫ ସେମି ଲମ୍ବା, ଟାଣ ଚମଡ଼ା ସଦୃଶ। ବିହନଗୁଡ଼ିକ ଡେଣାଯୁକ୍ତ।

ଭେରୁ ପାରମ୍ପରିକ ଔଷଧରେ ବ୍ୟବହୃତ ହୁଏ। ଏହାର ପତ୍ର ଚୂର୍ଣ୍ଣକୁ ବାହ୍ୟ ଭାବରେ କ୍ଷତ, ଆଘାତ, ଯନ୍ତ୍ରଣାଦାୟକ ସନ୍ଧିବାତ ଓ ସର୍ପ କାମୁଡ଼ାର ଚିକିତ୍ସା ପାଇଁ ପ୍ରୟୋଗ କରାଯାଏ। ଏଥିସହିତ ମୁଣ୍ଡବିନ୍ଧା ଚିକିତ୍ସା ପାଇଁ ପତ୍ର ଓ ମୂଳକୁ ଦଳି ଚକଟି ଏକ ପେଷ୍ଟ ଭାବରେ କପାଳରେ ଲଗାଯାଏ। ଏହାର ଛାଲିକୁ ରକ୍ତସ୍ରାବ ରୋଧୀ। ଏଥିସହିତ ଏହା ଜ୍ୱର, ଛାତି ଯନ୍ତ୍ରଣା, ଶ୍ୱାସ ରୋଗ ଆଦିର ଚିକିତ୍ସା ପାଇଁ ଉପଯୋଗ କରାଯାଏ। ଶୁଖିଲା ପତ୍ରରୁ ମିଥାନଲ୍ ନିର୍ଗତ ତରଳ ପାନୀୟ ଉପାଦାନ ଭଲ ପୀଡ଼ା ଉପଶମ କାର୍ଯ୍ୟକଳାପ ପ୍ରଦର୍ଶନ କରେ। ନପୁଂସକତାର ଚିକିତ୍ସା ପାଇଁ କ୍ଷୀର ସହିତ ଏହାର ମୂଳର ଛାଲିକୁ ସେବନ କରାଯାଏ। ପତ୍ର ଓ କାଣ୍ଡର ତେଲ ଉଭୟ ଜୀବାଣୁ ଓ କବକକୁ ଶକ୍ତିଶାଳୀ ଭାବରେ ନିୟନ୍ତ୍ରଣ କରେ। ପତ୍ର ଓ କାଣ୍ଡରୁ ପ୍ରାପ୍ତ ଅତ୍ୟାବଶ୍ୟକ ତେଲ, ଏଡିସ୍ ଏଜିପ୍ଟି, ଆନୋଫେଲିସ୍, କ୍ୟୁଲେକ୍ସ ମଶା ଓ ତମାଖୁ ପତ୍ର ବା ଧୁଆଁ ପତ୍ର ଖାଉଥିବା ପୋକ ପାଇଁ ଘାତକ ଅଟେ। ଏହାର କାଠ ଚର୍ମପ୍ରଦାହ ସୃଷ୍ଟି କରିପାରେ।

ଭେରୁ କାଣ୍ଡ, ଛାଲି ଓ ହାର୍ଟଉଡ୍ ବା ମଞ୍ଜି କାଠରେ କୁମାରିନ୍ ଓ କ୍ୱିନୋଲିନୋନ୍ ଆଲକାଲଏଡ୍ ପରି ଫାଇଟୋକେମିକାଲ୍ ବା ଜୈବ ରସାୟନ ଏବଂ ୨, ୪-ଡାଇହାଡ୍ରୋକ୍ସି-୫-ପ୍ରେନିସିନାମିକ୍ ଏସିଡ୍ ବା ଅମ୍ଳ ଥାଏ। ପତ୍ରରେ ଥିବା ଏକ ଅତ୍ୟାବଶ୍ୟକ ତେଲରେ ଟେର୍ପେନ୍ସ ଲିମୋନିନ୍, ଜର୍ମାକ୍ରେନ୍ ଡି, ଗେଜେରିନ୍, ପ୍ରିଗେଜେରିନ୍, ଟ୍ରାନ୍ସ-ବିଟା-ଓସିମିନ୍ ଏବଂ ମିଥାଇଲ୍ ୟୁଜେନୋଲ୍ ଥାଏ। ବିହନରେ ୧୬ % ଅଣ-ଶୁଷ୍କ ତେଲ ଥାଏ। ଭେରୁ କାଠ ଓଜନିଆ, ଶକ୍ତ, ପ୍ରାୟତଃ ଧାରୁଆ, ସୁଗନ୍ଧ ଯୁକ୍ତ ଏବଂ ଉଲ୍ଲେଖନୀୟ ଭାବରେ ଚମକଦାର। ହାର୍ଟଉଡ୍ ବା ମଞ୍ଜି କାଠ କ୍ରିମ୍ ରଙ୍ଗରୁ ସ୍ୱର୍ଣ୍ଣ ହଳଦିଆ, ପରିପକ୍ୱ ହେବା ସହିତ ଗାଢ଼ରୁ ମାଟିଆ ହୁଏ। ଭେରୁ ନିଜର ଅତ୍ୟନ୍ତ ଚମକଦାର ସୁବର୍ଣ୍ଣ ରଙ୍ଗ ପାଇଁ ପ୍ରସିଦ୍ଧ ଏବଂ ସର୍ବୋତ୍ତମ ସାଟିନକାଠ ମଧ୍ୟରୁ ଗୋଟିଏ। ଏହାର କାଠ ସୂକ୍ଷ୍ମ ଫର୍ଣ୍ଣିଚର ପାଇଁ ମୂଲ୍ୟବାନ। ଏହାର ଦୀପ୍ତିମାନ ବା ଚକଚକିଆ ମଞ୍ଜକାଠକୁ ଅନ୍ୟ ବସ୍ତୁ ପୃଷ୍ଠରେ ଖଞ୍ଜି ଅଳଙ୍କୃତ କରିବା ପାଇଁ ବ୍ୟବହାର କରାଯାଏ। ଭେରୁ ବିଳାସପୂର୍ଣ୍ଣ ଫର୍ଣ୍ଣିଚର, ସାଜସଜ୍ଜା କାଠ, ପ୍ୟାନେଲିଂ, ପ୍ୟାଟର୍ନ ତିଆରି, ଭିତର ଟ୍ରିମ୍, କ୍ୟାବିନେଟ୍ କାମ, ଫ୍ଲୋରିଂ, ବାକ୍ସ, କ୍ରେଟ୍, ଭିତର ଯୋଇ, କାରୁକାର୍ଯ୍ୟ, ଖେଳଣା, ବାଦ୍ୟଯନ୍ତ୍ର ଏବଂ ବିଳାସପୂର୍ଣ୍ଣ ସାମଗ୍ରୀ ପାଇଁ ବ୍ୟବହାର କରାଯାଏ, ଯାହା ଶତାବ୍ଦୀ ଧରି ରାଜପ୍ରାସାଦରେ ସଜାଯାଇଥାଏ। ଏହାଛଡ଼ା ରେଳ ସ୍ଲିପର, ଡଙ୍ଗା ଓ କୃଷି ଉପକରଣ ଏବଂ ଜାଳେଣୀ କାଠ ଭାବରେ ମଧ୍ୟ ବ୍ୟବହାର କରାଯାଏ। ଏହାର ମଞ୍ଜକାଠକୁ ସମସ୍ତ ପ୍ରକାରର କବକ ଦ୍ୱାରା ଆକ୍ରମଣ ପ୍ରତି ଅତ୍ୟନ୍ତ ପ୍ରତିରୋଧୀ ଭାବରେ ମୂଲ୍ୟାଙ୍କିତ କରାଯାଇଛି, କିନ୍ତୁ ଭାରତରେ ଏହା ଉଈ ଦ୍ୱାରା ଆକ୍ରମଣ ପ୍ରତି କମ୍ ପ୍ରତିରୋଧୀ ଥିବା ଜଣାଯାଏ। ଭାରତରେ କମଳା ଜାତୀୟ ଫଳର କୀଟ ପୋକ ଶୂକ, ଭଅଁର କୀଟ ପୋକ ପାଇଁ ଏହି ଗଛର ପତ୍ର ଏକ ବିକଳ୍ପ ଉଦ୍ଭିଦ ଖାଦ୍ୟ ଅଟେ। ଜଙ୍ଗଲଗୁଡ଼ିକରେ ଅତ୍ୟଧିକ ଉତ୍ପାଟନ ହେତୁ ଅନେକ ଅଞ୍ଚଳରେ ଏହା ଦୁର୍ଲଭ ହୋଇପଡ଼ିଛି, ଯାହା ଫଳରେ ଭେରୁକୁ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ 'ଲାଲ ତାଲିକା'ରେ ବିପଦପୂର୍ଣ୍ଣ ବର୍ଗରେ ତାଲିକାଭୁକ୍ତ କରିଛି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅଯୋଗ୍ୟଙ୍କ ହାତରେ ରୋଗୀଙ୍କ ଭାଗ୍ୟ

ବିଞ୍ଝାରପୁର,୨୯।୩(ସମିସ)

ଯାଜପୁର ଜିଲ୍ଲାର ବିଞ୍ଝାରପୁର ଅଞ୍ଚଳରେ ଏବେ ଅଯୋଗ୍ୟଙ୍କ ହାତରେ ପଡ଼ିଛି ରୋଗୀଙ୍କ ଭାଗ୍ୟ। ଏହି ଅଞ୍ଚଳରେ ବହୁ ଅଳ୍ପଶିକ୍ଷିତ ତଥା ଡାକ୍ତରୀ ଜ୍ଞାନ ନ ଥିବା ଲୋକଙ୍କ ହାତରେ ଚାଲୁଛି ଚିକିତ୍ସା ସେବା। ବ୍ଲକର ବିଭିନ୍ନ ଅଞ୍ଚଳରେ ଚାଲୁଥିବା ମେଡିସିନ ଦୋକାନମାନଙ୍କର ଅନିୟମିତ କାର୍ଯ୍ୟକଳାପ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସିଂହପୁରରୁ ଆରମ୍ଭ କରି ବିଞ୍ଝାରପୁର, ବାଳମୁକୁଳି, ପ୍ରାତିପୁର, ମଇଁଦା, ଚିକଣା ଓ ସୟଦପୁର , ଅଳକୁଣ୍ଡ , ପର୍ଯ୍ୟନ୍ତ ବହୁ ଗ୍ରାମରେ ମେଡିସିନ ଷ୍ଟୋରମାନ ଖୋଲାଯାଇଛି। ଔଷଧ ଦୋକାନୀମାନେ ଖୁଲମଖୋଲା ନିୟମକୁ ଅବହେଳା କରୁଥିବା ଅଭିଯୋଗ ହେଉଥିଆସୁଛି। ସ୍ଥାନୀୟମାନଙ୍କ କହିବା ଅନୁସାରେ, ଅନେକ ଦୋକାନରେ ବିନା ଡାକ୍ତରଙ୍କ ପ୍ରେସ୍କ୍ରିପସନରେ ସାଧାରଣ ଲୋକଙ୍କୁ ଔଷଧ ବିକ୍ରୟ କରାଯାଉଛି। ଏହା ସହିତ କିଛି ପ୍ରଶିକ୍ଷିତ ନେଇ ନଥିବା ବ୍ୟକ୍ତି ରୋଗୀଙ୍କୁ ଇଞ୍ଜେକ୍ସନ ଦେବା ସହ ଅନାବଶ୍ୟକ ଭାବେ ସାଲାଇନ ଲଗାଇ ଦେଉଥିବା ଅଭିଯୋଗ ମଧ୍ୟ ଆସିଛି। ଏପରି କାର୍ଯ୍ୟକଳାପ ରୋଗୀଙ୍କ ଜୀବନ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ଚିନ୍ତା ବ୍ୟକ୍ତ କରାଯାଉଛି। ଏହାଛଡ଼ା କିଛି ଦୋକାନୀ ଡାକ୍ତରୀ ସାର୍ଟିଫିକେଟ ବିନା ପ୍ରେସ୍କ୍ରିପସନ ଲେଖୁଥିବା ଓ ଏକ୍ସପାୟାରୀ ଔଷଧ ବିକ୍ରୟ କରୁଥିବା ଅଭିଯୋଗ ମଧ୍ୟ ଗୁରୁତ୍ୱର ସହ ଉଠିଛି। ଚମତ୍କାର କଥା ହେଲା, କିଛି ହୋମିଓପାଥିକ ଚିକିତ୍ସକ ଦନ୍ତ ଚିକିତ୍ସକ ଭାବେ କାମ କରି ଦାନ୍ତ ଉପାଡ଼ିବା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ମଧ୍ୟ ଦେଖାଯାଉଛି। ଏ ପରିକି ସିଂହପୁର ବଜାରରେ ଔଷଧ ଦୋକାନି ପାଲଟିଛନ୍ତି ଚର୍ମ ରୋଗର ବଡ଼ ଡାକ୍ତର। କଣ୍ଟିପୁର ଉପସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଥିବା ଔଷଧ ଦୋକାନରେ ବ୍ୟାପକ ପରିମାଣରେ ନିମ୍ନମାନର ଔଷଧ ବିକ୍ରି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକୃତ ଔଷଧ ଦୋକାନୀ ଔଷଧ ଦୋକାନରେ ରହୁନାହାନ୍ତି। ବହୁ ଲାଇସେନ୍ସପ୍ରାପ୍ତ ଅଧିକାରୀ ଦୁବାଇରେ ଚାକିରି କରିଛନ୍ତି। ଆଉ ସେ ଦୋକାନ ଜଣେ ଅଣସ୍ୱୀକୃତି ପ୍ରାପ୍ତ ବ୍ୟକ୍ତି ଚଳାଉଛନ୍ତି। ଏପରି ଅନିୟମିତତା ସମ୍ପର୍କରେ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ସମୟ ଅନୁସାରେ ଯାଞ୍ଚ କରୁନଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସାଧାରଣ ଲୋକମାନଙ୍କ ଦାବି ଅନୁସାରେ, ଏହି ଅନିୟମିତ କାର୍ଯ୍ୟକଳାପ ଉପରେ ଶୀଘ୍ର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

## ଅଗ୍ନିକାଣ୍ଡରେ ଦୁଇବଖରା ଜଳିଗଲା

ମଙ୍ଗଳପୁର/ କୟାଁଗୋଲା,୨୯।୩(ସମିସ): ଦଶରଥପୁର ବ୍ଲକ କମାରଡ଼ିହି ପଞ୍ଚାୟତସ୍ତ କମାରଡ଼ିହି ଗ୍ରାମର ଶାନ୍ତନୁ ଜେନାଙ୍କ ଘରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗୁଆଳ ଘର ଓ ଅନ୍ୟ ଗୋଟିଏ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନି କାଣ୍ଡ ସମ୍ପର୍କରେ ଦଶରଥପୁର ଦମକଳ ବାହିନୀକୁ ଖବର ଦିଆଯାଇଥିଲେ ମଧ୍ୟ ୨ ଘଣ୍ଟା ବିଳମ୍ବରେ ଦମକଳ ପହଞ୍ଚିଥିବା ବେଳେ ସେତେବେଳକୁ ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଘର ଭିତରେ ଥିବା ସମସ୍ତ ଆସବାବପତ୍ର ସମ୍ପୂର୍ଣ୍ଣ ଜଳିପୋଡି ପାଉଁସ ହୋଇଯାଇ ଥିବା ବେଳେ ଗୁଆଳ ଘରେ ଥିବା ୩ଟି ଗାଈ ଅଧା ପୋଡା ହୋଇ ପଦାକୁ ବାହାରି ଯାଇଥିବା ବେଳେ ଗୋଟିଏ ଗାଇ ଗୁଆଳୁ ବାହାରି ନପାରି ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିଲା। ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇ ଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ଜଣା ପଡ଼ିନଥିଲେ ମଧ୍ୟ ବିଦ୍ୟୁତ ସଟସର୍କିଟରୁ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଅଗ୍ନିକାଣ୍ଡର ଖବର ପାଇ କମାରଡ଼ିହି ପଞ୍ଚାୟତର ଯୁବନେତା ଟୁନା ବିଶ୍ୱାଳ, ଗଙ୍ଗାଧର ଯେନା, ଶ୍ରୀନାଥ ଯେନା, ନିମାଇଁ ଯେନା, ସରୋଜ କୁମାର ପଣ୍ଡା, ରଞ୍ଜିତ କୁମାର ପଣ୍ଡା, ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ଦୀପକ କୁମାର ବାରିକ, ପ୍ରତାପ କୁମାର ନାୟକ ପ୍ରମୁଖ ପହଞ୍ଚି ଅଗ୍ନି ବିପନ୍ନ ପରିବାରକୁ ସମବେଦନା ଜଣେଇବା ସହ ତୁରନ୍ତ ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗେଇ ଦେବାକୁ ଦାବି କରିଛନ୍ତି।

### ● ଅଗ୍ନିକାଣ୍ଡରେ ପୋଡ଼ିଗଲା ଗୁହାଳ

## ଗାଈବାଛୁରି ଓ ୧୭ଟି ଛେଳି ଜୀବନ୍ତ ଦଗ୍ଧ

ଦଶରଥପୁର,୨୯।୩(ସମିସ): ଦଶରଥପୁର ତହସିଲ ଅଧୀନ ଚମ୍ପେଇପାଳ ପଞ୍ଚାୟତ ଓଡ଼େଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୁହାଳ ପୋଡ଼ିଯାଇଛି। ଗ୍ରାମର ଅର୍ଜୁନ ମଲ୍ଲିକଙ୍କ ଗୁହାଳ ଘର ପୋଡିଯିବାରୁ ଗୋଟିଏ ଗାଈ ଓ ଗୋଟିଏ ବାଛୁରି ସମେତ ୧୭ଟି ଛେଳି ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିବା ବେଳେ ଗୁହାଳରେ ମଶା ପାଇଁ ଦିଆଯାଇଥିବା ଧୂଆଁପାତ୍ରରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି। ଶନିବାର ରାତିରେ ଅର୍ଜୁନଙ୍କ ପରିବାର ଶୋଇଥିବା ବେଳେ ରାତି ପ୍ରାୟ ସାଢ଼େ ୨ଟାରେ ଗୁହାଳ ଘର ହୁତୁହୁତୁ ହୋଇ ଜଳୁଥିବା ଦେଖି ଜଣେ ପଡ଼ୋଶୀ ଡାକ ପକାଇଥିଲେ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ପଡ଼ୋଶୀଙ୍କ ଡାକ ଶୁଣି ପରିବାର ଲୋକ ପଦାକୁ ଆସିଥିଲେ ମଧ୍ୟ ଗୁହାଳରୁ ଗାଈ, ବାଛୁରି ଓ ଛେଳିଙ୍କୁ ବାହାରକୁ ଆଣିନପାରିବାରୁ ଗୁହାଳ ଭିତରେ ଥିବା ସବୁ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଦଶରଥପୁର ଅଗ୍ନିଶମ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଆଜି ସକାଳୁ ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଜିଲ୍ଲାପରିଷଦ ସଭ୍ୟା ମନସ୍ୱିନୀ ଦାସ, ସମାଜସେବୀ ସଞ୍ଜୟ ନାୟକ, ଲକ୍ଷ୍ମଣ ମଲ୍ଲିକ, ବଜୁଆ ମଲ୍ଲିକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନ ଅର୍ଜୁନଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଗାଈ, ଛେଳି ପାଳନ କରି ପରିବାର ପ୍ରତିପୋଷଣ କରୁଥିବା ଅର୍ଜୁନଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ଦିଗରେ ତହସିଲ, ପ୍ରାଣୀ ଚିକିତ୍ସା ଓ ବ୍ଲକ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ୭ ଦୋକାନ ପୋଡ଼ିଗଲା

ବ୍ରହ୍ମବରଦା,୨୯।୩(ସମିସ): ବ୍ରହ୍ମବରଦା ଥାନା ଅନ୍ତର୍ଗତ ତାରିଣୀ ଛକ ମାର୍କେଟରେ ଗତ ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ପାଖାପାଖି ୭ ଦୋକାନରେ ନିଆଁ ଲାଗି ଯିବା ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ଏହି ନିଆଁ ଲାଗି ଯାଇଥିଲା। ତେବେ କେମିତି ଲାଗିଲା ନିଆଁ ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏହି ମାର୍କେଟରେ ଥିବା ଲସି ଦୋକାନ, ମିଠା ଦୋକାନ, ସାଇକଲ ମରାମତି ଦୋକାନ, ଚା' ଦୋକାନ, ଛୋଟ ଭେରାଇଟି ଷ୍ଟୋର, ଚପଲ ଦୋକାନ, ଗଦି ଓ ସୋଫା ଦୋକାନରେ ନିଆଁ ଲାଗି ଯାଇଥିଲା। ଲସି ଦୋକାନରେ ତିନି ଜଣ ଶୋଇଥିବା ବେଳେ ଏହି ନିଆଁ ଲାଗିଯାଇଥିଲା। ସେମାନଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ବରୁହାଁ ଏବଂ କୁଆଖିଆ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଦୋକାନୀ ସ୍ଥାନୀୟ ବ୍ରହ୍ମବରଦା ଗ୍ରାମର ରମେଶ ବାରିକ, ପ୍ରତାପ ବେହେରା, ଦେବେନ୍ଦ୍ର ବେହେରା, ହେମନ୍ତ ବେହେରା, ସେକ୍ ସଫିଉର ରହେମାନ, ଇମତିଆଜ ଆଲାମ୍ ଖାଁ, ନିଆଜୁଦ୍ଦିନ ଖାଁ ଏନେଇ ବ୍ରହ୍ମବରଦା ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ବ୍ରହ୍ମବରଦା ରାଜସ୍ୱ ନିରୀକ୍ଷକ ଚିନ୍ମୟୀ ଦାସ ପହଞ୍ଚି କ୍ଷତିଗ୍ରସ୍ତ ଦୋକାନୀମାନଙ୍କୁ ପାଲ ଖଣ୍ଡେ ଖଣ୍ଡେ ଯୋଗାଇଦେଇଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ବାଇକ୍ ଆରୋହି ଗୁରୁତର

ସୁକିନ୍ଦା,୨୯।୩(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଛକ ନିକଟରେ ଏକ ପିକଅପ ସହ ବାଇକ୍ ଦୁର୍ଘଟଣାରେ ବାଇକ୍ ଆରୋହୀ ମଳୟ ଦେହୁରୀ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ମଳୟ ବାଇକ୍ ନେଇ ସୁକିନ୍ଦା ଯାଉଥିବା ସମୟରେ ଏକ ତରଭୁଜ ବୋଝେଇ ପିକଅପ୍ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ମଳୟ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗ ସହାୟତାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମଳୟ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିର ଡ୍ରାଇଭର ଘଟଣା ସ୍ଥଳରୁ ଗାଡି ଛାଡ଼ି ପାର ହୋଇଯାଇଛି। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଜବତ୍ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସୁକିନ୍ଦାରେ କାଳବୈଶାଖୀର ତାଣ୍ଡବ

ସୁକିନ୍ଦା,୨୯।୩(ସମିସ): ସୁକିନ୍ଦାର ଦୁଲାବାହାଳି ଗ୍ରାମରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଆକସ୍ମିକ ଘୂର୍ଣ୍ଣିଝଡ଼ ପ୍ରଭାବରେ ଦୁଃଖବନ୍ଧୁ ମହାନ୍ତଙ୍କ ଘର ସଂପୂର୍ଣ୍ଣ ଭାଙ୍ଗି ଛାରଖାର ହୋଇଯାଇଛି। ଗତ ଶୁକ୍ରବାର ରାତିରେ ପ୍ରଚଣ୍ଡ ବେଗରେ ପବନ ସହ



ବର୍ଷା ହୋଇଥିଲା। ଏହି ଘୂର୍ଣ୍ଣିଝଡ଼ ପ୍ରଭାବରେ ଦୁଃଖବନ୍ଧୁଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ଘରର ଦସ୍ତା ଛପର ଉଡ଼ିଯାଇଥିବା ବେଳେ କାନ୍ଥ ଭାଙ୍ଗିପଡ଼ିଛି। ଘର ଭିତରର ଆସବାବପତ୍ର ଓ ଦୈନିକ ବ୍ୟବହାର୍ଯ୍ୟ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି। ଘଟଣା ପରେ ପୀଡ଼ିତ ପରିବାର ଅସହାୟ ଅବସ୍ଥାରେ ରହିଥିବାବେଳେ ବର୍ତ୍ତମାନ ସେମାନେ ମୁଣ୍ଡ ଗୁଞ୍ଜିବା ପାଇଁ ଚିନ୍ତାରେ ପଡିଛନ୍ତି। ଏହି ପରିସ୍ଥିତିରେ ସଂପୃକ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ଏସ୍ଏସ୍‌ବି ଅଧ୍ୟାପକ, ଅଧ୍ୟାପିକାଙ୍କ ପଦୋନ୍ନତି ଓ ବେତନରେ ପାତରଅନ୍ତର

ନୀଳଗିରି, ୨୯।୩ (ସମିସ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷାବିଭାଗ ଅଧୀନ ଅନୁଦାନପ୍ରାପ୍ତ ୪୮୮ବର୍ଗ ଅଧ୍ୟାପକ/ ଅଧ୍ୟାପିକା ମାନଙ୍କ ପ୍ରତି ରାଜ୍ୟସରକାର ଅହେତୁକ ବୈମାତୃକ ମନୋଭାବ ପ୍ରତିବାଦରେ ଆଜି ନୀଳଗିରି ଏନଏସି କଲ୍ୟାଣମଣ୍ଡପ ପରିସରରେ ରାଜ୍ୟ ସିଲେକ୍ସନ୍‌ବୋର୍ଡ ଲେକ୍‌ଚର୍ସଆସୋସିଏସନ୍ (ଓଏସଏଲ୍ଏ) ର ଏକ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଥିବା ବେଳେ ତୁରନ୍ତ ସେମାନଙ୍କୁ ନ୍ୟାୟପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀ, ମୁଖ୍ୟଶାସନ ସଚିବ ଏବଂ ବିଭାଗୀୟ ସଚିବ ଧ୍ୟାନଦେବାକୁ ନିବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ନିଯୁକ୍ତି ନିୟମାବଳୀ ୨୦୧୪ଅନୁଯାୟୀ ଏସଏସବି ଚୟନ ପ୍ରକ୍ରିୟାରେ ସମସ୍ତ ମାନଦଣ୍ଡ ପୂରଣକରି ୨୦୧୬ ମସିହାରେ ନିଯୁକ୍ତି ପାଇଥିବା ୪୮୮ବର୍ଗର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ମାନଙ୍କୁ ୮ବର୍ଷ ପୂରଣହେଲେ ପଦୋନ୍ନତି (ଗ୍ରୁପ୍ - ଏ)ସହିତ ଗ୍ରେଡପେ ୪୬୦୦ରୁ ବୃଦ୍ଧିପାଇ ୫୪୦୦ ହେବାର ପ୍ରାବଧାନ ରହିଛି। ତଦନୁଯାୟୀ ୨୦୧୬ରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଅକ୍ଟୋବର ୨୦୨୪ସୁଦ୍ଧା ୮ବର୍ଷ ପୂରଣ କରିଥିବାରୁ ପଦୋନ୍ନତି ପାଇ ସହକାରୀ ପ୍ରାଧ୍ୟାପକ ଭାବରେ ପରିଗଣିତ ହେବାକଥା। ମାତ୍ର ଇତିମଧ୍ୟରେ ଦୁଇବର୍ଷ ପାଖାପାଖି ସମୟ ଅତିବାହିତ ହୋଇଥିଲେ ମଧ୍ୟ ସେମାନଙ୍କୁ ସ୍ୱୀକୃତିପ୍ରଦାନ କରିବା ପରିବର୍ତ୍ତେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ସମସାମୟିକ ନିଯୁକ୍ତିପ୍ରାପ୍ତ ସରକାରୀ ଏବଂ ବ୍ଲକ୍ ଗ୍ରାଣ୍ଟ ଅଧ୍ୟାପକ/ ଅଧ୍ୟାପିକା ମାନେ ଏସବୁ ମାନ୍ୟତା ପାଇପାରିଛନ୍ତି। ଏ ନେଇ ବାରମ୍ବାର ସଂଘ ଉଚ୍ଚଶିକ୍ଷା ମନ୍ତ୍ରୀ, ସଚିବ ଏବଂ ଅନ୍ୟବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଇନଥିବା ଆଜିର ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ସଂଘର ନେତୃବୃନ୍ଦ କ୍ଷୋଭର ସହିତ ଉଦବେଗପ୍ରକାଶ କରିଛନ୍ତି। ତେଣୁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତିପୂର୍ବକ କଲେଜରସବୁପ୍ରକାରକାର୍ଯ୍ୟକୁ ସୁଚାରୁରୂପେ ତୁଲାଇଆସୁଥିବା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଗ୍ରେଡପେ ୫୪୦୦କୁ ବୃଦ୍ଧିକରିବା ସହ ନିୟମାନୁଯାୟୀ ସହକାରୀ ପ୍ରାଧ୍ୟାପକ ପଦବୀକୁ ପଦୋନ୍ନତି କରିବାକୁ ଦାବି କରିଛନ୍ତି। ଏହାସହିତ ସମାନତା ନ୍ୟାୟରେ ସମସ୍ତ ସୁବିଧା ଯୋଗାଇଦେବାକୁ ସଂଘ ଦାବିକରି ମାନ୍ୟବର ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଂଘର ସଭାପତି ଏବଂ ସମ୍ପାଦକଙ୍କ ଅନୁମୋଦନ କ୍ରମେ ରାଜ୍ୟସଂଘ କୋଷାଧ୍ୟକ୍ଷ ଡ. ଗୟାଧର ମଲ୍ଲିକ, ଡ. ସଂଗ୍ରାମ ରାଉତ, ଉତ୍ତମ କବି, କ୍ଷମାସାଗର ବେହେରା, ଗୋପୀନାଥ ଦାସ, ଶମ୍ଭୁ ରାଉତ, କିରଣବାଳା ସେଠୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତରହି ସେମାନଙ୍କର ଉଦବେଗ ପ୍ରକାଶକରିବା ସହ ରାଜ୍ୟସରକାରଙ୍କ ଠାରେ ଦାବୀ ରଖିଥିଲେ।

## ଔପଦା ଆଞ୍ଚଳିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା



ଔପଦା, ୨୯।୩ (ସମିସ) : ଔପଦା ଆଞ୍ଚଳିକ ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୀଳଗିରି ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରମୋଦ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଔପଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମୋହନ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ମହୋତ୍ସବ କମିଟି ଉପଦେଷ୍ଟା କିଶୋର ଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇ ମହୋତ୍ସବର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ଡ. ସଂଗ୍ରାମ କୁମାର ରାଉତ, ପ୍ରୋଗ୍ରାମ କୋଡିନେଟର ଆଇନଜୀବୀ ଜୟଶ୍ରୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ନିରଞ୍ଜନ ପ୍ରସାଦ ବାରିକ ମଞ୍ଚ ଆହ୍ୱାନ କରିଥିଲେ। ସର୍ବଶେଷରେ ସହ ସମ୍ପାଦକ ଶିକ୍ଷକ ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଲୋକ ନାଥ ସାହୁ ଓ କୃଷି ଯନ୍ତ୍ରପାତିରେ ଅଗ୍ରଣୀ ଭୂମିକା ଯୋଗୁଁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସିନେ ତାରକା ଓ ଓଡିଶାର ବହୁ ନାମୀ ଦାମୀ କଣ୍ଠଶିଳ୍ପୀ ଦର୍ଶକଙ୍କୁ ବିମୋହିତ କରିଥିଲେ।

## ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୯।୩ (ସମିସ): ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଗାନ୍ଧୀ ସ୍ମୃତି ଭବନରେ ପାଳିତ ହୋଇଛି। ସମାରୋହରେ ସମ୍ମାନିତ ଅତିଥି ରୂପେ ଡ. ହେମନ୍ତ କୁମାର ଘଡ଼ାଇ, ନିର୍ଦ୍ଦେଶକ, ଆଞ୍ଚଳିକ ଶିକ୍ଷା ପରିଷଦ, ବାଲେଶ୍ୱର ଏବଂ ସତ୍ୟଜିତ୍ ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ତଥା ଆଇନଜୀବୀ ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଗୁରୁଛାତ୍ର ଓ ଛାତ୍ରୀମାନଙ୍କୁ ଭବିଷ୍ୟତରେ ଏକ ସୁନାମଧନ୍ୟ ନାଗରିକ ତଥା ଉତ୍ତମ ଶିକ୍ଷକ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ଈତିଶ୍ରୀ ବାହାଲିଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଛାତ୍ର ପରିଷଦ ସଭାପତି ଅଙ୍କିତା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ର ପରିଷଦ ଉପଦେଷ୍ଟା ଡ. ପ୍ରକାଶ କୁମାର ପ୍ରଧାନ ମହାପାତ୍ର ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କୁ ନିଷ୍ଠାବାନ ହୋଇ ନିଜ କର୍ତ୍ତବ୍ୟ ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଛାତ୍ର ପରିଷଦ ସାଧାରଣ ସଚିବ ଅତୁଶ୍ କୁମାର ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ଦୁଇ ବର୍ଷିଆ ବି.ଏଡ. ପାଠ୍ୟକ୍ରମର ବିଗତ ଶିକ୍ଷାବର୍ଷରେ ଅନୁଷ୍ଠାନରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ସୁଶ୍ରୀ ଭାନୁପ୍ରିୟା ଗଙ୍ଗାଇଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'କସ୍ତୁରୀ' ଉନ୍ମୋଚନ ହୋଇଥିଲା। ବର୍ଷା ବର୍ଣ୍ଣାଳୀ ପାତ୍ର ବାର୍ଷିକ ପତ୍ରିକାର ସମ୍ପାଦକୀୟ ପଠନ କରିଥିଲେ।

## ଶ୍ରୀରାମ ବିଜୟାଦଶମୀ ଉପଲକ୍ଷେ ଭକ୍ତିମୟ ପରିବେଶ

ସହିଦନଗର,୨୯।୩(ସମିସ): ଶ୍ରୀରାମ ବିଜୟାଦଶମୀ ଅବସରକୁ ଅଧିକ ଆନନ୍ଦମୟ କରିବା ପାଇଁ ଅସୁରାଳୀ ମଣ୍ଡଳ ରାମ ସେନା ପକ୍ଷରୁ ସ୍ଥାନୀୟ ହତିଆପଡ଼ା ପଡ଼ିଆରେ ଚାରିଦିନିଆ ଭବ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଉତ୍ସବ ଆୟୋଜିତ ହୋଇଛି। ଗତ ୨୭ରୁ ୩୦ ତାରିଖ



ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଅସୁରାଳୀ ମଣ୍ଡଳ କମିଟି ସୁଚାରୁ ଭାବେ ପରିଚାଳନା କରୁଛି। ପ୍ରତିଦିନ ସନ୍ଧ୍ୟାରେ ପବିତ୍ର ପ୍ରବଚନ ଓ ଭକ୍ତିମୟ ସଙ୍ଗୀତରେ ପରିବେଶ ମନୋମୋହନୀ ହୋଇଉଠୁଛି। ବିଶେଷକରି ତ୍ରିଦଣ୍ଡି ସ୍ୱାମୀ ଭକ୍ତିବଲ୍ଲଭ ଆଚାର୍ଯ୍ୟ ମହାରାଜଙ୍କ ଆଧ୍ୟାତ୍ମିକ ବାଣୀ ଶ୍ରୋତାମାନଙ୍କୁ ଆକର୍ଷିତ କରୁଥିବା ସହ ଧାର୍ମିକ ଚେତନାକୁ ଜାଗୃତ କରୁଛି। ଏହା ସହ ନାନା ପ୍ରକାର ସାଂସ୍କୃତିକ ପ୍ରସ୍ତୁତି ଦର୍ଶକମାନଙ୍କ ମନକୁ ମୁଗ୍ଧ କରୁଛି। ଉକ୍ତ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ମହାନ୍ତି, ରଜତ ଲେଙ୍କା, ପ୍ରତାପ ପରିଡ଼ା, ସୂରଜ ସାହୁ, ରାଜେନ୍ଦ୍ର ସାହୁ, କ୍ଷୀରୋଦ ସ୍ୱାଇଁ, ସାମ୍ବାଦିକ କାଳନ୍ଦି ବେହେରା, ସନ୍ତୋଷ ସାହୁ, ଲକ୍ଷ୍ମୀଧର ରାଉଳ ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇ କାର୍ଯ୍ୟକ୍ରମକୁ ଅଧିକ ଗୌରବାନ୍ୱିତ କରିଥିଲେ। ଏହି ପବିତ୍ର ଉତ୍ସବରେ ଅସୁରାଳି ସହ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେଇ ଭଗବାନ ଶ୍ରୀରାମଙ୍କ ଆଶୀର୍ବାଦ ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

## ଦୁର୍ଘଟଣାରେ ବିଜେଡି ସଂପାଦକ ଗୁରୁତର



ମଙ୍ଗଳପୁର,୨୯।୩(ସମିସ): ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ମନୋଜ ରାଉତ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁସାରେ ଶନିବାର ରାତିରେ ସେ ଏକ ସ୍କୁଟି ଯୋଗେ ଯାଜପୁର ଟାଉନ ଯିବା ସମୟରେ ଦଶରଥପୁର ବ୍ଲକ ନିକଟରେ ଏକ ଗାଈ ତାଙ୍କ ଗାଡ଼ି ସାମ୍ନାରେ ଅତିକ୍ରାନ୍ତ କରିଥିଲା। ହଠାତ ଗାଈଟି ଆସିଯିବାରୁ ବ୍ୟତିବ୍ୟସ୍ତ ହୋଇ ସେ ଗାଡି ସାଇଡ କରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଗାଡ଼ିରୁ ପଡିଯିବା ପରେ ତାଙ୍କ ମୁଣ୍ଡ ଓ ମୁହଁରେ ଗୁରୁତର ଆଘାତ ଲାଗିଥିବା ବେଳେ ହାତ ଓ ଗୋଡ଼ରେ ମଧ୍ୟ ଆଘାତ ଲାଗିଛି। ଦୁର୍ଘଟଣା ପରେ ତାଙ୍କୁ ଦଶରଥପୁର ମେଡିକାଲରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ଦୁର୍ଘଟଣା ଖବର ପାଇ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ବରିଷ୍ଠ ସମାଜସେବୀ କର୍ଣ୍ଣାଟ କେଶରୀ ଦାସ, ଯାଜପୁର ଜିଲ୍ଲା ବିଜେଡି ସମ୍ପାଦକ ଶରତ ଚନ୍ଦ୍ର ତ୍ରିପାଠୀ, ମଲ୍ଲିକାପୁର ପଞ୍ଚାୟତ ବିଜେପି ଯୁବନେତା ରାମଚନ୍ଦ୍ର ମଲ୍ଲିକ, ବିଜେପି ନେତା ଲକ୍ଷ୍ମୀଧର ସାହୁ, ବିଜେପି ନେତା ସଞ୍ଜୟ ନାୟକ, ଦୁଦୁରାଅଣ୍ଟା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଶ୍ମିରଂଜନ ସେଠୀ, ପ୍ରଭାତ ନାୟକ, ଜୟନ୍ତ ମହାନ୍ତି, ଦଶରଥପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, ଦୁଦୁରାଅଣ୍ଟା ପଞ୍ଚାୟତ ସମିତିସଭ୍ୟାଙ୍କ ପ୍ରତିନିଧି ଶିଶିର କୁମାର ରାଉତ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ତାଙ୍କ ଆଶୁଆରୋଗ୍ୟ କାମନା କରିଥିଲେ।

## ରାଢୋରେ ୪୭ ବର୍ଷର ରାମରଜା ପୂଜା

ଭଣ୍ଡାରିପୋଖରୀ,୨୯।୩(ସମିସ): ଏହି ବ୍ଲକ୍‌ର ରହଣିଆ ପଞ୍ଚାୟତ ଅନ୍ତର୍ଗତ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତ ରାସ୍ତାର ରାଢୋ ଛକରେ ୪୭ତମ ରାମରଜା ପୂଜା ଉତ୍ସବ ଶୁକ୍ରବାର ରାତିରୁ ଆରମ୍ଭ ହୋଇଛି। କାଶୀନାଥ ପରିଡ଼ାଙ୍କ ଦ୍ୱାରା ନିର୍ମିତ ରାମ, ଲକ୍ଷ୍ମଣ ଓ ସୀତାଙ୍କ ମୃଣ୍ମୟ ମୂର୍ତ୍ତିକୁ ପୂଜକ ଶଙ୍କର୍ଷଣ ତ୍ରିପାଠୀ ପୂଜାର୍ଚ୍ଚନା କରୁଛନ୍ତି। ଗଦାଧର ସାମଲ କର୍ତ୍ତା ଭାବେ ସଙ୍କଳ୍ପ କରିଥିବାବେଳେ ଗ୍ରାମବାସୀମାନେ ସହଯୋଗ କରୁଛନ୍ତି। ପ୍ରତ୍ୟହ ଶ୍ରୀରାମ ଚରିତ ପାଠନ କରାଯାଉଛି। ଗ୍ରାମ୍ୟ ସାଂସ୍କୃତିକ ଜୀବନରେ ଏହି ପୂଜା ଅଞ୍ଚଳବାସୀଙ୍କୁ ଆଧ୍ୟାତ୍ମିକ ଚେତନା ଜାଗ୍ରତ କରିବାରେ ବେଶ୍ ସହାୟକ ହୋଇଛି। ସେହିପରି ଏହି ରାସ୍ତାର ପଚାପୋଲ ଛକ, ୧୬ ନଂ ଜାତୀୟ ରାଜପଥର ଛତାବର ଛକରେ ରାମରଜା ପୂଜା ପାରମ୍ପରିକ ଭାବେ ଉତ୍ସାହ ସହକାରେ ଅନୁଷ୍ଠିତ ହୋଇଛି।

## ଓରିପ୍ଲାଷ୍ଟ ଫ୍ୟାକ୍ଟ୍ରିରେ କଞ୍ଚାମାଲ ବସ୍ତା ପଡ଼ି ଶ୍ରମିକ ମୃତ

ବାଲେଶ୍ୱର, ୨୯।୩(ସମିସ) : ବାଲେଶ୍ୱର ଜିଲ୍ଲା ସଦର ଥାନା ଆଇଟିଆଇ ଛକ ନିକଟ ଓଟି ରୋଡ଼ ନିକଟରେ ଗଢ଼ି ଉଠିଥିବା ଓରି ପ୍ଲାଷ୍ଟ ଲିମିଟେଡ଼ ନାମକ ପ୍ଲାଷ୍ଟିକ ପାଇପ ସାମଗ୍ରୀ କମ୍ପାନୀର କାରଖାନାରେ ସୁରକ୍ଷା ବ୍ୟବସ୍ଥାର ଗୁରୁତର ତ୍ରୁଟି ପାଇଁ ଜଣେ ଶ୍ରମିକଙ୍କ ଅକାଳରେ ଜୀବନ ଯାଇଥିବାର ଥାନାରେ ଅଭିଯୋଗ ହୋଇଛି।



ବସ୍ତା ଥାନା ଅଧୀନ କୁଶଡ଼ିହା ଗ୍ରାମର ବ୍ରହ୍ମଣ ମଣ୍ଡଳଙ୍କ ପୁଅ ପ୍ରଦ୍ୟୁମ୍ନ ମଣ୍ଡଳ (୩୬) କିଛି ବର୍ଷ ଧରି ଓରି ପ୍ଲାଷ୍ଟ ଲିମିଟେଡ଼ ନାମକ ଏହି ପ୍ଲାଷ୍ଟିକ କମ୍ପାନୀ ସାଧାରଣ ବିଭାଗରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଅପରାହ୍ନରେ ସେ କାର୍ଯ୍ୟ କରୁଥିବା ସମୟରେ ଥାକ ଥାକ ଥିବା କଞ୍ଚାମାଲ ବସ୍ତା ଗୁଡ଼ିକ ତାଙ୍କ ଉପରେ ପଡ଼ି ଯାଇଥିଲା। ସେଠାରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା। କାରଖାନାରେ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକ ମାନେ ଦୀର୍ଘ ସମୟ ପରେ ତାଙ୍କୁ ଚାପି ହୋଇ ଥିବା ବସ୍ତା ତଳୁ ଉଦ୍ଧାର ଉଦ୍ଧାର କରିଥିଲେ। ପରେ କମ୍ପାନୀ ପକ୍ଷରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ପ୍ରଦ୍ୟୁମ୍ନଙ୍କ ଭାଇ ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ସଦର ଥାନାରେ ପହଁଞ୍ଚି ଓରି ପ୍ଲାଷ୍ଟ ଲିମିଟେଡ଼ କମ୍ପାନୀ ମ୍ୟାନେଜମେଣ୍ଟର ଅବହେଳା, ସେଫଟି ରୁଲକୁ ପାଳନ କରିନଥିବାରୁ ତାଙ୍କ ଭାଇଙ୍କର ମୃତ୍ୟୁ ଘଟିଥିବା ଓରିପ୍ଲାଷ୍ଟ ଫ୍ୟାକ୍ଟରୀ ମାଲିକ ଓ ମ୍ୟାନେଜମେଣ୍ଟ ନାମରେ ଲିଖିତ ଅଭିଯୋଗ କରିଥିଲେ। ସଦର ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି।

### ଜଳକର ଦେଇ ବି ପାଣି ପାଉନାହାନ୍ତି ଚାଷୀ

## ଶୁଖିଲା ପଡ଼ିଛି କେନାଲ୍

ଅସୁରାଳି,୨୯।୩(ସମିସ)

ଧାମନଗର ବ୍ଲକ୍‌ରେ ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରଙ୍କୁ ନିୟମିତ ଭାବେ ଜଳକର ଦେଉଥିଲେ ମଧ୍ୟ ଚାଷୀଙ୍କ ବିଲକୁ ବୁନ୍ଦାଏ ପାଣି ଆସୁନାହିଁ। ଫଳରେ ଚାଷ ପାଇଁ ଏବେ କେବଳ ମୌସୁମୀ ବର୍ଷା ହିଁ ଚାଷୀଙ୍କ ଶେଷ ଭରସା ପାଲଟିଛି। ସମସ୍ୟାର ମୁଖ୍ୟ କାରଣ ହେଉଛି କେନାଲର ଶୋଚନୀୟ ଅବସ୍ଥା। ବ୍ଲକ୍‌ର ୫-୬ଟି ପଞ୍ଚାୟତ ଦେଇ ପ୍ରବାହିତ ପ୍ରାୟ ୧୬.୩ କିଲୋମିଟର ଲମ୍ବର ୫ ନମ୍ବର କେନାଲ



ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। କେନାଲ ସଫେଇ ହୋଇ ନ ଥିବାରୁ ଏବଂ କାଡ଼ି ନାଳର ସୁବିଧା ନ ଥିବାରୁ ପାଣି ବିଲ ପର୍ଯ୍ୟନ୍ତ ପହଞ୍ଚିପାରୁ ନାହିଁ। ପ୍ରବଳ ଖରା ଯୋଗୁଁ ନଦୀ, ନାଳ ଶୁଖିଗଲାଣି। ଗୋବିନ୍ଦପୁର, କଲ୍ୟାଣୀ, କାକୁଡ଼ିଗଡ଼ିଆ, ଭଞ୍ଜପଦା ଭଳି ଅନେକ ଅଞ୍ଚଳରେ ଏବେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷ କରି ଗୋବିନ୍ଦପୁର ମୌଜାର ପ୍ରାୟ ୩୫୦ ଏକର ଜମିକୁ ଆଦୌ କେନାଲ ପାଣି ପାଉନାହିଁ। ଏହା ଉପରେ ନିର୍ଭର କରୁଥିବା ପ୍ରାୟ ୧୮ ହଜାର ଚାଷୀ ଏବେ ହତାଶ ହୋଇପଡ଼ିଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହି ସମସ୍ୟାର ସମାଧାନ ନ ହେଲେ ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେଣୁ ତୁରନ୍ତ ୫ ନମ୍ବର କେନାଲରେ ଜଳ ଛାଡ଼ିବା ସହ ଜଳସେଚନ ବ୍ୟବସ୍ଥାର ସଂସ୍କାର ପାଇଁ ଚାଷୀ ବିଦ୍ୟାଧର ଦାସ, ଭାଗୀରଥି ଦାସ ଓ ଅନିଲ ଜେନାଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି।

## ଶ୍ରୀରାମ ଦଶମୀ ଶୋଭାଯାତ୍ରା ଓ ପ୍ରସାଦ ବଣ୍ଟନ

ତିହିଡ଼ି,୨୯।୩(ସମିସ): ତିହିଡ଼ିରେ ଶ୍ରୀରାମ ଦଶମୀ ମହୋତ୍ସବର ଶୋଭାଯାତ୍ରା ଶନିବାର ରାତିସାରା ଚାଲିଥିଲା। ରବିବାର ସକାଳେ ହିଁ ଶେଷ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ବିମାନଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥିବାବେଳେ ଏହାକୁ ଦେଖିବା ପାଇଁ ତିହିଡ଼ି ବଜାରରେ



ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଡିଜେ, ଘୋଡ଼ା ନାଚ ଓ ପାରମ୍ପରିକ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରା ତିହିଡ଼ି ଗ୍ରାମରେ ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ତିହିଡ଼ି ବଜାର ଗେରୁଆମୟ ହୋଇଉଠିଥିବା ବେଳେ 'ଜୟ ଶ୍ରୀରାମ' ଧ୍ୱନୀରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ଉତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଶ୍ରଦ୍ଧାଳୁଙ୍କୁ ଖାଦ୍ୟ ଓ ପାନୀୟ ଆଦି ଦେବା ପାଇଁ ବହୁ ସଂଗଠନ ବିଭିନ୍ନ ସ୍ଥାନରେ କାଉଣ୍ଟର ପ୍ରତିଷ୍ଠା କରିଥିଲେ। ସଂଗଠନର ଉପଦେଷ୍ଟା ସୁମନ୍ତ ମହାନ୍ତି, ସଭ୍ୟ ଉପହର୍ଷ ମିଶ୍ର, କୈଳାସ ହୋତା, ମଦନ ମୋହନ ବେହେରା, କିରଣ ମହାନ୍ତି, ରଞ୍ଜିତ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ସେହିପରି ଅନ୍ୟତମ ଅଗ୍ରଣୀ ସଂଗଠନ ତିହିଡ଼ି ଯୁବମଞ୍ଚ ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ତ୍ୟାଗଭୂମି ମହୋତ୍ସବ ସଭାପତି ଅଜୟ ନାୟକ, ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଡ. ଲକ୍ଷ୍ମୀଧର ତ୍ରିପାଠୀ, ସୋମନାଥ ପାଢ଼ୀ, ସ୍ତମ୍ଭକାର ବିଭୂତିଭୂଷଣ ସେନାପତି, ସଭାପତି କୈଳାଶ ବେହେରା, ଉପସଭାପତି ପ୍ରିୟବ୍ରତ ପାଢ଼ୀ, ସମ୍ପାଦକ ନିରଞ୍ଜନ ବାରିକଙ୍କ ସମେତ ସଂଗଠନର ସମସ୍ତ କର୍ମକର୍ତ୍ତା ରାତିସାରା ପ୍ରସାଦ ବଣ୍ଟନ କରିଥିଲେ। ଅପରପକ୍ଷରେ ଦୋଳସାହି ଗୋପବନ୍ଧୁ ସେବା ସଂଗଠନ ତରଫରୁ ପାନୀୟ ଜଳ ଓ ତରଭୁଜ ବଣ୍ଟନ କରାଯାଇଥିଲା। ସଭାପତି ସୋମନାଥ ମହାପାତ୍ର, ଦୀପକ ପରିଡ଼ା, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ବହୁ ସଂଗଠନ ମଧ୍ୟ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁଙ୍କୁ ଖାଦ୍ୟ, ପାନୀୟ ବଣ୍ଟନ କରିଥିଲେ।

## ଶୋଭାରାମପୁର ରେଲୱେ ଓଭରବ୍ରିଜ୍

# ରକ୍ଷଣାବେକ୍ଷଣ ଅଭାବରୁ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଅଚଳ

ବାଲେଶ୍ୱର,୨୯।୩ (ସମିସ)



ଓଭରବ୍ରିଜ୍‌ରେ ନାହିଁ ସୋଲାର ଲାଇଟ୍। ଦୀର୍ଘ ଦିନ ହେବ ଏହି ଲାଇଟ୍ ନଥିବା ସୂଚନା ମିଳିଛି। ପ୍ରାୟ ୧୦ଟି ସୋଲାର ଲାଇଟ ସଜାଡ଼ିବାକୁ ବାହାର କରାଯାଇଛି ହେଲେ ଏଯାଏଁ ଲଗାଇ ନାହାନ୍ତି ଲାଇଟ୍। ଫଳରେ ଅନ୍ଧକାର ରହୁଛି ଓଭରବ୍ରିଜ। ରାତି ସମୟରେ ଯିବାବେଳେ ପଥଚାରୀ ହଇରାଣ ହେଉଛନ୍ତି। ଏ ହେଉଛି ଶୋଭାରାମପୁର ରେଲୱେ ଓଭରବ୍ରିଜ୍। ଏହି ବ୍ରିଜ୍‌ର ଉଭୟ ପାଶ୍ୱର୍ରେ ସୋଲାର ଷ୍ଟ୍ରିଟ୍ ଲାଗିଛି। ଏହି ବ୍ରିଜ୍‌ଟି ଓ୍ୱାର୍ଡ ନମ୍ବର ୧୯, ୨୦ ଏବଂ ୨୧ ମଧ୍ୟରେ ରହିଛି। ତେବେ ଲାଇଟ୍ ଜଳୁନଥିବା ଏବଂ ରକ୍ଷଣାବେକ୍ଷଣ ନେଇ ୧୯ ନମ୍ବର ୱାର୍ଡ ବାସିନ୍ଦା କାଉନସିଲରଙ୍କୁ ଅଭିଯୋଗ କରିଥିଲେ। ଏହାବ୍ୟତୀତ ବ୍ରିଜ୍ ର ଆପ୍ରୋଚ୍ ରୋଡ୍ ଆଡ଼କୁ ଲାଇଟ୍ ଲଗାଇବା ପାଇଁ ୧୯ ନମ୍ବର ୱାର୍ଡ କାଉନସିଲର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ହେଲେ ତାହା ଲଗାଗଲା ନାହିଁ। କେବଳ ବ୍ରିଜ୍ ଉପର ଆଡକୁ ସୋଲାର ଲାଇଟ୍ ଲଗାଇଦେଲେ। ଫଳରେ ଓଭରବ୍ରିଜର କିଛି ଭାଗ ଅନ୍ଧାର ରହୁଛି। ସବୁଠୁ ବଡ଼ କଥା ହେଉଛି ଓଭରବ୍ରିଜ ତଥା ଲାଇଟ ଗୁଡିକର ରକ୍ଷଣାବେକ୍ଷଣ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ପୌରପାଳିକା ଓ ପିଡବ୍ଲୁଡି ବିଭାଗ ମଧ୍ୟରେ ଦୋଷ ଠେଲାଠେଲି ହେଉଛନ୍ତି। ଓଭରବ୍ରିଜ୍ ରକ୍ଷଣାବେକ୍ଷଣ କିଏ କରିବ ତାହାକୁ ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଥାଉକି, ୬୫ କୋଟି ୬୬ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟରେ ଶୋଭାରାମପୁର ରେଳ ଫାଟକ ୭୯ ରେଲୱେ ଓଭରବ୍ରିଜ୍ ପୂର୍ତ୍ତ ବିଭାଗ-୧ ଦ୍ୱାରା ନିର୍ମିତ ହୋଇଛି। ୨୦୨୨ ମସିହା ଡିସେମ୍ବର ୨୨ରେ ଏହି ଓଭରବ୍ରିଜ୍ ଲୋକାର୍ପିତ ହୋଇଥିଲା। ଏହାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ଏ ନେଇ ୧୯ ନମ୍ବର ୱାର୍ଡ କାଉନସିଲର ଶୋଭା ମହାପାତ୍ରଙ୍କୁ ପଚାରିବାରୁ କହିଥିଲେ ଓଭରବ୍ରିଜ୍ ସହିତ ସେଠାରେ ଲାଗିଥିବା ସୋଲାର ଲାଇଟ୍ ଗୁଡ଼ିକର ଆଦୌ ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ଅଧିକାଂଶ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିଲା। ଏହା ସ୍ଥାନୀୟ ଲୋକେ ଦେଖି ମୋତେ ଜଣାଇଥିଲେ। ପ୍ରାୟ ୮ଟି ସୋଲାର ଲାଇଟ୍ ଜଳୁନଥିବାରୁ ମୁଁ ପୌରପାଳିକାକୁ ଜଣାଇଥିଲି। ପୌରପାଳିକା ପିଡବ୍ଲୁଡି-୧କୁ ଜଣାଇବେ ବୋଲି କହିଥିଲେ। ପ୍ରାୟ ଦୁଇ ମାସ ତଳେ ଏହି ଅଭିଯୋଗ ମୁଁ ଜଣାଇଥିଲି। ଏହାପରେ ପିଡବ୍ଲୁଡି ବିଭାଗ ପୌରପାଳିକା ପକ୍ଷରୁ ଗାଡ଼ି ନେଇ ସେଠାରୁ ଜଳୁନଥିବା ସୋଲାର ଲାଇଟ୍ ଗୁଡିକ ସଜାଡ଼ିବା ପାଇଁ ଖୋଲିକି ନେଇଛନ୍ତି। ଏଯାଏଁ ଲାଇଟ୍ ଲଗାଯାଇନାହିଁ'। 'ପ୍ରଥମତଃ ଏହା ରେଲୱେର ବ୍ରିଜ୍। ଯଦି ସୋଲାର୍ ଲାଇଟ କଥା କହୁଛନ୍ତି ତାହେଲେ ଏହା ପୌରପାଳିକାର ଦାୟିତ୍ୱ ବୋଲି ପିଡବ୍ଲୁଡି-୧ର ଅଧୀକ୍ଷଣ ଯନ୍ତ୍ରୀ ଅପ୍ରକାଶ ପଣ୍ଡା କହିଛନ୍ତି। ସେହିପରି ଏବାବଦରେ ପୌରପାଳିକାର ବିଦ୍ୟୁତ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଶ୍ରୀ ନନ୍ଦଙ୍କୁ ପଚାରିବାରୁ କହିଥିଲେ,' ସୋଲାର ଲାଇଟ୍ ପୌରପାଳିକା ସଜାଡେ ନାହିଁ କି ରକ୍ଷଣାବେକ୍ଷଣ ବି କରେନି। କାରଣ ଏହି ଓଭରବ୍ରିଜ୍ ପୌରପାଳିକାକୁ ହସ୍ତାନ୍ତର ହୋଇନାହିଁ। ତେଣୁ ସେଠାରୁ ଆମେ ଲାଇଟ୍ ବାହାର କରିନୁ। ବରଂ କମ୍ପାନୀ ମେକାନିକ୍ ଆମଠୁ ଗାଡ଼ି ନେଇ ଜଳୁନଥିବା ସୋଲାର ଲାଇଟ୍ ବାହାର କରିଛନ୍ତି। କିଛି ଲାଇଟ୍ ସଜାଡ଼ିକି ଲଗାଇଛନ୍ତି ଏବଂ ଆଉ କିଛି ରହିଛି। ଯାହା କିଛି ଲାଇଟ୍ ଲଗା ହୋଇନାହିଁ'।

## ବାଲେଶ୍ୱର ବାୟୁସେନା ସଂଗଠନ ପାଳିଲା ପଖାଳ ଦିବସ



ବାଲେଶ୍ୱର,୨୯।୩(ସମିସ): ବାଲେଶ୍ୱର ବାୟୁସେନା ସଂଗଠନ ପକ୍ଷରୁ ମେଘଡମ୍ବରୁଠାରେ ପଖାଳ ଦିବସ ପାଳନ କରାଯାଇଛି। ସଂଗଠନର ରଘୁନାଥ ଜେନା, ରାଜକିଶୋର ଜେନା ପ୍ରମୁଖଙ୍କ ତତ୍ୱାବଧାନରେ ଏହି ଦିବସ ପାଳନ ହୋଇଛି। ସଂଗଠନ ସଭାପତି ଶିବଦାସ କୁଣ୍ଡୁ କହିଛନ୍ତି, ପଖାଳ ହେଉଛି ପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ଖାଦ୍ୟ। ଅନେକ ଲୋକ ପଖାଳ ଖାଇବାକୁ ପସନ୍ଦ କରନ୍ତି। କାରଣ ଓଡ଼ିଆଙ୍କ ପ୍ରାଣ ପଖାଳ କଂସାରେ। ତେଣୁ ଏହି ପଖାଳକୁ ଏଯାଏଁ ଜିଆଇ ଟ୍ୟାଗ୍ ମିଳିନାହିଁ। ଆମେ ଏଥିପାଇଁ ଦାବି ଉଠାଉଛୁ ଯେ ସରକାର ଏଦିଗରେ ଧ୍ୟାନ ଦିଅନ୍ତୁ। ଏହାବ୍ୟତୀତ ଖାଲି ପଖାଳ ଦିବସ ନୁହେଁ ବରଂ ପଖାଳ ପକ୍ଷ ମଧ୍ୟ ପାଳନ ହେଉ। ପଖାଳ ଏକ ପୁଷ୍ଟିକର, ସ୍ୱାସ୍ଥ୍ୟକର, ସମୟୋପଯୋଗୀ ଏବଂ ପାଣିପାଗ ଉପଯୋଗୀ ଖାଦ୍ୟ ହୋଇଥିବାରୁ ଆମେ ମଧ୍ୟ ପଖାଳକୁ ଜିଆଇ ଟ୍ୟାଗ୍ ପ୍ରଦାନ ପାଇଁ ଦାବି ଉଠାଉଛୁ ବୋଲି ସମ୍ପାଦକ ମହେଶ୍ୱର ବେହେରା କହିଛନ୍ତି।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ

ଜଳେଶ୍ୱର,୨୯।୩ (ସମିସ) : ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ତତ୍କାଳୀନ ବ୍ରିଟିଶ ସରକାର ମିଛ ହତ୍ୟା ଅଭିଯୋଗରେ ଅଭିଯୁକ୍ତ କରି ଆଦିବାସୀ ଯୁବକ ଲକ୍ଷ୍ମଣ ନାୟକଙ୍କୁ ବ୍ରହ୍ମପୁର ଜେଲରେ ଫାଶୀ ଖୁଣ୍ଟରେ ଝୁଲାଇ ଆଉ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା। ସେହି ଦିବସକୁ ବଳିଦାନ ଦିବସ ରୂପେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ର ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ପାଳନ କରାଯାଉଛି। ସୁଗୋ ପଞ୍ଚାୟତ ଅନ୍ତର୍ଗତ ବାଣିଦା ଆଦିବାସୀ ସାହିରେ ଲାଲ୍ ପତାକା ଉତ୍ତୋଳନ ସହିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମରଣେ ଏକ ଶ୍ରଦ୍ଧାଞ୍ଜଳି ସଭା ଜରିଆରେ ଦେଶର ସ୍ୱାଧୀନତା ଏବଂ ଆଦିବାସୀଙ୍କ ଜଙ୍ଗଲ ଜମି ଅଧିକାର ଉପରେ ସେ କେମିତି ସାଲିସ ବିହୀନ ଲଢ଼େଇ କରୁଥିଲେ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ସଭାରେ ବିସ୍ତୃତ ଆଲୋଚନା କରିଥିଲେ ବାମପନ୍ଥୀ ନେତା ଦିଲ୍ଲୀପ କୁମାର ଗିରି। ଶ୍ରମିକ ନେତା ପଲ୍ଟୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଞ୍ଚଳିକ କମିଟିର ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଆଦିବାସୀମାନଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ସଭାରେ କୃଷକ ସଭାର ବ୍ଲକ ସମ୍ପାଦକ ଜୀବନ ପରିଡ଼ା, ଆଦିବାସୀ ନେତା କୁନା ଟୁଡୁ, ରୁହିଆ ଟୁଡୁ, ଶାନ୍ତିଲତା ଟୁଡୁ, ଚମ୍ପା ଟୁଡୁ, କାର୍ତ୍ତିକ ସୋରେନ, ବନମାଳୀ ଘଡେଇ, ବିଦ୍ୟାଧର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିବାବେଳେ ଜାମିନୀ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## 'କଳାକଳ୍ପିତ' ନାଟ୍ୟାନୁଷ୍ଠାନର ବାର୍ଷିକ ଉତ୍ସବ



ବାଲେଶ୍ୱର,୨୯।୩ (ସମିସ): ପାତ୍ରପଡ଼ା ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୫୬ ତମ ବାସନ୍ତୀ ପୂଜା ମହୋତ୍ସବ ସହ କଳାକଳ୍ପିତ ନାଟ୍ୟାନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନାଟକ ଓ କଳାକୁ ବଞ୍ଚାଇ ରଖିଥିବାରୁ ଶ୍ରୀ ମହାପାତ୍ର କଳାକଳ୍ପିତ ନାଟ୍ୟ ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସାଂସଦ ରବୀନ୍ଦ୍ର ଜେନା ଏବଂ ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଏସପି ନିରଞ୍ଜନ ବେହେରା ଏବଂ ସମ୍ମାନୀତ ଅତିଥି ଭାବେ ପଣ୍ଡିତ ମନ୍ମଥ ମିଶ୍ର, ବରିଷ୍ଠ ଆଇନଜୀବି ସାହିରୁଲ୍ ହକ, ସମାଜସେବୀ ବେଣୁଧର ଦାସ, ଗୀତିକାର ପୂର୍ଣ୍ଣେନ୍ଦୁ ମହାପାତ୍ର, ଫକିରମୋହନ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗ ଦେଇଥିଲେ। ଅନୁଷ୍ଠାନ ଉପସଭାପତି ଚିନ୍ମୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ରାଜେନ୍ଦ୍ର ରାଉତ ଅତିଥି ପରିଚୟ କରିଥିଲେ। ଏହି ଅବସରରେ ମହିଳା ନାଟ୍ୟକାର ତଥା ନିର୍ଦ୍ଦେଶିକା ମୀନ କୁମାରୀ ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ନାଟ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନାଟ୍ୟକାର ସୁଶାନ୍ତ ଦାସଙ୍କ ରଚନା ଓ ଜୟନ୍ତ କୁମାର ପାଣିଙ୍କ ନିର୍ଦ୍ଦେଶନାରେ ନାଟକ 'ନିଷ୍ଠୁର ପ୍ରତିଶ୍ରୁତି' ମଞ୍ଚସ୍ଥ ହୋଇଥିଲା। ବେଣୁଧର ଦାସ ଧନ୍ୟବାଦ ଦେଇଥିଲେ।

● ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ

## ମ୍ୟୁଟେସନ୍ ଓ ଘରବାଡ଼ି ରୂପାନ୍ତର ପ୍ରକ୍ରିୟା ବନ୍ଦ

ଜଳେଶ୍ୱର ବ୍ଲକ, ୨୯।୩ (ସମିସ): ବହୁ ପ୍ରତିକ୍ଷିତ ଜଳେଶ୍ୱର-ଚନ୍ଦନେଶ୍ୱର ରେଳପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସକାଶେ ସରକାରୀ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସହଜ କରିବା ପାଇଁ ଜଳେଶ୍ୱର ତହସିଲର ୨୬ଟି ମୌଜାରେ ପରବର୍ତ୍ତୀ ଆଦେଶନାମା ଯାଏଁ କୌଣସି ମ୍ୟୁଟେସନ କିମ୍ବା ଘରବାଡ଼ି ରୂପାନ୍ତରଣ କରାଯାଇ ପାରିବନି ବୋଲି ଗତ ୨୩ ତାରିଖରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ନିର୍ଦ୍ଦେଶନାମା ଜାରି କରିଛନ୍ତି। ମ୍ୟୁଟେସନ ଓ ଘରବାଡ଼ି ରୂପାନ୍ତରଣ ବନ୍ଦ କରାଯାଇଥିବା ଗାଁଗୁଡ଼ିକ ହେଉଛି ଆକବରପୁର, ବାରକଣା, ବର୍ଷନା, ବାସୁଳିଆ, ଚକରଘୁ, ଚକମଣି, ଦିବାକପୁର, ଡେମୁରିଆ, ଗୋପୀମୋହନପୁର, କନ୍ଦଳିଆ, ଖରିଦା, ନାମୋ, ନନ୍ଦିକା, ନିମପୁର, ପାଖରା, ରାୟୀରାମଚନ୍ଦ୍ରପୁର, ଶାଳିକୋଠା, ସରିସା, ସରସିଦା, ଶେଖବାଡ଼ି, ଶାସନବାଡ, ପଥରପୁରା, ଜମାଲପୁର, ଦେଉଳି ପଞ୍ଚୁଘଣ୍ଟା ଓ ବାଗପୁଞ୍ଜି। ଏହି ରେଳପଥ ନିର୍ମାଣ ପାଇଁ ପ୍ରାଥମିକ ସର୍ଭେରେ ମୋଟ ୨୩ଟି ଗାଁ ଦେଇ ରେଳପଥ ଯିବ ବୋଲି କୁହାଯାଉଥିଲା। କିନ୍ତୁ ଚୂଡ଼ାନ୍ତ ସର୍ଭେ ତାଲିକାରେ ମୋଟ ୨୬ଟି ଗାଁ ଦେଇ ରେଳପଥ ଯିବ ବୋଲି ଆପାତତଃ ଜଣାପଡ଼ିଛି। ଜଳେଶ୍ୱର ସହରର ସେକବାଡ଼ରୁ ଏହି ରେଳପଥ ଆରମ୍ଭ ହୋଇ ଡେମୁରିଆ ନିକଟରେ ଏହା ଭୋଗରାଇ ତହସିଲ ଇଲାକାକୁ ପ୍ରବେଶ କରିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

## ନାଟ୍ୟପ୍ରଭା ପକ୍ଷରୁ ବିଶ୍ୱନାଟ୍ୟ ଦିବସ

ବାଲେଶ୍ୱର,୨୯।୩(ସମିସ): ନାଟ୍ୟାନୁଷ୍ଠାନ ନାଟ୍ୟପ୍ରଭା ପକ୍ଷରୁ ଅନୁଷ୍ଠାନ ସଭାପତି ଡ଼. କୁମାର ଗୋପାଲଙ୍କ ସଭାପତିତ୍ୱରେ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥିଲା। ଉଜ୍ଜୀବିତ କରିବା ପାଇଁ ସମସ୍ତଙ୍କର କର୍ତ୍ତବ୍ୟ ଓ ସାହାଯ୍ୟ ଲୋଡ଼ାଯାଇଥିଲା। ଏହି ଆଲୋଚନାରେ ଅନୁଷ୍ଠାନର ଓମ୍ ପ୍ରକାଶ, ଚନ୍ଦନ, ଲକ୍ଷ୍ମୀ ଧର, ସୁକାନ୍ତି, କୁମାର ସମ୍ଭବ,



ବିଶ୍ୱ ନାଟ୍ୟ ଦିବସର ତାତ୍ପର୍ଯ୍ୟ ଓ ଅନେକ ସମ୍ମାନଜନକ କାର୍ଯ୍ୟକ୍ରମରେ ଅନେକ ମଞ୍ଚର ପୁନରୁଦ୍ଧାର, ବୁଡି ଯାଉଥିବା କଳାକୁ ଶ୍ୟାମ ପଦ, ସୁଶାନ୍ତ, ସଂହିତା, ସୁଶାନ୍ତ କର, ଶ୍ରୀନିବାସ, ଅଙ୍କିତ୍ ପ୍ରମୁଖ ଅନେକ ସଦସ୍ୟ ସହଯୋଗ କରିଥିଲେ।

## ନାଟକ ପୁସ୍ତକ 'ଶ୍ରାବଣୀ ନଈ' ଓ 'ଚହଲା ପାଣିର କଇଁ' ଉନ୍ମୋଚିତ



ବାଲେଶ୍ୱର,୨୯।୩ (ସମିସ): ବିଶ୍ୱ ନାଟ୍ୟ ଦିବସ ଅବସରରେ ନାଟ୍ୟକାର ଡ. ଦିଲ୍ଲୀପ ରଥଙ୍କ "ଶ୍ରାବଣୀ ନଈ' ଏବଂ "ଚହଲା ପାଣିର କଇଁ' ନାଟକ ପୁସ୍ତକର ଲୋକାର୍ପଣ ଉତ୍ସବ ଏବଂ କଥୋପକଥନ କାର୍ଯ୍ୟକ୍ରମ ସ୍ଥାନୀୟ ଷ୍ଟେସନ କ୍ଲବରେ ଅନୁଷ୍ଠିତ ହୋଇଯାଇଛି। କବି ଶ୍ରୀଦେବଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ପୁସ୍ତକ ଦ୍ୱୟକୁ ଉନ୍ମୋଚନ କରି ଡ. ରଥଙ୍କ ବଳିଷ୍ଠ ନାଟ୍ୟକାର ସ୍ୱପ୍ନ ସାକାର ହୋଇପାରିଛି ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ରାଖାଲ ଚନ୍ଦ୍ର ଘଡାଇ, ଡ. ଭାଗବତ ପ୍ରସାଦ ଦାସ ଡ. ରମାକାନ୍ତ ନାୟକ, ନାଟ୍ୟ ଗବେଷକ କୈଳାସ ଦାସ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟ କବି ସୀତାଂଶୁ ଲେଙ୍କା ରଖିଥିଲେ। ଡ. ରଥ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିବା ବେଳେ ଇପ୍‌ସିତ ପ୍ରୟାସ ରଥ ଶେଷ କଥା ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଂ ଶ୍ରୀତମ ସିଂହ, ଅଧ୍ୟାପକ ରାମଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ବେହେରା, ସୁଶାନ୍ତ ଦାସ, ଶରତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

● ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

## ୩ ଘଣ୍ଟା ଅଟକ ରହିଲେ ଦୁଇ ଖଣି ଅଧିକାରୀ

ରାଜଘାଟ, ୨୯।୩ (ସମିସ): ବସ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ବାଲି ସୈରାତରୁ ବେଆଇନ ଭାବେ ବାଲି ବୋଝେଇ ହୋଇ ପରିବହନ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖଣିବିଭାଗ ଚଢାଉ ପାଇଁ ପହଞ୍ଚି ଥିବା ସ୍ଥଳେ ଗାଡ଼ିକୁ ନ ଛାଡ଼ିବା ଜିଦରେ ମାଫିଆ ମାନେ ୨ ଖଣି ଅଧିକାରୀଙ୍କୁ ୩ ଘଣ୍ଟା ଧରି ଅଟକ ରଖିଥିଲେ। ଏହି ଥାନା ଅଧୀନ ଧିତପୁରା ହନୁମାନ ମନ୍ଦିର ନିକଟ ଓ ରାମଚନ୍ଦ୍ରପୁର ବାଲି ସୈରାତରୁ ପ୍ରତ୍ୟେକ ଦିନ ଟ୍ରାକ୍ଟର ଓ ହାଇୱା ଯୋଗେ ବାଲି ଭର୍ତ୍ତି ହୋଇ ବିଭିନ୍ନ ସ୍ଥାନକୁ ଚାଲାଣ ହୋଇଥାଏ। ରବିବାର ଭୋର ସମୟରେ ରାମଚନ୍ଦ୍ରପୁର ବାଲି ସୈରାତରୁ ଗୋଟିଏ ନମ୍ବର ବିହୀନ ଓ ଦୁଇଟି ନମ୍ବର ଯୁକ୍ତ ଟ୍ରାକ୍ଟରରେ ବାଲି ପରିବହନ ହେଉଥିବା ଖବର ପାଇ କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା ଏବଂ ତାପସ କୁମାର ବେହେରା ଅତର୍କିତ ଚଢ଼ଉ କରି ଉକ୍ତ ଟ୍ରାକ୍ଟରଗୁଡ଼ିକୁ ଜବତ୍ କରିଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ୩ ବାଲି ମାଫିଆଙ୍କ ସମେତ ୪୦ରୁ ଅଧିକ ସହଯୋଗୀ ପହଞ୍ଚି ବାଲି ଉତ୍ତୋଳନ ଲାଗି ବ୍ୟବହୃତ ବେଲଚା ଓ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଦୁଇ ଖଣି ଅଧିକାରୀଙ୍କୁ ଭୟଭୀତ କରାଇଥିଲେ। ସେମାନଙ୍କୁ ଉଦ୍ଧାର କରିବାକୁ ବସ୍ତା ପୁଲିସ ଭ୍ୟାନ ଆସିବା ଦେଖି ମାଫିଆ ଓ ସହଯୋଗୀ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ପରେ ୩ଟି ଟ୍ରାକ୍ଟରକୁ ଜବତ୍ କରି ଥାନାକୁ ଅଣାଯାଇଥିଲା।

## ସମବାୟ ସମିତିକୁ ବିଭିନ୍ନ ସୁବିଧା ପ୍ରଦାନ ଦାବି

ଭୋଗରାଇ,୨୯।୩ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗୁଣସାର୍ଥ ପଞ୍ଚାୟତ ନୂତନ ସେବା ସମବାୟ ସମିତି ୨ ବର୍ଷ ହେଲା କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ କୃଷି ଓ କୃଷକର ଉନ୍ନତି ନିମନ୍ତେ ଅଦ୍ୟାବଧି ସେଠାରେ ଧାନ ପଞ୍ଜୀକରଣ, ଜମା କାଉଣ୍ଟର, ନୂଆ ପିଏ ସିଏ ଏବଂ ଜୟ ଜଗନ୍ନାଥ ସେବାସମବାୟ ସମିତିକୁ କାର୍ଯ୍ୟଭାର ଦାୟିତ୍ୱ ମିଳିନଥିବାରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ଉକ୍ତ ପଞ୍ଚାୟତର ୨ ହଜାରରୁ ଉର୍ଦ୍ଧ୍ୱ ଚାଷୀ ସେବା ସମବାୟ ସମିତିରେ ସଦସ୍ୟ ଥିବାବେଳେ ବହୁ ଦୂର ମହାଗବ ପଞ୍ଚାୟତ ସେବାସମବାୟ ସମିତିରେ ନିର୍ଭର ଓ ହୀନସ୍ତା ହେବାକୁ ପଡୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଅବିଳମ୍ବେ ମହାଗବ ପଞ୍ଚାୟତ ସେବାସମବାୟ ସମିତିରୁ କୃଷି ଓ କୃଷକଙ୍କ ଧାନ ପଞ୍ଜିକରଣ, ଧାନ ବ୍ୟବସାୟ, ଜମା କାଉଣ୍ଟର ଗୁଣସାର୍ଥ ପଞ୍ଚାୟତକୁ ସ୍ଥାନାନ୍ତର କରିବାକୁ ଚାଷୀ ସୁଧୀର ମାହାନ୍ତି, ସୁଶାନ୍ତ କୁମାର ଜେନା, ହରିହର କରଣ, କାଳି ଚରଣ ଗିରି, ଗୟାପ୍ରସାଦ ସେଠୀ ସହ ଶତାଧିକ ଚାଷୀ ଜିଲାପାଳଙ୍କୁ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଇସ୍କନର ମୁଖ୍ୟ ଗୁରୁଙ୍କ ବ୍ୟାସପୂଜା

ଜଳେଶ୍ୱର,୨୯।୩(ସମିସ): ଆନ୍ତରାଷ୍ଟ୍ରୀୟ ଧାର୍ମିକ ସଂସ୍ଥା ଇସ୍କନର ଜିବିସି ମୁଖ୍ୟ ତଥା ଗୁରୁ ଜୟପତାକା ସ୍ୱାମୀଙ୍କ ୭୭ତମ ବ୍ୟାସ ପୂଜା(ଜନ୍ମ ଦିବସ) ରବିବାର ଦିନ ଜଳେଶ୍ୱର ଇସ୍କନ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବସ ବ୍ୟାପି କାର୍ଯ୍ୟକ୍ରମ ପାଳନ କରାଯାଇଥିବା ବେଳେ ସକାଳେ ୪.୩୦ରେ ମଙ୍ଗଳ ଆରତୀ, ଦିନ ୧୦ଟାରୁ ଗୁରୁଙ୍କର ସ୍ତୁତିଚାରଣ ସଭା, ୧୧ଟାରୁ ବିଭିନ୍ନ ସୁଭାଷିତ ଦ୍ରବ୍ୟରେ ଅଭିଷେକ ଓ ୫୬ଭୋଗ ନୈବେଦ୍ୟ ଅର୍ପଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଇସ୍କନର ପ୍ରବଚକ ଶୁକ୍ଲାମ୍ବର ନିମାଇ ଦାସ ବ୍ରହ୍ମଚାରୀ, ଜଳେଶ୍ୱର ମୁଖ୍ୟ ଚନ୍ଦନ କୁମାର ଦାସ, ରାଧାଶ୍ୟାମ ଦାସ, ବଂଶୀ ବନମାଳୀ ଦାସ, ଶ୍ରୀକ୍ଷେତ୍ର ଜଗନ୍ନାଥ ଦାସ, ବଳରାମ ଦାସ, ନିକୁଂଜ ଶ୍ୟାମ ଦାସ, ଦୁଲାଲ ସାମନ୍ତ, ଶ୍ରୀନିବାସ ଦାସ, ସୁସ୍ମିତା ଦତ ପ୍ରମୁଖ ଯୋଗଦେଇ ଗୁରୁଙ୍କର ବାଣୀ ତଥା ତାଙ୍କର ଆଦର୍ଶ କର୍ମମୟ ଜୀବନର ସ୍ତୁତିଚାରଣ କରିବା ସହିତ ତାଙ୍କ ଦ୍ୱାରା ପବର୍ତ୍ତିତ ମାର୍ଗକୁ ସମସ୍ତେ ଅନୁସରଣ କରିବାକୁ କହିଥିଲେ।

## ମା' ଜାଗୁଲାଇ କ୍ରିକେଟ: ରାଇକୁଲା ଚାମ୍ପିଅନ

ଖଇରା, ୨୯।୩ (ସମିସ): ୩ଦିନ ଧରି ଚାଲିଥିବା ମା' ଜାଗୁଲାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସରେ ଦୁଇ ଦଳ ଯଥା ରାଇକୁଲା ଏକାଦଶ ସହିତ ଡୁଙ୍ଗୁରା ଏକାଦଶ ମଧ୍ୟ ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ରେ ୨୦ ଓଭର ବିଶିଷ୍ଟ ହୋଇଥିବା ବେଳେ ଚଳିତ ବର୍ଷର ରାଇକୁଲା ଏକାଦଶ ଡୁଙ୍ଗୁରା ଏକାଦଶ ହରାଇ ଚାମ୍ପିଅନ ହୋଇଥିଲା। ଅମ୍ପାୟାର ଭାବେ ସରୋଜ ଜେନା ଓ କରୁଣା କର ଜେନା ଖେଳ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଜ୍ୟୋତି ରଞ୍ଜନ ପାଢ଼ୀ ଓ ଅକ୍ଷୟ ବାରିକ, ସ୍କୋରର ଭାବେ ପର୍ଶୁରାମ ଲେଙ୍କା ଦାୟିତ୍ୱ ସମାପନ କରିଥିଲେ। ଶେଷରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ନୀଳ ମାଧବ ପଣ୍ଡା, ଅନ୍ୟତମ ଅତିଥି ଭାବେ ୫ନଂ ଜୋନର ଜିଲ୍ଲା ପରିଷଦ ମାନସ ଦାସ, ଅନ୍ୟତମ ଅତିଥି ଭାବେ କୁରୁଣ୍ଡା ସରପଞ୍ଚ ରଘୁନାଥ ଜେନା, ଯୁବ ବ୍ୟବସାୟୀ ଲମ୍ବୋଧର ବେହେରା ଯୋଗ ଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହିତ ଆର୍ଥିକ ରାଶୀ ପ୍ରଦାନ କରିଥିଲେ। ରନର୍ସ ଦଳକୁ ଟ୍ରଫି ସହିତ ଆର୍ଥିକ ରାଶୀ ପ୍ରଦାନ କରିଥିଲେ। ଏଥିରେ କମିଟିର ରବିନ୍ଦ୍ର ବାରିକ, ବଳରାମ ନାୟକ, ଜଗବନ୍ଧୁ ନାୟକ, ସଞ୍ଜୟ ଶିଅଳ, ସରୋଜ ଧଡ଼ା, ଅର୍ଜୁନ ଶିଅଳ, ବାସୁଦେବ ବେହେରା, ନିରଞ୍ଜନ ବେହେରା, ଯଶୋବନ୍ତ ବାରିକ, ସଞ୍ଜୟ ଦାସ ପ୍ରମୁଖ ସହଯୋଗ କରିଥିଲେ।



## ନୀଳଗିରି ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟମେଳା

ନୀଳଗିରି, ୨୯।୩ (ସମିସ): ନୀଳଗିରି ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ଅନୁମୋଦନ କ୍ରମେ ଏକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡ଼ କ୍ରସ୍ ଶାଖା ଓ ଜାତୀୟ ସେବା ସଂସ୍ଥା ସହଯୋଗରେ ସମନ୍ୱିତ ସଭାରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିବିର ରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ବେହେରା ମୁଖ୍ୟବକ୍ତା, ମୟୂରଭଞ୍ଜ ର ସହଯୋଗୀ ଜିଲ୍ଲା ଚିକିତ୍ସା ଅଧିକାରୀ ଶାନ୍ତନୁ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଶଂକର୍ଷଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ମା' ବିଜୟ ବାସୁଳୀ ପୀଠ ଉନ୍ନତିରେ ସରକାର ନିଦାବିଷ୍ଟ

ଭୋଗରାଇ,୨୯।୩ (ବିକାଶ ପାଣିଗ୍ରାହୀ)



ଭୋଗରାଇ ବ୍ଲକର ପର୍ଯ୍ୟଟନ ସ୍ଥଳୀ ମାନଙ୍କ ମଧ୍ୟରେ ମା' ବିଜୟ ବାସୁଳୀଙ୍କ ପୀଠ ଅନ୍ୟତମ। ଏହି ପୀଠର ପ୍ରତିଷ୍ଠା ପୌରାଣିକ କିମ୍ବଦନ୍ତୀ ଉପରେ ଆଧାରିତ ଥିଲା ବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀର ଭୂମିକା ନିର୍ବାହ କରେ। ମାଆଙ୍କ କାଠ ନିର୍ମିତ ମୂର୍ତ୍ତି ସମଗ୍ର ଓଡ଼ିଶା ରାଜ୍ୟରେ ବୃହତ୍ତମ। କିମ୍ବଦନ୍ତୀ ଅନୁଯାୟୀ ପ୍ରାୟ ୫ଶହ ବର୍ଷ ପୂର୍ବେ ମୋଗଲ ସାମ୍ରାଜ୍ୟ ସମୟରେ ଏହି ମନ୍ଦିର ନିର୍ମାଣ ହୋଇଥିଲା। ଚୈତ୍ର ମାସରେ ମାଆଙ୍କ ନାମରେ ଅନୁଷ୍ଠିତ ହୋଇ ଆସୁଥିବା ବାସୁଳୀ ମେଳା ପ୍ରସିଦ୍ଧ ମେଳା ଭାବେ ପରିଗଣିତ ହୁଏ। ସପ୍ତାହ ଯାକ ବିନା ପିଆଜ ରସୁଣରେ ତିଆରି ମାଛ ତରକାରୀର ଭୋଗ ମା'ଙ୍କ ଠାରେ ପ୍ରସାଦ ଭାବେ ଲଗା ଯାଏ। ମାତ୍ର ମଙ୍ଗଳବାର ଓ ଶନିବାର ଅଧିକାଂଶ ଲୋକ ମା'ଙ୍କ ଠାରେ ମାଛ ତରକାରୀ ( ଯନ୍ତାଳ ଭୋଗ) ଲଗାଇ ପୂର୍ବର ମାନସିକ ପୂରଣ କରୁଥିବା ଦେଖାଯାଏ। ଯେ କୌଣସି ସମସ୍ୟାର ସମାଧାନ ପାଇଁ ମାଆଙ୍କ ଠାରେ ସିନ୍ଦୂର କିମ୍ବା ଯନ୍ତାଳ ଭୋଗ ମାନସିକ କଲେ ତୁରନ୍ତ ସମସ୍ୟାର ସମାଧାନ ରାସ୍ତା ଫିଟି ଯାଇଥାଏ ବୋଲି ବହୁ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ରହିଛି। ବିଶେଷ କରି ଚୈତ୍ର ମାସ ମାଆଙ୍କ ମେଳାରେ ବିଭିନ୍ନ ପ୍ରକାର ଘରୋଇ ଆବଶ୍ୟକୀୟ ଉପକରଣ କିଣିବାକୁ ମହିଳାମାନେ ଅପେକ୍ଷା କରିଥାନ୍ତି। ବାଉଁଶ ନିର୍ମିତ କୁଲା, ପାଛିଆ, ଚଲା, ଚାଲୁଣି, ବିଞ୍ଚଣା, ମାଟି ହାଣ୍ଡି, ଖପୁରୀ, ତେଲାଣୀ, ସରା ଇତ୍ୟାଦି ଏହି ମେଳାରୁ ମହିଳା ମାନେ କିଣୁଥିଲେ। ସମୟ କ୍ରମେ ଏବେ ଲୋକେ ଗ୍ୟାସ ଚୁଲାର ବହୁଳ ବ୍ୟବହାର କରିବାରୁ ଓ ବଜାରରେ ପ୍ଲାଷ୍ଟିକ ଉପକରଣ ଓ ସିଲଭର ଜାତୀୟ ରୋଷେଇ ସାମଗ୍ରୀର ଚାହିଦା ବଢ଼ିବାରୁ ଏହି ସମସ୍ତ ଉପକରଣର ଚାହିଦା କମି ଗଲାଣି। ସେହିପରି ଏହି ମେଳା ତାଳ ସଜ, ଫୁଟି, ବାଇଁଚ କୋଳି ଇତ୍ୟାଦି ପାଇଁ ମଧ୍ୟ ପ୍ରସିଦ୍ଧ। ଏହି ମେଳାକୁ ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା ଇତ୍ୟାଦି ବ୍ଲକ୍ ସମେତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ବହୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସୁଥିବା ଦେଖାଯାଇଛି। ବିଗତ କିଛି ବର୍ଷ ଧରି ଏଠାରେ ମା ବାସୁଳି ବୈଶାଖୀ ଉତ୍ସବ ପାଳନ କରାଯାଉଛି। ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳର ବିଧାୟକ, ନେତା, ମନ୍ତ୍ରୀ, ଉଚ୍ଚ ପଦସ୍ଥ ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଯୋଗ ଦେଇ ପୀଠର ବିକାଶ ଆବଶ୍ୟକ, ଏହାର ଉନ୍ନତି ହେଲେ ସ୍ଥାନୀୟ ଅଞ୍ଚଳର ଅଭିବୃଦ୍ଧି ହେବ ବୋଲି କହି ଆସୁଛନ୍ତି। ମାତ୍ର ଏପର୍ଯ୍ୟନ୍ତ ଏହି ପୀଠର ଆଖି ଦୃଶିଆ ବିକାଶ ହେବା ପରିଲକ୍ଷିତ ହେଉନାହିଁ। ମା'ଙ୍କର ନିଜସ୍ୱ ଜାଗାରେ ପୋଖରୀ ରହିଥିବା ବେଳେ ଏଠାରେ ବୋଟିଂ ବ୍ୟବସ୍ଥା ଆରମ୍ଭ କରିବାକୁ ଦୀର୍ଘ ବର୍ଷରୁ ଦାବି ହେଉଛି। ସେହିପରି ଏଠାରେ ଆବଶ୍ୟକୀୟ ଭିତ୍ତିଭୂମି ରହିଥିବା ବେଳେ ପୀଠକୁ ଅଧୀକ ଆକର୍ଷଣୀୟ କରିବା ପାଇଁ ହରିଣ ପାର୍କ, ଶିଶୁ ଉଦ୍ୟାନ ଇତ୍ୟାଦି କରାଯାଇ ପାରିଲେ ବହୁ ଅଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗନ୍ତା। ସ୍ଥାନୀୟ ବ୍ୟବସାୟୀମାନେ ଉପକୃତ ହୁଅନ୍ତେ। ସରକାର ମଧ୍ୟ ଭଲ ରାଜସ୍ୱ ପାଇ ପାରନ୍ତେ। ଉଲ୍ଲେଖଯୋଗ୍ୟ ଯେ ପୂର୍ବ ସରକାର ସମୟରେ ଏହି ପୀଠର ଉନ୍ନୟନ ପାଇଁ ଅର୍ଥ ମଞ୍ଜୁର ହୋଇ ପ୍ରାଚୀର ନିର୍ମାଣ ସହିତ ପାଶ୍ୱର୍ ଦେବଦେବୀ ମନ୍ଦିର ଇତ୍ୟାଦି ନିର୍ମାଣ ହୋଇଥିଲା। ମାତ୍ର ନୂଆ ସରକାର ଆସିବା ପରେ ଏହି ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ଅର୍ଥ ମଞ୍ଜୁର କରିବା ପାଇଁ ସାଧାରଣରେ ଦାବି ହେଉଛି।

**ପାରିପାର୍ଶ୍ୱିକ ଉନ୍ନୟନ ସହ ପୀଠରେ ବୋଟିଂ ସିଷ୍ଟମ, ହରିଣ ପାର୍କ ଓ ଶିଶୁ ଉଦ୍ୟାନ ପାଇଁ ଦାବି**

## ଆଜିର ରାଶିଫଳ

**ମେଷ:** ସଫଳତା ପାଇବା ପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼ିବ ନାହିଁ। ରାଜନୀତିରେ ସହଯୋଗ ପାଇବେ। ମହିଳାମାନେ ରକ୍ଷଣଶୀଳା ହେବେ। ବାଣିଜ୍ୟରେ ସ୍ୱଳ୍ପ ଲାଭ ହେବ।

**ବୃଷ:** ଦିନଟି ସବୁ ଦୃଷ୍ଟିରୁ ଭଲ ରହିବ। କାର୍ଯ୍ୟରେ ସଫଳତା ପ୍ରାପ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଖାଦ୍ୟ ପାନୀୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ବିଗିଡ଼ିଯାଇଥିବା କାର୍ଯ୍ୟ ସଂପୂର୍ଣ୍ଣ ହେବ।

**ମିଥୁନ:** ସମସ୍ତ ଜରୁରି କାର୍ଯ୍ୟ ପୂରଣ ହେବ। ପରିବାରରେ ସୁଖଶାନ୍ତି ବୃଦ୍ଧି ପାଇବ। କ୍ୟାରିୟରରେ ଉନ୍ନତି ପାଇଁ ନୂତନ ଦିଗ ଚୟନ କରିବେ। ଗୁରୁଜନଙ୍କ ଆଶୀର୍ବାଦ ପ୍ରାପ୍ତି ହେବ।

**କର୍କଟ:** ସମସ୍ତ ଦିଗକୁ ଲକ୍ଷ୍ୟ ରଖି କାର୍ଯ୍ୟ କରିବେ। ଆର୍ଥିକ ମାମଲାରେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିପାରେ। ପରିବାର ମଧ୍ୟରେ ଶାନ୍ତି ବଜାଇ ରଖିବାକୁ ଚେଷ୍ଟା କରିବେ।

**ସିଂହ:** ଦିନଟିରେ ଜଗି ରହି ଚଳନ୍ତୁ। ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ। ଯାତାୟତ ସମୟରେ ଦରକାରୀ କାଗଜପତ୍ର ଦାୟିତ୍ୱରେ ରଖନ୍ତୁ। ପ୍ରତିପକ୍ଷଙ୍କଠାରୁ ସତର୍କ ରହିବା ଆବଶ୍ୟକ।

**କନ୍ୟା:** ନୂତନ ଲୋକଙ୍କ ସହିତ ଜଡ଼ିତ ହୋଇପାରନ୍ତି। ସହକର୍ମୀମାନଙ୍କର ପୂର୍ଣ୍ଣ ସହଯୋଗ ପାଇବେ। ପ୍ରତିଶୋଧ ପରାୟଣ ହୋଇ କାର୍ଯ୍ୟ କରିବାରୁ ନିବୃତ୍ତ ରୁହନ୍ତୁ।

**ତୁଳା:** କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ। ସଫଳତା ପାଇବା ପାଇଁ ଉତ୍ତମ ଅବସର ପ୍ରାପ୍ତି ହେବ। କମ୍ ପରିଶ୍ରମରେ ଅଧିକ ଲାଭ ପାଇବେ।

**ବିଛା:** ନିଜ ପ୍ରଚେଷ୍ଟା ବଳରେ ସଫଳତା ପାଇବେ। ପୂର୍ବରୁ କରିଥିବା ପରିଶ୍ରମର ଫଳ ମିଳିବ। ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କରେ ନିବିଡ଼ତା ବୃଦ୍ଧି ପାଇବ।

**ଧନୁ:** ଭାଗିଦାରୀ କାର୍ଯ୍ୟରୁ ଲାଭାନ୍ୱିତ ହେବେ। ପଦୋନ୍ନତିର ସମ୍ଭାବନା ରହିଛି। ଆର୍ଥିକ ସ୍ଥିତିରେ ସମନ୍ୱୟ ରକ୍ଷା କରିବେ। ଛାତ୍ରମାନେ ଅଗ୍ରଗତି ପାଇଁ ନୂତନ ସୁଯୋଗ ପାଇବେ।

**ମକର:** ଉଦାରପଣ ପାଇଁ ପ୍ରଶଂସାର ପାତ୍ର ହେବେ। ପରିବାରବର୍ଗଙ୍କ ସଂପୂର୍ଣ୍ଣ ସହଯୋଗ ମିଳିବ। ଆବଶ୍ୟକତା ଠାରୁ ଅଧିକ ଖର୍ଚ୍ଚ କରନ୍ତୁ ନାହିଁ।

**କୁମ୍ଭ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାରର ପରିବେଶ ସକରାତ୍ମକପୂର୍ଣ୍ଣ ହେବ। ଅନ୍ୟମାନଙ୍କ ପ୍ରତି ଦୟାଳୁ ସ୍ୱଭାବ ରହିବ। ସ୍ୱତନ୍ତ୍ର ଚିନ୍ତାଧାରା ରଖି ଭବିଷ୍ୟତ ଯୋଜନା ପ୍ରସ୍ତୁତ କରିବେ।

**ମୀନ:** ସାଙ୍ଗସାଥୀଙ୍କ ସହ ଅଧିକ ସମୟ ଅତିବାହିତ କରିବେ। ଆର୍ଥିକସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେବ।

## ଆଜିର ଇତିହାସ

- ୧୮୪୧- ନେସନ୍ୟାଲ୍ ବ୍ୟାଙ୍କ୍ ଅଫ୍ ଗ୍ରୀସ୍‌ର ସ୍ଥାପନା।
- ୧୯୦୮ - ଭାରତୀୟ ଅଭିନେତ୍ରୀ ଦେବୀକା ରାନୀଙ୍କ ଜନ୍ମ।
- ୧୯୪୫- ସୋଭିଏତ୍ ସଂଘ ଅଷ୍ଟ୍ରିଆ ଉପରେ ଆକ୍ରମଣ କଲା।
- ୧୯୭୭ - ସ୍ୱାମୀ ଅଗ୍ନିବେଶ ଭାରତୀୟ ଆର୍ଯ୍ୟସଭା ପାର୍ଟିକୁ ଜନତା ପାର୍ଟିରେ ବିଲୟ କରିଦେଲେ।
- ୨୦୦୨- ପ୍ରସିଦ୍ଧ ଗୀତିକାର ଆନନ୍ଦ ବକ୍ସିଙ୍କ ଦେହାନ୍ତ।


## 'ରାମାୟଣ' ହନୁମାନ ଜୟନ୍ତୀରେ ପ୍ରଥମ ଝଲକ



ଚଳିତବର୍ଷ ଯେଉଁ ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ଜବରଦସ୍ତ ଉତ୍ସାହ ରହିଛି ତାହା ହେଉଛି ରଣବୀର କପୁର ଓ ସାଇପଲ୍ଲବୀଙ୍କ ଅଭିନୀତ 'ରାମାୟଣ'। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ନୀତେଶ ତିୱାରି ଥିବାବେଳେ ନମିତ ମଲହୋତ୍ରା ପ୍ରଯୋଜନା ଭାର ସମ୍ଭାଳିଛନ୍ତି। ରାମ ନବମୀ ଅବସରରେ ପ୍ରଯୋଜକ ନମିତ ମଲହୋତ୍ରା ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରେ ସେ 'ରାମାୟଣ' ଯାତ୍ରା ପଛର କାହାଣୀ ବିଷୟରେ ଉଲ୍ଲେଖ କରିଛନ୍ତି। ନମିତ ପୋଷ୍ଟଟିକୁ ସେୟାର କରି ଲେଖିଛନ୍ତି, "ରାମ ନବମୀର ଶୁଭେଚ୍ଛା ! ଏହି କାହାଣୀ ଆମ ସମସ୍ତଙ୍କର, ଆମେ ନେଇଥିବା ପ୍ରତ୍ୟେକ ପଦକ୍ଷେପ ଅତ୍ୟନ୍ତ ଦାୟିତ୍ୱ, ଶ୍ରଦ୍ଧା ଏବଂ ସମର୍ପଣର ସହ ନିଆଯାଇଛି। ଯଦ୍ୱାରା ଆମେ 'ରାମାୟଣ'କୁ ସମ୍ପୂର୍ଣ୍ଣ ସଚ୍ଚୋଟତା, ଭବ୍ୟତାର ସହ ପରଦା ଉପରେ ଜୀବନ୍ତ କରିପାରିବୁ। ଆମେ ଏପ୍ରିଲ ୨, ହନୁମାନ ଜୟନ୍ତୀ ଅବସରରେ 'ରାମ'ଙ୍କ ଝଲକ ସେୟାର କରିବାକୁ ଅତ୍ୟନ୍ତ ଉତ୍ସାହିତ। ଆମେ ଏହି ମୁହୂର୍ତ୍ତକୁ ସମଗ୍ର ବିଶ୍ୱ ସହ ଏକାଠି ପାଳନ କରିବୁ। ଆପଣମାନଙ୍କ ଭଲପାଇବା, ବିଶ୍ୱାସ ଏବଂ ଧୈର୍ଯ୍ୟ ପାଇଁ ଆମେ କୃତଜ୍ଞତା ଜଣାଉଛୁ।" ନମିତଙ୍କ ଏହି ପୋଷ୍ଟ ଆସିବା ପରେ ଦର୍ଶକେ 'ରାମାୟଣ'ରେ ରଣବୀରଙ୍କ ଝଲକ ପାଇବାକୁ ବେଶ୍ ଉତ୍ସାହିତ ହୋଇ ପଡ଼ିଛନ୍ତି। 'ରାମାୟଣ'ରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର, ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ, ରାବଣ ଭୂମିକାରେ ୟଶ୍, ହନୁମାନଙ୍କ ଭୂମିକାରେ ସନ୍ନି ଦେଓ୍ୱଲ, ଟେଲିଭିଜନ ତାରକା ରବି ଦୁବେ ଲକ୍ଷ୍ମଣଙ୍କ ଚରିତ୍ରରେ ନଜର ଆସିବେ। ଏହାର ପ୍ରଥମ ପାର୍ଟ ଚଳିତବର୍ଷ ଦୀପାବଳି ଅବସରରେ ଆସିବ।

## ବିଶ୍ୱର ସବୁଠୁ ଖୁସ୍‌ମିଜାଜ୍ ବ୍ୟକ୍ତି

ଆଧୁନିକ ଜୀବନଶୈଳୀ, କାର୍ଯ୍ୟଚାପ, ପାରିବାରିକ ସମସ୍ୟା ଏବଂ ଆର୍ଥିକ ଅନଟନ ଯୋଗୁଁ ଆଜିକାଲି ଅଧିକାଂଶ ଲୋକ ମାନସିକ ଚାପ ମଧ୍ୟରେ ରହୁଛନ୍ତି। ଏଥିଯୋଗୁଁ ନିଦ୍ରାହୀନତା, ରାଗ, ଦୁଃଖ ଏବଂ ଶାରୀରିକ ଅସୁସ୍ଥତା ଆଦି ଦେଖାଦେଉଛି। ହେଲେ ଏକ୍ଷେତ୍ରରେ ଏକ ବ୍ୟତିକ୍ରମ ମାଥ୍ୟୁ ରିଚାର୍ଡ। ୮୦ ବର୍ଷୀୟ ମାଥ୍ୟୁ ବିଶ୍ୱର ସବୁଠୁ ଖୁସ୍ ମିଜାଜ୍ ବ୍ୟକ୍ତି ହେବାର ରେକର୍ଡ କରିଛନ୍ତି। ସେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଛନ୍ତି। ୧୯୯୧ ମସିହା ପରଠୁ ଏଯାବତ୍ ସେ କୌଣସି ଦିନ ବି ଦୁଃଖୀ ହୋଇନାହାନ୍ତି। ଏକଥା ବୈଜ୍ଞାନିକ ବି ବିଶ୍ୱାସ କରୁଛନ୍ତି। ଜାତିସଂଘ ତାଙ୍କୁ ୨୦୧୬ ମସିହାରେ ହ୍ୟାପିନେସ୍ ରିପୋର୍ଟରେ ବିଶ୍ୱର ସବୁଠୁ ଖୁସି ମଣିଷ ଭାବେ ଘୋଷଣା କରିଥିଲା। ମାଥ୍ୟୁ ମଲିକ୍ୟୁଲାର ଜେନେଟିକ୍‌ରେ ପିଏଚ୍‌ଡି କରିଛନ୍ତି। ଏହି ଡିଗ୍ରୀରେ ତାଙ୍କୁ ଭଲ ଚାକିରି ସହଜରେ ମିଳିପାରିଥାନ୍ତା। ହେଲେ ଏହାସତ୍ତ୍ୱେ ବି ସେ ଦୁଃଖୀ ଥିଲେ। ଖୁସିର ସନ୍ଧାନରେ ସେ ଫ୍ରାନ୍ସ ଛାଡ଼ି ତିବ୍ବତ ଆସିଲେ। ଏଠାରେ ସେ ଦଲାଇଲାମାଙ୍କ ଫ୍ରେଞ୍ଚ ଅନୁବାଦକ ଭାବେ କାମ କଲେ। ଏହି ସମୟରେ ସେ ମେଡିଟେସନ କରିବା ସହ ବୌଦ୍ଧ ଧର୍ମ ସହ ଜଡ଼ିତ କଥା ଶିଖିଲେ। ଏହିପରି ଭାବେ ଧୀରେ ଧୀରେ ମାଥ୍ୟୁଙ୍କ ଖୁସି ବଢ଼ି ଚାଲିଲା। କେବଳ ସେତିକି ନୁହେଁ, ତାଙ୍କ ଆଖପାଖର ଲୋକେ ବି ତାଙ୍କୁ ଦେଖି ଖୁସିରେ ରହିବାକୁ ଲାଗିଲେ। ଇତିମଧ୍ୟରେ ମାଥ୍ୟୁ ପ୍ରତି ସମୟରେ ଖୁସି ରଖିବାର କଳା ବି ଜାଣିଗଲେ। ତେଣୁ ତାଙ୍କୁ ଦୁନିଆର କୌଣସି ପ୍ରକାର ପରିବର୍ତ୍ତନ ଦୁଃଖୀ କରିପାରିଲା ନାହିଁ। ସେ ସବୁବେଳେ ଖୁସିରେ ରହୁଥିବାରୁ ଏହା ପଛର ରହସ୍ୟ ଜାଣିବା ପାଇଁ ଆମେରିକା ବିଶ୍ୱବିଦ୍ୟାଳୟ ଗବେଷଣା କଲା। ଖରାପରୁ ଅତି ଖରାପ ପରିସ୍ଥିତିରେ ମାଥ୍ୟୁଙ୍କ ମସ୍ତିଷ୍କ କେମିତି ପ୍ରତିକ୍ରିୟା ରଖେ ତାହା ସେମାନେ ଜାଣିବାକୁ ଇଚ୍ଛା କରିଥିଲେ। ମାଥ୍ୟୁଙ୍କ ମସ୍ତିଷ୍କର ଗତିବିଧି ସମ୍ପର୍କରେ ଜାଣିବା ପାଇଁ ୨୫୬ଟି ସେନସର୍ ଲଗାଯାଇଥିଲା। ଏଥିରୁ ଜାଣିବାକୁ ମିଳିଲା ଯେ, ଯେତେବେଳେ ମାଥ୍ୟୁ ଧ୍ୟାନ କରନ୍ତି, ତାଙ୍କ ମସ୍ତିଷ୍କରୁ ଗାମା ବିକିରଣ ହୁଏ। ଏହା ଏକାଗ୍ରତା ଏବଂ ସ୍ମୃତିଶକ୍ତି ବଢ଼ାଇବା ଦିଗରେ ସାହାଯ୍ୟ କରେ। ଏହାବାଦ୍ ତାଙ୍କର ବାମ ପାଖ ମସ୍ତିଷ୍କ ଖୁବ୍ ସକ୍ରିୟ ବୋଲି ସେନସର୍‌ରୁ ଜଣା ପଡ଼ିଲା। ଏହି ଭାଗ ସୃଜନଶୀଳତା ଏବଂ ଖୁସି ସହ ଜଡ଼ିତ। ଗବେଷକମାନେ ଏକଥା ସୁନିଶ୍ଚିତ ହେଲେ, ମାଥ୍ୟୁଙ୍କ ଭିତରେ କେବଳ ଖୁସି ଅଛି। ତାଙ୍କ ଭିତରେ ନକାରାତ୍ମକତା ପାଇଁ କୌଣସି ସ୍ଥାନ ନାହିଁ।



## ପେଟ୍ରୋଲ ପମ୍ପ ଭଳି ଡ୍ରିଙ୍କ୍ ଷ୍ଟେସନ

ବର୍ତ୍ତମାନ ବାହାଘରକୁ ସ୍ମରଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ନୂଆ ଟ୍ରେଣ୍ଡ ସବୁ ଦେଖିବାକୁ ମିଳୁଛି। ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ବାହାଘରରେ ଏକ ନୂଆ ଟ୍ରେଣ୍ଡ ସାମ୍ନାକୁ ଆସିଛି। ବିବାହ ମଣ୍ଡପରେ ଏକ ଡ୍ରିଙ୍କ୍ ଷ୍ଟେସନ ତିଆରି କରାଯାଇଛି। ଏହା ଅବିକଳ ପେଟ୍ରୋଲ ପମ୍ପ ମେସିନ୍ ଭଳି ଦେଖାଯାଉଛି। ଏଥିରେ ପେଟ୍ରୋଲ ପମ୍ପ ଭଳି ନୋଜଲ ଲାଗିଛି। ଅତିଥି ଏହି ନୋଜଲକୁ ଉଠାଇ ଗ୍ଲାସ୍‌ରେ ଭରୁଛନ୍ତି। ଜୁସ୍ ଏବଂ କୋଲଡ୍ରିଙ୍କ୍‌ସକୁ ଏହିଭଳି ଭାବେ ଅତିଥିଙ୍କୁ ସର୍ଭ କରାଯାଇଛି। ଅତିଥି ଏହି ଡ୍ରିଙ୍କ୍ ଷ୍ଟେସନ୍ ଦେଖି ଖୁବ୍ ଉତ୍ସାହିତ ଅଛନ୍ତି। କିଛି ଲୋକ ହସିକି ଏହାର ମଜା ନେବା ସହିତ ପେଟ୍ରୋଲ ଭରୁଥିବା କହିଛନ୍ତି। ସେହିପରି ଆଉ କିଛି ଜଣ ନୋଜଲ ସହ ଫଟୋ ଓ ଭିଡିଓ ପ୍ରସ୍ତୁତ କରିଛନ୍ତି।



ପୂରା ପରିବେଶ ବେଶ୍ ମଜାଦାର ଓ ଉତ୍ସାହଜନକ ପାଲଟିଛି। ଏହି ଡ୍ରିଙ୍କ୍ କାଉଣ୍ଟର କେବଳ ବାହାଘରର ସର୍ଭିସ ପଏଣ୍ଟ ହୋଇ ନାହିଁ, ବରଂ ପୂରା କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଭିଡିଓକୁ ଇନଷ୍ଟାଗ୍ରାମ୍‌ରେ ସେୟାର୍ କରାଯିବା ପରେ ଲୋକେ ଏଥିରେ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

# ସ୍ୱସ୍ତି

## ହାତରୁ ଜପ ମାଳା ଖସିବା ଶୁଭ ନା ଅଶୁଭ

**ହିନ୍ଦୁ ଧର୍ମରେ ମନ୍ତ୍ର ଜପର ବିଶେଷ ଆଧ୍ୟାତ୍ମିକ ମହତ୍ତ୍ୱ ଅଛି। ଶାସ୍ତ୍ରରେ ମନ୍ତ୍ର ଜପ ସହ ଜଡ଼ିତ ବିଶେଷ ନିୟମ ସମ୍ପର୍କରେ କୁହାଯାଇଛି। ତେବେ ମନ୍ତ୍ର ଜପ ବେଳେ ଅନେକ ସମୟରେ ମାଳା ହାତରୁ ଖସି ଯାଏ। ଏହା ଶୁଭ ନା ଅଶୁଭ, ସେ ସମ୍ପର୍କରେ ଜାଣିବା।**



- ହାତରୁ ମାଳା ଖସିବା ଏକାଗ୍ରତାର ଅଭାବକୁ ଦର୍ଶାଏ। ଲଗାତାର ମାଳା ହାତରୁ ଖସିବାର ଅର୍ଥ ମନ ପୂଜାରେ ସମ୍ପୂର୍ଣ୍ଣ ସ୍ଥିର ନାହିଁ। ଏହା ଏକଥା ସୂଚାଏ ଯେ, ମନରେ ସାଂସାରିକ ଚିନ୍ତା ଚାଲୁଛି ଏବଂ ସାଧନା ଖଣ୍ଡିତ ହେଉଛି।
- ଧାର୍ମିକ ମାନ୍ୟତାନୁସାରେ, ହାତରୁ ମାଳା ଅଚାନକ ଖସିବା ଭବିଷ୍ୟତରେ କାର୍ଯ୍ୟରେ ବିଫଳତାକୁ ସାମ୍ନା କରିବାକୁ ପଡ଼ିପାରେ। ଏହାକୁ ଏକପ୍ରକାର ଐଶ୍ୱରୀୟ ଚେତାବନୀ ବୋଲି ବିବେଚନା କରାଯାଏ।
- ସେହିପରି ମନ୍ତ୍ର ଜପ ବେଳେ ମାଳାଗୁଡ଼ିକ ବିଚ୍ଛୁରିତ ହେବା କିମ୍ବା ଛିଣ୍ଡି ଯିବା ଅଶୁଭ।
- ଏହା ପରିବାରରେ ଅଶାନ୍ତି ଓ ଆର୍ଥିକ କ୍ଷତିର ସଙ୍କେତ ହୋଇଥାଏ।
- ମନ୍ତ୍ର ଜପ ବେଳେ ମାଳା ପଡ଼ିବା ଅର୍ଥ ଜପର ନିରନ୍ତରତାକୁ ଭଙ୍ଗ କରେ। ଏହାଦ୍ୱାରା ଜପର ପୂର୍ଣ୍ଣ ଫଳ ପ୍ରାପ୍ତିରେ ବାଧା ଆସେ।
- ତେଣୁ ମନ୍ତ୍ର ଜପ ବେଳେ ସତର୍କତା ସହିତ ମାଳା ଜପିବାକୁ ପରାମର୍ଶ ଦିଆଯାଏ।
- ଅଜାଣତରେ ମାଳା ହାତରୁ ଖସି ପଡ଼ିଲେ ବ୍ୟସ୍ତ ହେବା ଅନୁଚିତ। ଦୋଷ ନିବାରଣର ବି ଉପାୟ ରହିଛି। ମାଳା ତଳେ ପଡ଼ିବା ମାତ୍ରେ ପ୍ରଥମେ ତାହାକୁ ଭୂମିରୁ ଉଠାଇ ମସ୍ତକରେ ଲଗାନ୍ତୁ।
- ଭଗବାନଙ୍କୁ ନିଜ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରିବା ଦରକାର।
- ଏହାପରେ ପୁଣି ମାଳାକୁ ହାତରେ ଧରି ଆସନରେ ବସି ଜପ କରିବା ଉଚିତ।

## ଚୈତ୍ର ପୂର୍ଣ୍ଣିମା

**ଚୈତ୍ର ପୂର୍ଣ୍ଣିମା ବା ଚଇତ ପୁନେଇଁ ହିନ୍ଦୁ ନବବର୍ଷର ପ୍ରଥମ ପୂର୍ଣ୍ଣିମା। ଏହି ଅବସରରେ ସ୍ନାନ, ଦାନ ସହ ଭଗବାନ ବିଷ୍ଣୁଙ୍କ ସ୍ୱରୂପ ସତ୍ୟନାରାୟଣ, ମାତା ଲକ୍ଷ୍ମୀ ଓ ପବନସୁତ ହନୁମାନଙ୍କ ଆରାଧନା କରାଯାଏ। ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦଣ୍ଡନାଚ ଓ ଚଇତି ଘୋଡ଼ା ନାଚ ଅନୁଷ୍ଠିତ ହୋଇଥାଏ।**



ଚଇତି ପର୍ବ କୈବର୍ତ୍ତମାନଙ୍କ ଶ୍ରେଷ୍ଠ ପର୍ବ। ସେମାନେ ନିଜର ଇଷ୍ଟଦେବୀ ଅଶ୍ୱମୁଖୀ ଦେବୀ ବାସୁକୀଙ୍କର ପୂଜା କରନ୍ତି। ଏହିଦିନ କୈବର୍ତ୍ତମାନେ ଘର ଲିପାପୋଛା କରି ଚିତା ଲେଖନ୍ତି। ଡଙ୍ଗାରେ ଫୁଲ, ଚନ୍ଦନ, ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରି ଛେନା ନଡ଼ିଆ ଗୁଡ଼ ଆଦି ଭୋଗ ଲାଗି କରନ୍ତି। ଏହି ଅବସରରେ ଚଇତି ଘୋଡ଼ା ନାଚ ଅନୁଷ୍ଠିତ ହୋଇଥାଏ। ନିଜ ନିଜ ଅଞ୍ଚଳର ଗାଁରେ ବୁଲି ଘୋଡ଼ା ନାଚ କରନ୍ତି। ବୈଶାଖ ମାସ ଅଷ୍ଟମୀ ଯାଏଁ ଚଇତି ଘୋଡ଼ା ନୃତ୍ୟ ୮ ଦିନ ପରିବେଷଣ କରାଯାଏ।

କିମ୍ବଦନ୍ତୀ ଅନୁସାରେ, ଶ୍ରୀରାମଚନ୍ଦ୍ର ବନବାସକୁ ଗଲା ବେଳେ ବାଟରେ ସରଯୂ ନଦୀ ପଡ଼ିଲା। ଜଣେ ଧୀବର ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ନଦୀ ପାର କରାଇ ଥିଲେ। ଶ୍ରୀରାମଚନ୍ଦ୍ର ସେହି କେଉଟଙ୍କ ଉପରେ ଖୁସି ହୋଇ ଉପହାର ସ୍ୱରୂପ ଘୋଡ଼ା ଦେଇ ଥିଲେ। ସେବେଠୁ ଖୁସିରେ କୈବର୍ତ୍ତମାନେ ଏହି ପର୍ବ ପାଳି ଆସୁଛନ୍ତି।

ଏହିଦିନ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀଙ୍କ ପୂଜା କରାଯାଏ। ଏହା ଦ୍ୱାରା ଧନ, ଐଶ୍ୱର୍ଯ୍ୟ ଓ ସୁଖ ସମୃଦ୍ଧି ପ୍ରାପ୍ତ ହୁଏ। ସ୍ନାନ, ଦାନ, ବ୍ରତ ଏବଂ ଭଗବାନ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ଅଜାଣତରେ ହୋଇଥିବା ଭୁଲ୍‌ର ପାପ କ୍ଷୟ ହୁଏ। ଏହିଦିନ ହନୁମାନଙ୍କ ପୂଜା କରିବା ଶୁଭ ହୋଇଥାଏ। ଚନ୍ଦ୍ରଦେବଙ୍କୁ ଅର୍ଘ୍ୟ ଅର୍ପଣ କରିବା ଦ୍ୱାରା ବୈବାହିକ ଜୀବନର ସମସ୍ୟା ଦୂର ହୋଇଥାଏ। ଏଥର ଏପ୍ରିଲ ୨ ତାରିଖରେ ଚୈତ୍ର ପୂର୍ଣ୍ଣିମା ପାଳନ କରାଯିବ।

## ଘରେ ଫଟୋ ଫ୍ରେମ୍ ଲଗାଉ ଥିଲେ...

ଘରକୁ ସଜାଇବା ପାଇଁ ଲୋକେ ବିଭିନ୍ନ ପ୍ରକାର ଫଟୋ ଫ୍ରେମ ଲଗାନ୍ତି। ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ଫଟୋ ଫ୍ରେମ୍ ଲଗାଇଲେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଥାଏ। ତେବେ ଏହାକୁ ଠିକ୍ ଦିଗରେ ନ ଲଗାଇଲେ ବାସ୍ତୁ ଦୋଷ ସୃଷ୍ଟି ହୋଇପାରେ।

- ବିବାହ ଫଟୋକୁ ସବୁବେଳେ ଠିକ୍ ଦିଗରେ ଲଗାଇବା ଉଚିତ। ଭୁଲ୍ ଦିଗରେ ଲଗାଇଲେ ବୈବାହିକ ଜୀବନରେ ତିକ୍ତତା ସୃଷ୍ଟି ହୁଏ। ତେଣୁ ବିବାହ ଫଟୋକୁ ଉତ୍ତର ଦିଗରେ ଲଗାଇବା ଅନୁଚିତ। ଏହା ସହ ଉତ୍ତର-ପୂର୍ବ ଦିଗରେ ଲଗାଇବା ଠିକ୍ ନୁହେଁ।
- ଦକ୍ଷିଣ-ପଶ୍ଚିମ ଦିଗରେ ପାରିବାରିକ ଫଟୋ ଲଗାଇବା ଭଲ। ଏହି ଦିଗରେ ଲଗାଇଲେ ଘରକୁ ସମୃଦ୍ଧି ଆସେ। ପରିବାର ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ବଜାୟ ରହେ।
- ଭଗବାନଙ୍କ ଫଟୋ କାନ୍ଥରେ ଲଗାଇବା ପାଇଁ ଐଶାନ୍ୟ କୋଣ ଉତ୍ତମ। ଏହି କୋଣରେ ଫଟୋ ରହିବା ଶୁଭ। ବାସ୍ତୁ ଶାସ୍ତ୍ରରେ ଏହି ଦିଗକୁ ସବୁଠୁ ପବିତ୍ର ବୋଲି ବିବେଚନା କରାଯାଏ। ଅବଶ୍ୟ ଏ ଦିଗରେ ଅନ୍ୟ କୌଣସି ଫଟୋ ଲଗାଇବା ଅନୁଚିତ।



## ତୁଳସୀ ଗଛ ପାଇଁ ମାନନ୍ତୁ ଏହି ନିୟମ

**ତୁଳସୀ ଗଛ ଶୁଖିଗଲେ ବି ତା'ର ପବିତ୍ରତା ଶେଷ ହୋଇ ନ ଥାଏ। ତୁଳସୀ ଗଛ ଶୁଖିଯିବାକୁ ନାରାୟଣ ପ୍ରାପ୍ତି ବୋଲି କୁହାଯାଏ। ଧାର୍ମିକ ମାନ୍ୟତାନୁସାରେ, ଶୁଖିଯାଇଥିବା ତୁଳସୀ ଗଛର ଅନାଦର କରିବା ଦ୍ୱାରା ଘରେ ଅଭାବ, ଅଶାନ୍ତି ଦେଖା ଦିଏ। ତେବେ ଶୁଖିଲା ତୁଳସୀ ଗଛର କିଭଳି ବିସର୍ଜନ କରିବା ଉଚିତ, ସେ ସମ୍ପର୍କରେ ଜାଣିବା।**



ତୁଳସୀର ସମ୍ବନ୍ଧ ଭଗବାନ ବିଷ୍ଣୁ ଏବଂ ମା' ଲକ୍ଷ୍ମୀଙ୍କ ସହିତ ଜଡ଼ିତ। ତେଣୁ ଶୁଖିଯାଇଥିବା ତୁଳସୀକୁ ଆଦର କରିବା ଉଚିତ। ଘରେ ଥିବା ତୁଳସୀ ଗଛ ସମ୍ପୂର୍ଣ୍ଣ ଶୁଖିଯାଇଥିଲେ, ଏହାକୁ ହଟାଇବା ପୂର୍ବରୁ କିଛି ଦିଗ ଉପରେ ଧ୍ୟାନ ଦେବା ଜରୁରି। ପ୍ରଥମେ ତୁଳସୀ ଗଛକୁ କ୍ଷତି ନ ପହଞ୍ଚିଲା ଭଳି ମୂଳରୁ ଓପାଡ଼ିବା ଉଚିତ। ଏହାପରେ ତୁଳସୀ ଗଛକୁ କୌଣସି ପରିଷ୍କାର କପଡ଼ା ବା ନାଲି କପଡ଼ା ନଚେତ୍ ଧଳା କାଗଜରେ ଗୁଡ଼ାଇ ଦିଅନ୍ତୁ। ଏଭଳି କରିବାକୁ ଶୁଭ ବୋଲି ବିଚାର କରାଯାଏ। ସେହିପରି ଏହି ପୂରା ପ୍ରକ୍ରିୟା ଏକପ୍ରକାର ଶ୍ରଦ୍ଧା ଓ ସମ୍ମାନକୁ ଦର୍ଶାଏ।

ତେବେ ତୁଳସୀ ଗଛର ବିସର୍ଜନ କୌଣସି ପବିତ୍ର ନଦୀରେ କରିପାରିବେ। ନଚେତ ଏହାକୁ କୁଣ୍ଡରେ ପୋତି ପାରିବେ। ଏହି ଉପାୟକୁ ବି ସମ୍ମାନଜକ ବୋଲି କୁହାଯାଏ। ବିସର୍ଜନ ସମୟରେ ମନ୍ତ୍ର ଜପ କରିବା ଉଚିତ। ମନ୍ତ୍ରକୁ ତିନି, ସାତ ତଥା ୧୧ ଥର ଜପ କରିପାରିବେ। ଅନ୍ୟପକ୍ଷରେ ତୁଳସୀ ଗଛକୁ ଗୁରୁବାର ଓ ଶୁକ୍ରବାରରେ ବିସର୍ଜନ କରିବାକୁ ଶୁଭ ବୋଲି କୁହାଯାଇଛି।




ସକାଳ
THE SAKALA
www.sakalaepaper.com

## ମୁମ୍ବଇ ଇଣ୍ଡିଆନ୍ସ ବନାମ କୋଲକାତା ନାଇଟ୍ ରାଇଡର୍ସ

# ରାହାଣେ ଓ ରଘୁବଂଶୀଙ୍କ ଧୂଆଁଧାର ଅର୍ଦ୍ଧଶତକ




ମୁମ୍ବଇ,୨୯।୩(ଏଜେନ୍ସି):

ଅଧିନାୟକ ଆଜିଙ୍କ୍ୟା ରାହାଣେ ଓ ଯୁବ ଖେଳାଳି ଅଙ୍ଗକ୍ରିସ୍ ରଘୁବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ମୁମ୍ବଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟରେ ୨୨୦ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ରାହାଣେ ମୋଟରେ ୪୦ ବଲ୍‌ରୁ ୩ ଚୌକା ଓ ୫ ଛକା ସହ ସର୍ବାଧିକ ୬୭ ଓ ୨୮ ବଲ୍‌ରେ ୫୦ରନ୍ ପୂରଣ କରିଥିବା ରଘୁବଂଶୀ ୨୯ ବଲ୍‌ରୁ ୬ ଚୌକା ଓ ୨ଛକା ସହ ୫୧ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ମ୍ୟାଚ୍‌ରେ ଆଇପିଏଲ୍ ଡେବ୍ୟୁ କରିଥିବା ଫିନ୍ ଆଲେନ୍ ୧୭ ବଲ୍‌ରୁ ୬ଚୌକା ଓ ୨ଛକା ସହ ୩୭, ରିଙ୍କୁ ସିଂ ୨୧ବଲ୍‌ରୁ ୪ ଚୌକା ସହ ଅପରାଜିତ ୩୩ ରନ୍‌ର ଉପଯୋଗୀ ସହାୟତା ଯୋଗାଇ ଦେଇଛନ୍ତି। କାମେରନ ଗ୍ରୀନ୍ ୧୦ ବଲ୍‌ରୁ ୧୮ ରନ୍ କରିଥିଲେ। ରାହାଣେ ଓ ଆଲେନ୍ ପ୍ରଥମ ୱିକେଟରେ ୩୨ବଲ୍‌ରୁ ୬୯, ରିଙ୍କୁ ଓ ଅଙ୍ଗକ୍ରିସ୍ ଚତୁର୍ଥ ୱିକେଟରେ ୩୦ ବଲ୍‌ରୁ ୬୦ ରନ୍ ଉଠାଇଥିଲେ। ୨୦୨୫ରେ ଓପନିଂ ଯୋଡ଼ିରୁ ଅର୍ଦ୍ଧଶତକ ପୂରଣ କରି ନ ଥିବା କେକେଆର୍ ଏଠାରେ ପାୱାର ପ୍ଲେ'ରେ ୭୮ ରନ୍ ଉଠାଇଥିଲା। ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ଶାର୍ଦ୍ଦୁଳ ଠାକୁର ସର୍ବାଧିକ ୩ଟି ୱିକେଟ ପାଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅନ୍ୟ ୱିକେଟଟି ମିଳିଥିଲା। ସେ ଦ୍ୱିତୀୟ ଓଭରରେ ୨୬ ରନ୍ ବ୍ୟୟ କରିଥିଲେ।

## ଏମ୍‌ଆଇର ୩ ଡେବ୍ୟୁଟାଣ୍ଟ

ମୁମ୍ବଇ ଇଣ୍ଡିଆନ୍ସ ଏଠାରେ ୩ଜଣ ଖେଳାଳିଙ୍କୁ ଡେବ୍ୟୁ କରିବାକୁ ସୁଯୋଗ ଦେଇଛି। ଏମାନେ ହେଲେ ଆଫଗାନିସ୍ତାନର ମିଷ୍ଟ୍ରି ସ୍ପିନର ଏଏମ୍ ଘଜନଫର, ଶାର୍ଦ୍ଦୁଳ ଠାକୁର ଓ ଶେର୍ଫାନ ରଦରଫୋର୍ଡ। ଏମାନେ ପୂର୍ବରୁ ଅନ୍ୟ ଫ୍ରାଞ୍ଚାଇଜ୍ ପକ୍ଷରୁ ଆଇପିଏଲ୍ ଖେଳିଥିଲେ ମଧ୍ୟ ମୁମ୍ବଇ ପକ୍ଷରୁ ପ୍ରଥମଥର ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ୱିକେଟକିପର କ୍ୱିଣ୍ଟନ ଡି କକ୍‌ଙ୍କ ସ୍ଥାନରେ ରିୟାନ ରିକେଲଟନ୍‌ଙ୍କୁ ସାମିଲ କରିଛି। ସେହିପରି ଟିମ୍ ଇଣ୍ଡିଆ କ୍ୟାପ୍ଟେନ ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ରଥମ ଏକାଦଶରେ ସାମିଲ କରିନାହିଁ। ଦଳ ଟସ୍ ଜିତି ବୋଲିଂ କରୁଥିବାରୁ ସୂର୍ଯ୍ୟକୁମାରଙ୍କୁ ଇମ୍ପାକ୍ଟ ପ୍ଲେୟର ଭାବେ ଖେଳିବାକୁ ସୁଯୋଗ ଦେବ। ଅନ୍ୟ ପକ୍ଷରେ ପ୍ରତିଦ୍ୱନ୍ଦ୍ୱୀ କୋଲକାତା ନାଇଟ୍ ରାଇଡର୍ସ ଦୁର୍ବଳ ବୋଲିଂ ଲାଇନ୍‌କୁ ନେଇ ଖେଳୁଛି। ପେସ୍ ବୋଲରଭାବେ ବ୍ଲେସିଂ ମୁଜାରବାନି ଓ ବୈଭବ ଅରୋରା ଖେଳୁଛନ୍ତି। ରମଣଦୀପ ସିଂ ଓ କାମେରନ ଗ୍ରୀନ୍ ପେସ୍ ବୋଲିଂ ଅଲରାଉଣ୍ଡର ଭାବେ ସାମିଲ ହୋଇଛନ୍ତି। ଦଳରେ ୩ଜଣ ସ୍ପେଶାଲିଷ୍ଟ ସ୍ପିନର ସୁନୀଲ ନାରିନ୍, ବରୁଣ ଚକ୍ରବର୍ତ୍ତୀ ଓ ଅନୁକୂଳ ରୟ ଖେଳୁଛନ୍ତି। ଅନ୍ୟପକ୍ଷରେ ୫୨୫୯ ରନ୍ କରିବା ପରେ କେକେଆର୍ ପକ୍ଷରୁ ନ୍ୟୁଜିଲାଣ୍ଡ ଖେଳାଳି ଫିନ୍ ଆଲେନ୍ ୫୨୫୯ ରନ୍ କରିବା ପରେ ଆଇପିଏଲ୍‌ରେ ଡେବ୍ୟୁ କରିଛନ୍ତି।




**ଆଜିର ଆଇପିଏଲ୍ ମ୍ୟାଚ୍**

ରାଜସ୍ଥାନ ରୟାଲ୍ସ ବନାମ ଚେନ୍ନଇ ସୁପର କିଙ୍ଗ୍ସ
ଭେନ୍ୟୁ- ଗୌହାଟୀ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ବିଜୟରୁ ଆର୍‌ସିବିର ଅଭିଯାନ

ବେଙ୍ଗାଲୁରୁ,୨୯।୩(ଏଜେନ୍ସି): ଫାଷ୍ଟ ବୋଲର ଜ୍ୟାକବ ଡଫି (୩/୨୨)ଙ୍କ ଦମ୍‌ଦାର ବୋଲିଂ, ବିରାଟ କୋହଲି (ଅପରାଜିତ ୬୯) ଓ ଦେବଦତ୍ତ ପାଡିକଲ (୬୧)ଙ୍କ ଅର୍ଦ୍ଧଶତକ ସହାୟତାରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଶନିବାର ସନ୍‌ରାଇଜର୍ସ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍‌କୁ ଆର୍‌ସିବି ୬ ୱିକେଟରେ ଜିତିନେଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ହାଇଦରାବାଦ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୨୦୧ ରନ୍ କରିଥିଲା। ଜବାବରେ ଆର୍‌ସିବି ୨୦ଟି ବଲ ଓ ୬ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା। ଏହି ବିଜୟ ଫଳରେ ଆର୍‌ସିବିକୁ ପୂରା ୨ ପଏଣ୍ଟ ମିଳିଛି। ଦଳ ତାହାର ଦ୍ୱିତୀୟ ମ୍ୟାଚ୍‌ରେ ଚେନ୍ନଇ ସୁପର କିଙ୍ଗ୍‌ସକୁ ଏଠାରେ ଏପ୍ରିଲ ୫ରେ ଭେଟିବ। ସେହିପରି ସନ୍‌ରାଇଜର୍ସ ପରବର୍ତ୍ତୀ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ଇଡେନ ଗାର୍ଡେନ୍ସରେ ଏପ୍ରିଲ ୨ରେ ଭେଟିବ।

## କୋହଲି ଟି-୨୦ ଫର୍ମାଟରେ ଏସିଆର ସର୍ବାଧିକ ରନ୍ ସଂଗ୍ରହକାରୀ



ବେଙ୍ଗାଲୁରୁ,୨୯।୩(ଏଜେନ୍ସି): ଭାରତର ବିରାଟ କୋହଲି ଏବେ ଟି-୨୦ ଫର୍ମାଟରେ ଏସିଆ ମହାଦେଶର ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ଗତକାଲି ଏଠାରେ ଅନୁଷ୍ଠିତ ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷ ଆଇପିଏଲ୍-୨୦୨୬ର ଉଦ୍‌ଘାଟନୀ ମୁକାବିଲାରେ କୋହଲି ୩୮ ବଲ୍‌ରୁ ଅପରାଜିତ ୬୯ ରନ୍ ସଂଗ୍ରହ କରିବା ଫଳରେ ପାକିସ୍ତାନର ସୋଏବ ମଲିକଙ୍କୁ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି। ଟି-୨୦ କ୍ୟାରିୟରରେ ସୋଏବ ୫୫୭ଟି ମ୍ୟାଚ୍ ଖେଳି ୧୩,୫୭୧ରନ୍ କରିଛନ୍ତି। ଗତକାଲିର ମ୍ୟାଚ୍ ପରେ କୋହଲି ୧୩,୬୧୨ ରନ୍ କରିଛନ୍ତି। ଏଥିଲାଗି ସେ ୪୧୫ଟି ମ୍ୟାଚ୍‌ର ସହାୟତା ନେଇଥିଲେ। ଏହି ରେକର୍ଡ ସହ ଟି-୨୦ ଫର୍ମାଟରେ ସେ ବିଶ୍ୱର ଷଷ୍ଠ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ବିବେଚିତ ହୋଇଛନ୍ତି। ୱେଷ୍ଟଇଣ୍ଡିଜ୍‌ର କ୍ରିସ୍ ଗେଲ ୪୬୩ ମ୍ୟାଚ୍‌ରୁ ସର୍ବାଧିକ ୧୪,୫୬୨, କାଇରନ ପୋଲାର୍ଡ ୭୩୫ ମ୍ୟାଚ୍‌ରୁ ୧୪,୪୮୨, ଇଂଲଣ୍ଡର ଆଲେକ୍ସ ହେଲ୍ସ ୫୨୮ ମ୍ୟାଚ୍‌ରୁ ୧୪,୪୪୯, ଅଷ୍ଟ୍ରେଲିଆର ଡେଭିଡ ୱାର୍ଣ୍ଣର ୪୩୩ ମ୍ୟାଚ୍‌ରୁ ୧୪,୦୬୩ ଓ ଇଂଲଣ୍ଡର ଜୋସ୍ ବଟଲର ୪୯୩ ମ୍ୟାଚ୍‌ରୁ ୧୩, ୮୪୫ ରନ୍ ସଂଗ୍ରହ କରି କୋହଲିଙ୍କ ଉପରେ ରହିଛନ୍ତି।

## ୩୦୦ ଟି-୨୦ ମ୍ୟାଚ୍ ଖେଳିବାରେ ମୁମ୍ବଇ ପ୍ରଥମ ଫ୍ରାଞ୍ଚାଇଜ୍ ଟିମ୍

ମୁମ୍ବଇ,୨୯।୩(ଏଜେନ୍ସି): ୫ଥରର ଆଇପିଏଲ୍ ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସ ଏଠାରେ କୋଲକାତା ନାଇଟ୍ ରାଇଡର୍ସ ସହ ଆଇପିଏଲ୍-୨୦୨୬ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବା ଫଳରେ ବିଶ୍ୱର ପ୍ରଥମ ଫ୍ରାଞ୍ଚାଇଜ୍ ଟିମ୍ ଭାବେ ୩୦୦ ଟି-୨୦ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି। ଟି-୨୦ରେ ୩୦୦ ମ୍ୟାଚ୍ ଖେଳିବାରେ ମୁମ୍ବଇ ଇଣ୍ଡିଆନ୍ସ ତୃତୀୟ ଦଳ। ଏହା ପୂର୍ବରୁ ପାକିସ୍ତାନ ନ୍ୟାସନାଲ କ୍ରିକେଟ ଟିମ୍ ଓ ଇଂଲଣ୍ଡର ସମରସେଟ୍ ଉଭୟ ୩୦୩ଟି ଲେଖାଏଁ ମ୍ୟାଚ୍ ଖେଳି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ଆଇପିଏଲ୍ ଖେଳୁଥିବା ଟିମ୍ ମଧ୍ୟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୮୭ଟି ଓ କୋଲକାତା ନାଇଟ୍ ରାଇଡର୍ସ ୨୮୧ଟି ମ୍ୟାଚ୍ ଖେଳିଛନ୍ତି। ମୁମ୍ବଇ ଇଣ୍ଡିଆନ୍ସ ଆଇପିଏଲ୍‌ରେ ୨୭୭ଟି ଓ ଚାମ୍ପିଅନ୍ସ ଲିଗ୍ ଟି-୨୦ରେ ୨୨ଟି ମ୍ୟାଚ୍ ଖେଳି ଏହି ରେକର୍ଡର ଅଧିକାରୀ ହୋଇଛି।

## ଜାପାନିଜ୍ ଗ୍ରାଁ ପ୍ରି: ଆଣ୍ଟୋନେଲି ଚାମ୍ପିଅନ



ସୁଜୁକା,ଜାପାନ,୨୯।୩ (ଏଜେନ୍ସି): ମର୍ସିଡିଜ୍‌ର ୧୯ ବର୍ଷୀୟ ଇଟାଲୀୟ ଡ୍ରାଇଭର କିମି ଆଣ୍ଟୋନେଲି ଏଠାରେ ରବିବାର ଅନୁଷ୍ଠିତ ଜାପାନିଜ୍ ଗ୍ରାଁ ପ୍ରି ଫର୍ମୁଲା-ୱାନ୍ କାର ରେସ୍‌ରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଏହା ଫଳରେ ସେ କ୍ରମାଗତ ଦୁଇଟି ଗ୍ରାଁ ପ୍ରି ରେସ୍ ଜିତିବା ସହ ସର୍ବକନିଷ୍ଠ ଡ୍ରାଇଭର ଭାବେ ୱାର୍ଲ୍ଡ ଚାମ୍ପିଅନ ରେସ୍‌ରେ ଆଗୁଆ ରହିଛନ୍ତି। ତାଙ୍କଠାରୁ ଟିମ୍‌ମେଟ ଜର୍ଜ ରସେଲ ୯ ପଏଣ୍ଟ ପଛରେ ରହି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ରସେଲ ଏଠାରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ପୋଲ ପୋଜିସନରୁ ରେସ୍ ଆରମ୍ଭ କରିଥିବା ଆଣ୍ଟୋନେଲି ଖୁବ୍ ଶୀଘ୍ର ଷଷ୍ଠ ସ୍ଥାନକୁ ଖସି ଆସିଥିଲେ। ଏହା ପରେ ସେ ନିଜ କାର ଉପରେ ନିୟନ୍ତ୍ରଣ ରଖିବା ସହ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମ୍ୟାକ୍‌ଲରେନ୍‌ର ଓସ୍କାର ପିଆଷ୍ଟ୍ରିଙ୍କଠାରୁ ୧୩.୭ ସେକେଣ୍ଡ ଆଗରେ ରେସ୍ ପୂରଣ କରି ଚାମ୍ପିଅନ ହୋଇଥିଲେ। ଫେରାରିର ଚାର୍ଲସ ଲାକ୍ଲେର୍କ ତୃତୀୟ ସ୍ଥାନରେ ରହିଥିଲେ। ବିଶ୍ୱଚାମ୍ପିଅନ ଲାଣ୍ଡୋ ନୋରିସ୍ ୫ମ ଓ ଫେରାରିର ଲୁଇସ ହାମିଲଟନ ଷଷ୍ଠ ସ୍ଥାନ ଅଧିକାର କରିଥିଲେ। ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍‌ଙ୍କୁ ୮ମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

## ଫିଫା ବିଶ୍ୱକପ୍ ୱାର୍ମଅପ୍ ମୁକାବିଲା: ବକ୍ସ ସିଟ୍‌ରୁ ପଡ଼ି ଦର୍ଶକଙ୍କ ମୃତ୍ୟୁ



ମେକ୍ସିକୋ ସିଟି,୨୯।୩(ଏଜେନ୍ସି): ଚଳିତବର୍ଷର ଫିଫା ବିଶ୍ୱକପ୍ ଫୁଟବଲର ଉଦ୍‌ଘାଟନୀ ମୁକାବିଲା ମେକ୍ସିକୋ ସିଟିର ନବୀକରଣ କରାଯାଇଥିବା ଇଷ୍ଟାଡିଓ ବାନୋର୍ଟେ ବା ଆଜ୍‌ଟେକା ଷ୍ଟାଡିୟମ୍‌ରେ ଖେଳାଯିବ। ଏଥିଲାଗି ଗତକାଲି ମେକ୍ସିକୋ ଓ ପର୍ତ୍ତୁଗାଲ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲାର ଆୟୋଜନ କରାଯାଇଥିଲା। କିନ୍ତୁ ମ୍ୟାଚ୍ ଆରମ୍ଭ ପୂର୍ବରୁ ଷ୍ଟାଡିୟମ୍‌ରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଷ୍ଟାଡିୟମ୍‌ର ବକ୍ସ ସିଟ୍‌ରେ ବସିଥିବା ଜଣେ ଦର୍ଶକ ଭୁଲବଶତଃ ତଳେ ପଡ଼ିଯାଇ ମୃତ୍ୟୁବରଣ କରିଥିଲେ। ଫଳରେ ମ୍ୟାଚଟି ବିଳମ୍ବରେ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବ ଓ ମୁକାବିଲା ପୂର୍ବରୁ ଷ୍ଟାଡିୟମ୍‌ରେ ଥିବା ସୁବିଧା ସୁଯୋଗକୁ ପରୀକ୍ଷା ନୀରିକ୍ଷା କରିବା ସକାଶେ ଏହି ମ୍ୟାଚ୍‌ର ଆୟୋଜନ କରାଯାଇଥିଲା। ଏଥିରେ ଆୟୋଜକ ସଫଳ ହୋଇଥିଲେ ମଧ୍ୟ ଦର୍ଶକଙ୍କ ମୃତ୍ୟୁ ସମସ୍ତଙ୍କୁ ନିରାଶ କରିଥିଲା।

## ସାବାଲେଙ୍କା ଜିତିଲେ ମିଆମି ଓପନ



ମିଆମି,୨୯।୩(ଏଜେନ୍ସି): ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଏଠାରେ ରବିବାର ଅନୁଷ୍ଠିତ ମିଆମି ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ମହିଳା ଏକକ ଚାମ୍ପିଅନ ହୋଇଛନ୍ତି। କୌଣସି ସେଟ୍ ନ ହରାଇ ଫାଇନାଲରେ ପ୍ରବେଶ କରିଥିବା ସାବାଲେଙ୍କା ଫାଇନାଲରେ ସ୍ଥାନୀୟ ତଥା ଆମେରିକୀୟ ଖେଳାଳି କୋକୋ ଗଫ୍‌ଙ୍କୁ ୬-୨, ୪-୬, ୬-୩ ସେଟ୍‌ରେ ପରାସ୍ତ କରି ୨୦୨୫ ଫ୍ରେଞ୍ଚ ଓପନ ଫାଇନାଲ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଥିଲେ। ଗଫ୍ ଏହି ସ୍କୋରରେ ସାବାଲେଙ୍କାଙ୍କୁ ହରାଇ ଫ୍ରେଞ୍ଚ୍ ଓପନ ଜିତିଥିଲେ। ଏହା ପୂର୍ବରୁ ସେ ଇଣ୍ଡିଆନ୍ ୱେଲ୍ସରେ ଟାଇଟଲ ଜିତିଥିଲେ। ଫଳରେ ସେ ବିଶ୍ୱର ୫ମ ଖେଳାଳି ଭାବେ ସନ୍‌ସାଇନ୍ ଡବଲ କୁହାଯାଉଥିବା ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। କାଲିଫର୍ଣ୍ଣିଆ ଓ ଫ୍ଲୋରିଡାରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଥିବାରୁ ଏହାକୁ ସନ୍‌ସାଇନ୍ ଡବଲ କୁହାଯାଇଥାଏ। ତାଙ୍କ ପୂର୍ବରୁ ୨୦୨୨ରେ ଇଗା ସ୍ୱିଆଟେକ୍, ୨୦୨୬ରେ ଭିକ୍ଟୋରିଆ ଆଜରେଙ୍କା, ୨୦୦୫ରେ କିମ୍ କ୍ଲାଇଷ୍ଟର୍ସ, ୧୯୯୪ ଓ ୧୯୯୬ରେ ଷ୍ଟେଫି ଗ୍ରାଫ୍ କ୍ରମାଗତଭାବେ ଏହି ଦୁଇଟି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ।

## ବାନ୍ଧବୀଙ୍କୁ ମର୍ସିଡିଜ୍ କାର ଉପହାର ଦେଲେ ପାଣ୍ଡ୍ୟା



ମୁମ୍ବଇ, ୨୯ ।୩ (ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ନିକଟରେ ଫେରାରୀ ୧୨ ସିଲିଣ୍ଡ୍ରି କାର୍ କିଣିଥିଲେ। ଏହି ବିଳାସପୂର୍ଣ୍ଣ ମୂଲ୍ୟ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏବେ ପାଣ୍ଡ୍ୟା ତାଙ୍କ କାର୍ କଲେକ୍ସନରେ ଆଉ ଏକ ଦାମୀ ଗାଡ଼ି ସାମିଲ କରିଛନ୍ତି। ସେ ମର୍ସିଡିଜ-ବେଞ୍ଜର ଭି-କ୍ଲାସ ମଡେଲ କିଣିଛନ୍ତି। ବାନ୍ଧବୀ ମାହିକା ଶର୍ମାଙ୍କ ସହ ପାଣ୍ଡ୍ୟା କାର କିଣିବାକୁ ଶୋ'ରୁମକୁ ଯାଇଥିଲେ। ଏହାର କିଛି ଫଟୋ ଶୋ'ରୁମ ପକ୍ଷରୁ ସୋସିଆଲ ମିଡିଆରେ ଶେୟାର କରାଯାଇଛି। ରିପୋର୍ଟ ଅନୁଯାୟୀ ପାଣ୍ଡ୍ୟା ଏହି କାରଟି ମାହିକାଙ୍କୁ ଉପହାର ଆକାରରେ ଦେଇଛନ୍ତି। ଏହାର ଅନରୋଡ୍ ବଜାର ମୂଲ୍ୟ ୧.୬ କୋଟି ଟଙ୍କା ରହିଛି।

## ■ ସ୍କୁଲ ଓପନ ଚେସ୍: ଆରିଶନନ୍ଦ ଚାମ୍ପିଅନ

ଭୁବନେଶ୍ୱର,୨୯।୩(ସମିସ): ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ତୃତୀୟ ଏଲ୍‌ଏନ୍ ମହାନ୍ତି ସ୍ମାରକୀ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି।



ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ଆରିଶ ସର୍ବାଧିକ ୪.୫ ପଏଣ୍ଟ ପାଇଥିଲେ। କେଭି ନଂ-୧ର ଆୟୁଷ୍ମାନ ବେହେରା ପ୍ରଥମ ରନର୍ସଅପ୍ ଓ କଳିଙ୍ଗନଗର ଡିଏଭିର ସ୍ୱସ୍ତି ଷଡଙ୍ଗୀ ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି। ଉଭୟ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ।

## ■ ଦକ୍ଷିଣ ଆଫ୍ରିକା ଗସ୍ତ: ଭାରତୀୟ ବଧିର କ୍ରିକେଟ୍ ଦଳରେ ସନ୍ତୋଷ



ଭୁବନେଶ୍ୱର, ୨୯ ।୩ (ସମିସ): ଭାରତୀୟ ବଧିର କ୍ରିକେଟ୍ ଦଳ ଆସନ୍ତା ମାସରେ ଏକ ସୀମିତ ଓଭର ସିରିଜ ଖେଳିବା ଲାଗି ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବ। ଏହି ଗସ୍ତରେ ଭାରତ ତିନୋଟି ଟି-୨୦ ଓ ଦୁଇଟି ଦିନିକିଆ ମ୍ୟାଚ୍ ଖେଳିବ। ଏଥିଲାଗି ଭାରତୀୟ ବଧିର କ୍ରିକେଟ୍ ସଂଘ ପକ୍ଷରୁ ରବିବାର ୧୪ ଜଣିଆ ଦଳ ଘୋଷଣା କରାଯାଇଛି। ହିମାଚଳର ବୀରେନ୍ଦ୍ର ସିଂହଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାର ସନ୍ତୋଷ କୁମାର ମହାପାତ୍ର ସ୍ଥାନ ପାଇଛନ୍ତି। ତାଳଚେର ଜନ୍ମିତ ପ୍ରଶାନ୍ତ ଜଣେ ଦକ୍ଷ ଅଲ୍‌ରାଉଣ୍ଡର। ତାଳଚେରରେ ସେ ୟୁଥ୍ ସ୍ପୋର୍ଟ୍ସ କ୍ଲବ ସହ ଜଡ଼ିତ ରହିଛନ୍ତି। ଗତ ଫେବୃଆରୀରେ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏସିଆ କପ୍ ବଧିର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସନ୍ତୋଷ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଏଥିରେ ଭାରତ ଚାମ୍ପିଅନ ହୋଇଥିବାବେଳେ ସନ୍ତୋଷ ବ୍ୟାଟିଂ ଓ ଫିଲ୍ଡରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସନ୍ତୋଷଙ୍କୁ ଓଡ଼ିଶା ବଧିର କ୍ରିକେଟ୍ ସଂଘର ସମ୍ପାଦକ ସାଗରକାନ୍ତ ସେନାପତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ଏପ୍ରିଲ ୨୬ ଓ ୨୮ ତାରିଖରେ ଦୁଇଟିଯାକ ଦିନିକିଆ ମ୍ୟାଚ୍ ଖେଳିବ। ଏହାପରେ ଏପ୍ରିଲ ୩୦, ମେ ୧ ଓ ୨ ତାରିଖରେ ୩ଟି ଯାକ ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

## ଶେଷ ବଲ୍‌ରେ ଛକା ମାରି ଦ.ଆଫ୍ରିକାକୁ ଜିତାଇଲେ ରେନେକେ



ଖ୍ରୀଷ୍ଟଚର୍ଚ୍ଚ,୨୯।୩(ଏଜେନ୍ସି):

ସୁଇଂ ବୋଲିଂକୁ ସହାୟତା ଦେଉଥିବା ହାଗ୍‌ଲେ ଓଭାଲ ପିଚ୍‌ରେ କାୟଲା ରେନେକେ ଶେଷ ବଲରେ ଛକା ମାରି ଦକ୍ଷିଣ ଆଫ୍ରିକାକୁ ବିଜୟୀ କରାଇଛନ୍ତି। ଏଠାରେ ରବିବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଡେବ୍ୟୁ କରିଥିବା ରେନେକେ ନଂ-୮ରେ ବ୍ୟାଟିଂ କରିବାକୁ ଆସିଲାବେଳେ ମ୍ୟାଚ୍ ଜିତିବା ଲାଗି ଦକ୍ଷିଣ ଆଫ୍ରିକାକୁ ୭୫ ବଲ୍‌ରେ ୭୯ ରନ୍ ଆବଶ୍ୟକ ହେଉଥିଲା। ସେ ଏହି ସମୟରେ ୩୨ ବଲ୍‌ରେ ଅପରାଜିତ ୪୨ ରନ୍ କରିଥିଲେ। ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୧୪ ରନ୍ ଆବଶ୍ୟକ ହେଉଥିଲାବେଳେ ସେ ୧୩ ରନ୍ ସଂଗ୍ରହ କରିଥିଲେ। ସୁଜି ବେଟ୍ସ ବୋଲିଂ କରିଥିବା ଏହି ଓଭରରେ ସେ ୨ଟି ଛକା ମାରିଥିଲେ। ଏହା ପୂର୍ବରୁ ଏଠାରେ ୯୯ ଓଭର ବୋଲିଂ ହୋଇଥିଲେ ମଧ୍ୟ ଗୋଟିଏ ହେଲେ ଛକା ହୋଇ ନ ଥିଲା। ରେନେକେ ତାଙ୍କ ଡେବ୍ୟୁ ମ୍ୟାଚ୍‌ରେ ଦଳକୁ ଜିତାଇବା ସହ ବିଜୟକୁ ସ୍ମରଣୀୟ କରିପାରିଛନ୍ତି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଠିକ୍ ୫୦ ଓଭରରେ ୨୬୮ ରନ୍ କରିଅଲଆଉଟ ହୋଇଥିଲା। ଦଳର ମ୍ୟାଡି ଗ୍ରିନ୍ ସର୍ବାଧିକ ୮୫ ରନ୍ କରିଥିଲେ। ପିଚ୍‌ରୁ ହେଉଥିବା ସୁଇଂରୁ ଫାଇଦା ଉଠାଇ ଦକ୍ଷିଣ ଆଫ୍ରିକାର ମିଡିୟମ୍ ପେସର ଆୟାବୋଙ୍ଗା ଖାକା ୫୬ ରନ୍‌ରେ ୬ ୱିକେଟ ନେଇ ନ୍ୟୁଜିଲାଣ୍ଡର ସର୍ବାଧିକ କ୍ଷତି ଘଟାଇଥିଲେ। ୨୬୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆନେରୀ ଡେରେକ୍‌ସନ ୭୨ ଓ ସୁନ୍ ଲୁସ୍ ୫୩ ରନ୍ କରି ବିଜୟର ମୂଳଦୁଆ ପକାଇଥିଲେ। ଏମାନଙ୍କ ପରେ ନାଦିନ ଡି କ୍ଲେର୍କଙ୍କ ୩୯ ବଲ୍‌ରେ ୩୯ ଓ ଡେବ୍ୟୁଟାଣ୍ଟ ରେନେକେଙ୍କ ୩୨ ବଲ୍‌ରେ ଅପରାଜିତ ୪୨ ରନ୍ ବଳରେ ଦକ୍ଷିଣ ଆଫ୍ରିକା ଶେଷ ବଲରେ ୮ ୱିକେଟ ହରାଇ ବିଜୟୀ ହୋଇଥିଲା। ପୂର୍ବରୁ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ନ୍ୟୁଜିଲାଣ୍ଡ ୪-୧ରେ ଜିତିଥିଲା। ରେନେକେଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲାବେଳେ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ୱେଲିଂଟନ୍‌ରେ ଏପ୍ରିଲ ୧ ତାରିଖରେ ଖେଳାଯିବ।

## ● ଓସିଏ କ୍ଲବ ଲିଗ୍: ପ୍ରଶାନ୍ତଙ୍କ ଶତକ; ବାରବାଟୀ ବିଜୟୀ

ଭୁବନେଶ୍ୱର, ୨୯ ।୩ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗରେ ରବିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ରେଭେନସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ଏକ ମ୍ୟାଚରେ ବାରବାଟୀ କଲଚୁରାଲ କ୍ଲବ ୧୮୫ ରନରେ କିଶୋର କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବାରବାଟୀ ଦଳ ୫୦ ଓଭରରେ ୮ ୱିକେଟ ହରାଇ ୪୮୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମରୋଜୁ ପ୍ରଶାନ୍ତ ୧୮୬ ରନର ମାରାଥନ ଶତକୀୟ ପାଳି ଖେଳିଥିଲେ। ଜବାବରେ କିଶୋର କ୍ଲବ ଭଗବନ୍ତ ସିଂହ (୧୦୮)ଙ୍କ ଶତକ ସତ୍ତ୍ୱେ ୬ ୱିକେଟରେ ୨୯୬ ରନ କରିବାକୁ ସମର୍ଥ ହୋଇଥିଲା। ଦିବସରେ ଅନୁଷ୍ଠିତ ଅନ୍ୟ ଦୁଇଟି ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୮ ୱିକେଟରେ ଓଜିପି କ୍ଲବକୁ ଏବଂ ରୟାଲ୍ କ୍ଲବ ୪ ୱିକେଟରେ ରାଇଜିଂ ଷ୍ଟାର କ୍ଲବକୁ ପରାସ୍ତ କରିଛି। ରୟାଲ କ୍ଲବର ଶାନ୍ତନୁ ମିଶ୍ର (୬୧ ରନ) ଓ ରାଇଜିଂ ଷ୍ଟୁଡେଣ୍ଟସର ସୌମ୍ୟରଞ୍ଜନ ଲେଙ୍କା (୪ ୱିକେଟ) ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ: କ୍ୱାର୍ଟରରେ ଗ୍ରୀନ୍ସ, ଟାଉନ୍ କ୍ଲବ୍





ଭୁବନେଶ୍ୱର,୨୯।୩(ସମିସ): ଭୁବନେଶ୍ୱରର ଟାଉନ୍ କ୍ଲବ୍ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୧୭ ବର୍ଷରୁ କମ୍ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଖେଳାଯାଇଥିବା ପ୍ରଥମ ତଥା ଟୁର୍ଣ୍ଣାମେଣ୍ଟର ତୃତୀୟ ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଟାଉନ୍ କ୍ଲବ୍ ୬୨ ରନ୍‌ରେ ହାଇ ଟେକ୍ ଟିମ୍‌କୁ ହରାଇଥିଲା। ଦଳ ପକ୍ଷରୁ ୫୩ ବଲ୍‌ରେ ୬୩ ରଥ କରିଥିବା ଇଶାନ ମହାପାତ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଦଳର ପ୍ରିୟାଂଶୁ ଦାସ ଓ ସରୁନ ଲିମା ୩ଟି ଲେଖାଏଁ ୱିକେଟ ପାଇଥିଲେ। ପ୍ରତିପକ୍ଷ ଦଳର ଭବତୋଷ ବିଶ୍ୱାଳଙ୍କୁ ୪ଟି ୱିକେଟ ମିଳିଥିଲେ ମଧ୍ୟ ସେ ଦଳକୁ ଜିତାଇ ପାରି ନ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଗ୍ରୀନ୍ସ ଏକାଡେମୀ ୭ ରନ୍‌ରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଗ୍ରୀନ୍ସ ୯ ୱିକେଟରେ ୧୦୨ ରନ୍ କରିଥିଲା। ପ୍ରଗତିର ସ୍ୱସ୍ତିକ ଦେହୁରୀ ୫ଟି ୱିକେଟ ପାଇଥିଲେ। ଜବାବରେ ଅସିମ ବରାଡଙ୍କ ୩୭ ରନ୍ ସତ୍ତ୍ୱେ ସମାନ ସଂଖ୍ୟକ ୱିକେଟ ହରାଇ ୯୫ ରନ୍ କରିପାରିଥିଲା। ବିଜୟୀ ଗ୍ରୀନ୍ସ ପକ୍ଷରୁ ୪ ଓଭରରେ ୧୭ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ ନେଇଥିବା ଆର୍ଯ୍ୟ ମହାନ୍ତିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS